# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 147 | ଭାଗ ୩୩ | ସଂଖ୍ୟା ୧୪୭ | Bhubaneswar | Monday 18 August 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୧୮ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜେପି ଉପରେ ବର୍ଷିଲେ ଖଡଗେ

ପୃଷ୍ଠା ୪

## ସିପି ରାଧାକ୍ରିଷ୍ଣନ ପରବର୍ତ୍ତୀ ଉପରାଷ୍ଟ୍ରପତି !

### ବୈଠକ ପରେ ନାମ ଘୋଷଣା କଲା ଏନ୍‌ଡିଏ

### ସଂଖ୍ୟା ଗଣିତରେ ବିଜୟ ଏକ ପ୍ରକାର ନିଶ୍ଚିତ



**ନୂଆଦିଲ୍ଲୀ,୧୭।୮:** ବିଜେପିର ବରିଷ୍ଠ ନେତା ତଥା ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି । ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏନେଇ ଆଜି ଔପଚାରିକ ଘୋଷଣା କରିଛନ୍ତି। ରାଧାକ୍ରିଷ୍ଣନ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ରାଜନୀତି ଓ ସାମାଜିକ ଜୀବନରେ ସକ୍ରିୟ ଅଛନ୍ତି । ତାମିଲାନାଡୁ ରାଜନୀତିରେ ତାଙ୍କୁ ସମ୍ମାନିତ ବ୍ୟକ୍ତିତ୍ୱ ରୂପେ ଦେଖାଯାଏ। ଶ୍ରୀ ରାଧାକୃଷ୍ଣନ ଗତ ବର୍ଷ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳଭାବେ ଶପଥ ନେଇଥିଲେ। ତାପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ । ସେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପି ସଭାପତି ଥିଲେ । ବିଜେପିକୁ ଆସିବା ପୂର୍ବରୁ ସେ ଆରଏସଏସର ଜଣେ ପ୍ରଚାରକ ଥିଲେ ।

ସିପି ରାଧାକ୍ରିଷ୍ଣନଙ୍କ ଜନ୍ମ ୧୯୫୭ ଅକ୍ଟୋବର ୨୦ରେ ତାମିଲନାଡୁର ତିରୁପୁର ଜିଲ୍ଲାରେ ହୋଇଥିଲା । ସେ ବିଜ୍‌ନେସ୍ ଆଡମିନିଷ୍ଟ୍ରେସନରେ ସ୍ନାତକ ହାସଲ କରିଥିଲେ । ତାଙ୍କର ରାଜନୈତିକ ଯାତ୍ରା ଆରଏସ୍‌ଏସ୍‌ରୁ ଆରମ୍ଭ ହୋଇଥିଲା । ୧୯୭୪ରେ ସେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରିଣୀ ସମିତିର ସଦସ୍ୟ ହୋଇଥିଲେ ।

୧୯୯୬ରେ ବିଜେପି ତାଙ୍କୁ ତାମିଲନାଡୁରେ ପାର୍ଟିର ସମ୍ପାଦକ ନିଯୁକ୍ତ କରିଥିଲା । ଏହା ପରେ ୧୯୯୮ରେ କୋଏମ୍ବଟୁରରୁ ପ୍ରଥମ ଥର ଲୋକସଭା ସାଂସଦ ନିର୍ବାଚିତ ହୋଇଥିଲେ । ୧୯୯୯ ପୁଣି ଥରେ ବିଜୟର ପତାକା ଉଡାଇଥିଲେ । ଅଟଳ ବିହାରୀ ବାଜପେୟୀ ସରକାର ସମୟରେ ତାଙ୍କୁ ସଂସଦରେ ଟେକ୍ସଟାଇଲ୍ ପାଇଁ ସ୍ଥାୟୀ ସମିତିର ଅଧ୍ୟକ୍ଷ କରାଯାଇଥିଲା । ପରେ ପିଏସୟୁ ସମିତି, ଆର୍ଥିକ ପରାମର୍ଶ ସମିତି ଓ ସେୟାର ବଜାର ଦୁର୍ନୀତିର ଯାଞ୍ଚ ପାଇଁ ବିଶେଷ ସମିତିର ସଦସ୍ୟ ରହିଥିଲେ । ୨୦୦୪ରେ ସେ ଜାତିସଂଘ ମହାସଭାକୁ ବିଜେପି ସଂସଦୀୟ ଦଳର ସଦସ୍ୟ ଭାବେ ସମ୍ବୋଧନ କରିଥିଲେ । ଏହା ସହ ତାଇୱାନ ଗସ୍ତ କରିଥିବା ପ୍ରଥମ ସଂସଦୀୟ ପ୍ରତିନିଧିମଣ୍ଡଳର ସଦସ୍ୟ ମଧ୍ୟ ଥିଲେ । ଏହା ପରେ ସେ ୨୦୦୪ରୁ ୨୦୦୭ ➪ପୃଷ୍ଠା-୬

## ଆଇସିୟୁରେ ନବୀନ

### ସମ୍ ଅଲଟିମେଟ୍‌ରେ ଚିକିତ୍ସାଧୀନ

- ଡିହାଇଡ୍ରେସନ ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି ହେଲେ
- ଆଶୁ ସୁସ୍ଥତା କାମନା କଲେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ
- ଭେଟିଲେ ବିଜେଡି ନେତା, ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା



**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ। ତାଙ୍କୁ ଆଜି ଅପରାହ୍ନ ୫ଟା ୧୫ ମିନିଟ୍ ସମୟରେ ଡିହାଇଡ୍ରେସନ ସମସ୍ୟା କାରଣରୁ ସ୍ଥାନୀୟ ସମ୍ ଆଲ୍ଟିମେଟ୍ ମେଡିକେୟାର୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେ ସ୍ଥିର ରହିଛି ଓ ସେ ଚିକିତ୍ସାରେ ଭଲ ଭାବରେ ସୁସ୍ଥ ହେଉଛନ୍ତି ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି।

ଗତ ଶୁକ୍ରବାର ସଂଧ୍ୟାରେ ନବୀନ ଅସୁସ୍ଥ ଅନୁଭବ କରିବାରୁ ଏକ ଡାକ୍ତରୀ ଟିମ୍ ନବୀନ ନିବାସରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସକାଶେ ସେମାନେ ପରାମର୍ଶ ଦେବା ପରେ ନବୀନ ନିବାସରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ମାତ୍ର ଏହି ଖବର ପ୍ରଘଟ ହୋଇଯିବା ଆଶଙ୍କାରେ ନବୀନ ନିବାସ ପକ୍ଷରୁ ଶେଷ ମୁହୂର୍ତ୍ତରେ ହସ୍ପିଟାଲ୍ ନ ନେବା ସକାଶେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅଧିକ ଅବନତି ଘଟିବାରୁ ଶେଷରେ ନବୀନଙ୍କୁ ହସ୍ପିଟାରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ମୁମ୍ବାଇରୁ ଅସ୍ତ୍ରୋପଚାର ସାରି ଫେରିଥିଲେ ନବୀନ। ମୁମ୍ବାଇରୁ ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ପରେ ସେ ଭୁବନେଶ୍ୱର ଫେରିଥିଲେ। ତାଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ ନବୀନ ନିବାସକୁ ଡାକ୍ତରୀ ଦଳ ଯାଉଥିଲେ। ମୁମ୍ବାଇର କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ନବୀନ।

ଅସ୍ତ୍ରୋପଚାର ପରେ ନବୀନ ବେଶୀ କାହାକୁ ଭେଟୁନଥିଲେ। ନିର୍ବାଚନ ପରେ ସେ ସମୟେ ସମୟେ ଦଳୀୟ ବୈଠକ କରୁଥିଲେ। ଶଙ୍ଖ ଭବନ ମଧ୍ୟ ଯାଉଥିଲେ। ହେଲେ ମୁମ୍ବାଇରୁ ଫେରିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କଥା କୁହାଯାଉଥିଲେ ବି ପ୍ରାୟତଃ ଆଇସୋଲେସନରେ ଥିଲେ। ସଂକ୍ରମଣ ଆଶଙ୍କାରେ ସେ କାହାକୁ ଭେଟୁନଥିଲେ। ଏପରିକି ଗତ ସ୍ୱାଧୀନତା ଦିବସରେ ମଧ୍ୟ ସେ ପତାକା ଉତ୍ତୋଳନ ପାଇଁ ଶଙ୍ଖ ଭବନ ଯାଇନଥିଲେ।

ଅନ୍ୟପକ୍ଷରେ ଏନେଇ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଆଶୁ ସୁସ୍ଥତା କାମନା କରିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏନେଇ ଉଲ୍ଲେଖ କରିଛନ୍ତି ଯେ ନବୀନଙ୍କ ଅସୁସ୍ଥତା ଖବର ପାଇଲି। ତେବେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରୁଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ଏହାଛଡ଼ା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ସକାଶେ ସମ୍ ଅଲଟିମେଟ୍‌ରେ ପହଞ୍ଚିଥିଲେ ହେଁ ଆଇସିୟୁରେ ଥିବାରୁ ତାଙ୍କ ସହ ସାକ୍ଷାତ ସମ୍ଭବପର ହୋଇପାରିନଥିବା କହିଛନ୍ତି। ସେ ଗଣମାଧ୍ୟମକୁ ➪ପୃଷ୍ଠା-୬

## ନିର୍ବାଚନ କମିଶନ ଦେଲେ ସ୍ପଷ୍ଟୀକରଣ | ଭୋଟ ଚୋରି ଅଭିଯୋଗ ସମ୍ବିଧାନକୁ ଅସମ୍ମାନ





**ନୂଆଦିଲ୍ଲୀ,୧୭।୮ :** ନିର୍ବାଚନ କମିଶନ କୌଣସି ଦଳ ପାଇଁ ପକ୍ଷପାତିତା କରେ ନାହିଁ। ସବୁ ଦଳ ତାଙ୍କ ପାଇଁ ସମାନ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ନିର୍ବାଚନ କମିଶନ । କଂଗ୍ରେସର ଭୋଟ ଚୋରି ଘଟଣା ବା ପ୍ରସଙ୍ଗକୁ ମଧ୍ୟ ସେ ନିନ୍ଦା କରିଛନ୍ତି। କମିଶନ ସର୍ବଦା ଲୋକଙ୍କ ସହ ଛିଡ଼ା ହୋଇଛି ବୋଲି ମୁଖ୍ୟ ନିର୍ବାଚନ କମିଶନର ଜଣାଇଛନ୍ତି। କମିଶନ କାହାକୁ ଡରେନି ଓ ନିର୍ଭୀକ ଭାବରେ ଛିଡା ହୋଇଥିବା କଥା ମଧ୍ୟ ଜଣାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନ ।

ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ର ସାମ୍ବାଦିକ ସମ୍ମିଳନୀ ନୂଆଦିଲ୍ଲୀର ରାଇସିନା ରୋଡ୍‌ରେ ଥିବା ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଆଜି କରାଯାଇଛି । ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହି ସମୟରେ ଭୋଟରମାନଙ୍କୁ ଏକ ବାର୍ତ୍ତା ଦେଇ କହିଛନ୍ତି, ସମ୍ବିଧାନ ଅନୁଯାୟୀ, ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୁବକ ଓ ଯୁବତୀ ଭୋଟର ହୋଇ ଭୋଟ ଦେବା ଉଚିତ୍। ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ କମିଶନରେ ପଞ୍ଜିକରଣ ପରେ ହିଁ ଗଠିତ ହୁଏ। ଅଭିଯୋଗ ଆସିଥିବା ବିହାର ପ୍ରସଙ୍ଗରେ ମଧ୍ୟ ସ୍ପଷ୍ଟୀକରଣ ରଖିଛନ୍ତି । ବିହାରର ୭ କୋଟିରୁ ଅଧିକ ମତଦାତା କେବେ ପ୍ରଶ୍ନ କରି ନାହାଁନ୍ତି । ନିର୍ବାଚନ କମିଶନ ସହ ଛିଡା ହୋଇଛନ୍ତି ୭ କୋଟିରୁ ଅଧିକ ଭୋଟର । ଭୋଟ୍ ଚୋରି ଶବ୍ଦ ସମ୍ବିଧାନକୁ ଅପମାନ । ଭୋଟ୍ ଚୋରି ଭଳି ଭୁଲ୍ ଶବ୍ଦ ପ୍ରୟୋଗ କରି ଭ୍ରମିତ କରାଯାଉଛି । ଭୋଟରଙ୍କ ବିନା ଅନୁମତିରେ ଫଟୋ କେମିତି ସାମ୍ନାକୁ ଅଣାଗଲା ? ମାଆ,ଭଉଣୀଙ୍କ ସିସିଟିଭି ଭିଡିଓ ସାମ୍ନାକୁ ଆସିବା ଜରୁରୀ ? ଭାରତର ସମସ୍ତଙ୍କ ନାଗରିକ ମତଦାତା ହେବା ଆବଶ୍ୟକ ଏବଂ ମତଦାନ କରିବା ବି ଜରୁରୀ । ସବୁ ରାଜନୈତିକ ଦଳର ଜନ୍ମ ନିର୍ବାଚନ ଆୟୋଗଙ୍କ ରେଜିଷ୍ଟ୍ରେସନରୁ ହିଁ ହୋଇଥାଏ। ତା'ହେଲେ ସେ ସବୁ ରାଜନୈତିକ ଦଳ ଭିତରେ ଭେଦଭାବ କେମିତି କରିପାରିବେ ? ନିର୍ବାଚନ ଆୟୋଗ ପାଇଁ କେହି ପକ୍ଷ କି ବିପକ୍ଷ ନଥାନ୍ତି ବରଂ ସମସ୍ତେ ସମକକ୍ଷ ଥାଆନ୍ତି। ଗତ ୨୦ ବର୍ଷ ହେବ ଦେଶର ସବୁ ରାଜନୈତିକ ଦଳ ଗୁଡ଼ିକ ମତଦାତା ତାଲିକାରେ ତ୍ରୁଟି ସଂଶୋଧନ ପାଇଁ ଦାବି କରିଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ବିହାରରୁ ଏସଆଇଆରର କାର୍ଯ୍ୟକ୍ରମ ଆରମ୍ଭ କରିଛି ।

## ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ସରକାର ତତ୍ପର





**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜୟଦେବ ଭବନଠାରେ ରାଷ୍ଟ୍ରଦୀପର ଷଷ୍ଠ ପୂର୍ତ୍ତି ସମାରୋହ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ 'ରାଷ୍ଟ୍ରଦୀପ' ଓଡିଆ ସମ୍ବାଦପତ୍ର ଜଗତର ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା। ରାଷ୍ଟ୍ରଦୀପ ପରି ରାଷ୍ଟ୍ରୀୟ ବିଚାରଧାରା ପୋଷଣ କରୁଥିବା ଗଣମାଧ୍ୟମର ଭୂମିକା ଆଜିର ସମାଜ ପାଇଁ ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ରାଷ୍ଟ୍ରଦୀପ ପରି ଗଣମାଧ୍ୟମ ଯେତେ ସକ୍ରିୟ, ମୁଖର, ଶକ୍ତିଶାଳୀ ଓ ପ୍ରଭାବଶାଳୀ ହେବ, ତାହା ଦେଶ ଓ ରାଜ୍ୟ ପାଇଁ କଲ୍ୟାଣକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ସମସ୍ୟା ପ୍ରତି ମୁଁ ଓ ଆମ ସରକାର ଅବଗତ ଅଛୁ। ଏନେଇ ବିଭିନ୍ନ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ଦିଗରେ କ'ଣ କରାଯାଇପାରିବ, ସେଥିପ୍ରତି ସରକାର ସମ୍ବେଦନଶୀଳ ଓ ସମସ୍ୟାର ସମାଧାନ ପାଇଁ ସକ୍ରିୟତା ପୂର୍ବକ ଚିନ୍ତା କରୁଛନ୍ତି। ସାମ୍ପ୍ରତିକ ବିଭେଦମୟ ରାଜନୈତିକ ପରିସ୍ଥିତିରେ ରାଷ୍ଟ୍ରବାଦର ଶିଖାକୁ ପ୍ରଜ୍ୱଳିତ କରିବାରେ 'ରାଷ୍ଟ୍ରଦୀପ' ପରି ସ୍ୱରର ଅତ୍ୟନ୍ତ ଆବଶ୍ୟକତା ରହିଛି। ସମାଜରେ ଜାଗରଣ ଓ ସଚେତନତା ଆଣିବା ଗଣମାଧ୍ୟମର ପ୍ରମୁଖ କାର୍ଯ୍ୟ ହୋଇଥିବା ବେଳେ ଗତ ୬୦ ବର୍ଷ ଧରି ରାଷ୍ଟ୍ରଦୀପ ଏହି କାର୍ଯ୍ୟ ନିରନ୍ତର କରିଆସୁଛି। ଗଣମାଧ୍ୟମ ସମାଜର ଆଖି ଓ କାନ ପରି କାର୍ଯ୍ୟ କରିଥାଏ। ଗଣମାଧ୍ୟମ ଅଧିକରୁ ଅଧିକ ପାଠକ ବା ଦର୍ଶକ ସଂଖ୍ୟା ବୃଦ୍ଧି କରିବା ସହ ଅଧିକ ପେସାଦାର ମନୋଭାବ ନେଇ ତଥା ସମାଜ ପ୍ରତି ଦାୟିତ୍ୱବୋଧର ଭାବନା ନେଇ କାର୍ଯ୍ୟ କଲେ ଏହା ➪ପୃଷ୍ଠା-୬

## ପୁଲିସ୍ ପାଇଁ ପୁଣି ସରକାର ବଦନାମ

- କେମିତି ଭାଇରାଲ୍ ହେଲା ଜମାନବନ୍ଦୀ ବେଳର ଭିଡିଓ ?
- କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ଆରମ୍ଭ କଲା ତଦନ୍ତ
- ୨୦ ସୁଦ୍ଧା ସବୁକିଛି ସ୍ପଷ୍ଟ ହେବା ସମ୍ଭାବନା
- ଭାଇରାଲ ଭିଡିଓରେ ସତ୍ୟତା ନାହିଁ : ଏସ୍‌ପି



**ପୁରୀ,୧୭।୮(ସଂଚାର ବ୍ୟୁରୋ):** ବଳଙ୍ଗା ପୀଡ଼ିତାଙ୍କ ଜମାନବନ୍ଦୀ ସମୟର ଭିଡିଓ ଭାଇରାଲ୍‌କୁ ନେଇ ଏବେ ଉଠିଛି ପ୍ରଶ୍ନ। ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ପୀଡ଼ିତାଙ୍କ ଜମାନବନ୍ଦୀ ସମୟରେ ପୁଲିସ୍, ଡାକ୍ତର ଓ ମାଜିଷ୍ଟ୍ରେଟ୍ ଉପସ୍ଥିତ ଥାଆନ୍ତି। ପୀଡ଼ିତା ମୃତ୍ୟୁବରଣ କରିବା ପରେ ମାମଲାଟି ପୁଲିସ୍‌ର ବିଚାରାଧୀନ ଥିବାରୁ ଜମାନବନ୍ଦୀ ସମ୍ପର୍କିତ ସମସ୍ତ ଭିଡିଓ ଓ ତଥ୍ୟ କୋର୍ଟରେ ଦାଖଲ ହେବା କଥା। କିନ୍ତୁ ସେ ସମୟର ଭିଡିଓ ପୀଡ଼ିତା ମୃତ୍ୟୁବରଣ କରିବାର ପ୍ରାୟ ଦୁଇ ସପ୍ତାହ ପରେ କିଭଳି ପଦାକୁ ଆସୁଛି, ତାକୁ ନେଇ ପୁଲିସ୍ ବ୍ୟବସ୍ଥାର ସ୍ୱଚ୍ଛତା ସନ୍ଦେହ ଘେରକୁ ଆସିଛି। ଏହି ଭିଡିଓ ଭାଇରାଲ୍ ହେବା ପଛରେ ପରିବାର ଲୋକ ନା ଆଉ କିଏ, ତାକୁ ନେଇ ତନାଘନା ଆରମ୍ଭ କରିଛନ୍ତି ପୁରୀ ଏସ୍‌ପି।

ତେବେ ଭାଇରାଲ୍ ହୋଇଥିବା ଭିଡିଓରେ ପୀଡ଼ିତା ଜଣଙ୍କ ତାଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ସବିଶେଷ ତଥ୍ୟ ରଖିଛନ୍ତି। ଅନୌପଚାରିକ ଭାବେ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ଭିଡିଓଟି ଭୁବନେଶ୍ୱର ଏମ୍ସରେ ପୀଡ଼ିତା ଜଣଙ୍କ ଚିକିତ୍ସାଧୀନ ଥିବା ସମୟର। କାରଣ ମିଳୁଥିବା ତଥ୍ୟ ଅନୁଯାୟୀ, ଦିଲ୍ଲୀ ଏମ୍ସରେ ପୀଡ଼ିତା ଜଣଙ୍କ ଜମାନବନ୍ଦୀ ଦେଉଥିବା ସମୟରେ ତାଙ୍କ ତ୍ରୁଟି କଟାଯାଇଥିଲା। ଭିଡିଓରେ ଥିବା ତଥ୍ୟ ଅନୁସାରେ, ସେ ଘଟଣାଦିନ ସାଙ୍ଗ ଘରୁ ବହି ଧରି ନିଜ ଘରକୁ ଫେରୁଥିବା ବେଳେ ମୁହଁରେ ରୁମାଲ୍ ବାନ୍ଧି ବାଇକରେ ଆସି କେତେକ ଯୁବକ ତାଙ୍କ ମୁହଁରେ ରୁମାଲ ପକାଇ ବଡ଼ବନ୍ଧ ନିକଟସ୍ଥ ➪ପୃଷ୍ଠା-୬

### ଆଇଆଇଟି ଦିଲ୍ଲୀ ଛାତ୍ରଛାତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

## 'ଆତ୍ମନିର୍ଭର ଭାରତ' ପାଇଁ ଇନୋଭେସନ ଉପରେ ଗୁରୁତ୍ୱ

- ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ପ୍ରତିଷ୍ଠା ଦିବସରେ ଯୋଗଦେଲେ
- ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ଦକ୍ଷତାକୁ ଦିଆଯାଉଛି ସର୍ବୋଚ୍ଚ ପ୍ରାଥମିକତା



**ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଆଇଆଇଟି ଦିଲ୍ଲୀ ପରିଦର୍ଶନ କରିବା ସହ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚଡ଼ି ଛାତ୍ରଛାତ୍ରୀ, ଉଭାବକ ଏବଂ ଗବେଷକଙ୍କ ସହ ଆଲୋଚନା କରିଛନ୍ତି। ଏହାବ୍ୟତୀତ ଶ୍ରୀ ପ୍ରଧାନ ପୃଥକ ଭାବେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ)ର ୩୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶିକ୍ଷକ ସମୁଦାୟକୁ ସମ୍ବୋଧନ କରିଛନ୍ତି।

ଆଲୋଚନା ସମୟରେ ଶ୍ରୀ ପ୍ରଧାନ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଭାଷଣରେ ଦେଇଥିବା ଦୃଷ୍ଟିକୋଣ ସହ ସ୍ୱାବଲମ୍ବୀ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଦେଶକୁ ଆତ୍ମନିର୍ଭର କରିବା ଦିଗଗୁଡ଼ିକ ଉପରେ ମଧ୍ୟ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ପ୍ରାଥମିକତାକୁ ଗୁରୁତ୍ୱ ଦେବା ଦିଗରେ ସାମୂହିକ ଉଦ୍ୟମ କରିବା ତଥା ୨୦୪୭ ସୁଦ୍ଧା 'ସମୃଦ୍ଧ ଭାରତ'ର କଳ୍ପନାକୁ ପୂରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ଆକାଂକ୍ଷା, ଗବେଷଣାର କ୍ଷେତ୍ର ଉପରେ ପଚାରି ବୁଝିଥିଲେ। ଏଥିସହ ଦକ୍ଷତା ବୃଦ୍ଧି ଓ ନବସୃଜନର ସ୍ପିରିଟକୁ ଆଗକୁ ବଢ଼ାଇବା ଦିଗରେ ଶ୍ରୀ ପ୍ରଧାନ ତାଙ୍କର ମତାମତ ଦେଇଥିଲେ।

ସେ କହିଥିଲେ ଯେ ଆମର ଆଇଆଇଟିଗୁଡ଼ିକ 'ଆତ୍ମନିର୍ଭର ଭାରତ'ର ମୂଳଦୁଆ ହେବ। ଆମର ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଓ ଭାରତକୁ ସମାଧାନର ଏକ ବିଶ୍ୱ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ସରକାର ଦେଶର ଉଭାବକ ଓ ଗବେଷକଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗରେ ଆମର ପ୍ରତିଭାବାନ ଯୁବଶକ୍ତି ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ଉଦ୍ୟମିତାର ନୂଆ ନିୟମ ଲେଖିବେ ଏବଂ ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ନିର୍ମାଣ କରିବାରେ ➪ପୃଷ୍ଠା-୬



### କାନ ଡେରିଥା

ବ୍ରିଟିଶ ଶାସନ ଥିଲା ଏହିଭଳି
ଭାରତୀୟ ଥିଲେ ଛେଳି
ଆଜିର ମାନବ ଛେଳିକୁ ମାରନ୍ତି
ଇଂରାଜୀ କଂସେଇ ଭଳି
କାତିକୁ ମୁଣ୍ଡିଆ ମାରି...
ଦେଶ ସିନା ଆମ ସ୍ୱାଧୀନ ପାଇଛି
ନିରୀହ ପଡୁଛି ବଳି ।

■ ଦେବାଶିଷ

## ବାରବୁଲା ସାଂସଦଙ୍କ ପାଇଁ ଅକଳରେ ବିଜେଡି

### ନବୀନଙ୍କ ତଣ୍ଟିରେ ଲାଗିଛି 'ବିସ୍କୁଟ୍' କଣ୍ଟା



**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ବିଜେଡିର ଜଣେ ସାଂସଦ ଏବେ ସଭାପତି ଓ ତାଙ୍କ କ୍ରୀତଦାସ କାର୍ପେଟଦାରଙ୍କ ପାଇଁ ଅଜାଗା ବଥ ସଦୃଶ ହୋଇଛନ୍ତି। ଯେଉଁ ବଥକୁ ସଭାପତି ନା ନିଜେ ଦେଖିପାରୁଛନ୍ତି ନା କାହାକୁ ଦେଖେଇପାରୁଛନ୍ତି।

ବାର ଦୁଆର ବୁଲି ବୁଲି ଶେଷରେ ନବୀନଙ୍କ ଆଶୀର୍ବାଦରେ ସାଂସଦ ହେବାର ସୁଯୋଗ ପାଇଛନ୍ତି କିଛି ଅବାଞ୍ଛିତ ନେତା। ହେଲେ ଜିନ୍‌ଗତ ଦୋଷ କୁଆଡୁ ଯାଉଛି। ଏମିତିବି ପୂର୍ବ କୁକର୍ମ ତାଙ୍କ ପଛ ଛାଡୁନି। କେତେବେଳେ ତାଙ୍କର ସାଇକେଲ ମିସ୍ତ୍ରି ସହ ସମ୍ପର୍କ କଥା ତ କେତେବେଳେ ଗୌଡ଼ ପିଲା ସହ ଫେରାର ହେବା କଥା ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି। ସେଥିରେ ପୁଣି 'ଶହେ ମୂଷା ମାରି ବିଲେଇ ତୀର୍ଥ ଯିବା' ପରି ସେଇ ଆତ୍ମଘୋଷିତ 'ବହୁରୂପୀ' ସାଂସଦ ଏବେ ମିଡିଆକୁ କଥାକଥାକେ ଦୋଷ ଦେବାରେ ଲାଗିଛନ୍ତି।

ପରବୁଦ୍ଧିଆ ଏଇ ସାଂସଦଙ୍କ ଚରିତ୍ରକୁ ସମାଲୋଚନା କରିବାକୁ ଯାଇ କିଛି ରାଜନୈତିକ ସମୀକ୍ଷକ କୁହନ୍ତି ଯେ ବିଜେଡି ସରକାରରେ ନବୀନଙ୍କ କ୍ରୀତଦାସ କାର୍ପେଟଦାରମାନେ ଗଣମାଧ୍ୟମ ସଂସ୍ଥାର ମାଲିକଙ୍କ ତଣ୍ଟିରେ ଖୋଜ ପକେଇ ସତ ଚାପିବାକୁ ବାଧ୍ୟ କରୁଥିଲେ। ସେ ସମୟରେ ମିଡିଆକୁ ବନ୍‌ସୀ କଣ୍ଟାରେ ବାନ୍ଧି ନବୀନଙ୍କୁ ହିରୋ ବନାଯାଇଥିଲା। ଏ କଥା ବୋଧେ ବିଜେଡିର 'ବିସ୍କୁଟଖିଆ' ସାଂସଦଙ୍କୁ ଦେଖାଯାଉନଥିଲା । ତେଣୁ ସେତେବେଳେ ମିଡ଼ିଆ ତାଙ୍କ ଭାଷାରେ ନିରପେକ୍ଷ ଥିଲା। ଏବେ ମିଡ଼ିଆ ବିଜେଡି ନେତାଙ୍କ ଚରିତ୍ର ପଞ୍ଜିକା ଖୋଲୁଥିବାରୁ ଏଭଳି "ଅଇଁଠାଖିଆ" ନେତାଙ୍କ ମରମକୁ ଭାରି ବାଧୁଛି। ସବୁଦୋଷ ମିଡ଼ିଆ ଉପରକୁ ଠେଲି ଦେଇ ନିଜେ ଝାଡ଼ି ହେଇଯାଉଛନ୍ତି । ବୋଧହୁଏ ଏଇ ବାରବୁଲା ନେତାମାନେ ଜାଣନ୍ତିନି ମିଡ଼ିଆ ସବୁବେଳେ ଦୁଇ ପଟ ଧାର ଥିବା ଖଣ୍ଡା ପରି । ଥରେ ତଣ୍ଟିରେ ଲାଗିବାର ସୁଯୋଗ ପାଇଲେ ସହଜେ ଛାଡ଼େ ନାହିଁ।

ସମୀକ୍ଷକଙ୍କ ମତରେ ନୀତି ନୈତିକତା ନ ଥିବା ନେତାମାନେ ସାଧାରଣରେ ନିଜ ଛବିକୁ ସଫାସୁତରା ଦର୍ଶାଇବାକୁ ମିଡିଆ ଉପରେ ଦୋଷ ଲଦିବା ସ୍ୱାଭାବିକ। ହେଲେ 'ପବ୍ଲିକ ସବ୍ ଯାନ୍‌ତା ହୈ' ପରି ତାଙ୍କ ଜିଲ୍ଲାର ଭୋଟରମାନେ ଜାଣନ୍ତି ଏହି 'ବିସ୍କୁଟଖିଆ' ନେତାଙ୍କ ପାଇଁ କାହା ପିଣ୍ଡାରେ କେତେ ଥର ଗୋବର ପାଣି ଛିଞ୍ଚା ହୋଇଛି।

## ଅରୁଣ ଓ ରାଜାଙ୍କ ଭିନ୍ନ ଗୋଠ





**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ବିଜେଡି କ୍ଷମତାରୁ ଯିବା ପରେ ଦଳରେ ବିଭିନ୍ନ ପ୍ରକାର ବିଲକ୍ଷଣ ଦେଖିବାକୁ ମିଳୁଛି। କିଏ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଛି ତ ଆଉ କିଏ କ୍ଷମତାକେନ୍ଦ୍ର ବିରୋଧରେ ବିକ୍ଷୋଦଗାର କରିବାକୁ ପଛାଉନାହାନ୍ତି। କିଛି ନେତା ଗୋଠଖଣ୍ଡିଆ ହେଇ ବୁଲିବା ଆରମ୍ଭ କଲେଣି। ଯେମିତିକି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁ।

ବିଜେଡିର ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଦିନ ଅରୁଣ ଆନ୍ଦୋଳନସ୍ଥଳରେ ଥିବା ବେଳେ ରାଜା ସ୍ୱାଇଁ ସମସ୍ତଙ୍କଠୁ ଅଲଗା ହୋଇ ବୁଲୁଥିଲେ। ସେ ଓ ସୌଭିକ ବିଶ୍ୱାଳ ଏକା ଏକା ଲୋକସେବା ଭବନ ଆଡେ ଯାଉଥିବା ବେଳେ ଗିରଫ ହୋଇଥିଲେ। ଏମିତି ବି ରାଜା ସ୍ୱାଇଁଙ୍କୁ ଆଉ ଶଙ୍ଖ ଭବନ ବୈଠକରେ ଦେଖିବାକୁ ମିଳୁନି। ରାଜା ସ୍ୱାଇଁ ଅଧିକ ସମୟ ଧରି ନେତାଙ୍କ ଗୁଡ୍‌ବୁକରେ ରହିପାରନ୍ତିନି। ➪ପୃଷ୍ଠା-୬

## ୬୫ ବର୍ଷ ପରେ ସମବାୟ ସମିତିକୁ ସ୍ଥାୟୀ ପଟ୍ଟା
### ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଚାଷୀ



**ମହାକାଳପଡ଼ା,୧୭।୮(ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡକୁଳ ପଞ୍ଚାୟତର ବେନୁପାଳ ସମବାୟ ସମିତିର ସ୍ଥାୟୀ ପଟ୍ଟା ନଥିବାରୁ ନିଜସ୍ୱ ଗୃହ ନିର୍ମାଣ ହୋଇ ପାରୁନଥିଲା । ଯାହାଦ୍ୱାରା କୃଷକ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ୭୯ତମ ସ୍ୱାଧିନତା ଦିବସ ଉପଲକ୍ଷେ ମହାକାଳପଡ଼ା ସମ୍ମିଳନୀ କକ୍ଷରେ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଉକ୍ତ ସମବାୟ ସମିତିର ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି। ଯାହାଦ୍ୱାରା ଏହି ସମିତିର ନିଜସ୍ୱ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ହୋଇପାରିବ। ଯାହା ବିଗତ ଦିନରେ ଦୀର୍ଘ ୬୫ ବର୍ଷରେ ସମ୍ଭବ ହୋଇନଥିଲା ତାହା ଆଜି ବିଧାୟକଙ୍କ ପାଇଁ ସମ୍ଭବ ହୋଇ ପାରିଛି ବୋଲି ଉକ୍ତ ସମବାୟ ସମିତିର ସମ୍ପାଦକ ଚିତ୍ତାନନ୍ଦ ଦାସ କହିଛନ୍ତି।

## ବାଲି ଚୋରାଚାଲାଣ, ଦୁଇ ଟ୍ରାକ୍ଟର ଜବତ



**ଗରଦପୁର,୧୭।୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ତହସିଲ ଅନ୍ତର୍ଗତ ତଳଗାଁ ଲୁଣା କାରାଣ୍ଡିଆ ନଦୀ ପଠାରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ବେଳେ କୁଦାନଗରୀ ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ପ୍ରଶାସନର କଡ଼ା ନଜର ରଖିଛି। କୁଦାନଗରୀ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ବାଲି ମାଫିଆଙ୍କ ଏକ ବୃହତ ଚୋରା ଚାଲାଣ ରୋକିବାରେ ସଫଳ ହୋଇଛି। ତଳଗାଁ ଲୁଣା କାରାଣ୍ଡିଆ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ଚାଲାଣ ହେଉଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରୁ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଡ୍ରାଇଭର ଫରାର ଥିବା ସୂଚନା ମିଳିଛି। ଏହି ଅଞ୍ଚଳରେ ବେଆଇନ ବାଲିଉତ୍ତୋଳନ ଏକ ଗୁରୁତର ସମସ୍ୟା ହୋଇପଡ଼ିଛି, ଯାହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ସରକାରୀ ରାଜସ୍ୱରେ ମଧ କ୍ଷତି ଘଟାଉଛି। ପୂର୍ବରୁ ମଧ ଏହାପରି ଘଟଣା ମାର୍ଶାଘାଇ ତହସିଲ ଅଞ୍ଚଳରେ ଦେଖାଦେଇଥିଲା, ଯେଉଁଠାରେ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ବାଲି ମାଫିଆଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିଥିଲା।କୁଦାନଗରୀ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ତେବେ, ବାଲି ମାଫିଆଙ୍କ ବିରୋଧରେ ଆହୁରି କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ପୁଲିସ ଏହି ମାମଲାରେ ଆଗକୁ ତଦନ୍ତ ଜାରି ରଖିଛି ଏବଂ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ପଲେଇ ପଞ୍ଚାୟତ ଭବନ ଉଦ୍‌ଘାଟିତ



**ଡେରାବିଶ,୧୭।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ପଞ୍ଚାୟତ ଭବନ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅକ୍ଷୟ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଗ୍ରାମସଭା କାର୍ଯ୍ୟକ୍ରମ କରାଇଥିଲେ। ପରେ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପଞ୍ଚାୟତ ଭବନ ଲୋକାର୍ପିତ ହୋଇଥିଲା। ସରପଞ୍ଚ ଶ୍ରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଡେରାବିଶ ପଞ୍ଚାଯତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ପଞ୍ଚାୟତ ଭବନକୁ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସମିତି ସଭ୍ୟା ତୃପ୍ତିମୟୀ ଜେନା ଯୋଗଦେଇ ଏହି ଭବନ ଲୋକାର୍ପଣ ଦ୍ୱାରା ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଆଶା ଓ ଆକାଂକ୍ଷା ପୂରଣ ହୋଇଥିବା କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଦୀପ୍ତିମୟୀ ସାମଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଏଡିଇଓ ଖଗେଶ୍ୱର ମିଶ୍ର, ସାରଦା ପ୍ରସାଦ ଶର୍ମା, ରଶ୍ମିରଞ୍ଜନ ଶର୍ମା, ଦିଲୀପ କୁମାର ନାଥ, ରବିନାରାୟଣ ସୂତାର ଓ ସରୋଜ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦ୍ରାପଡା ଅର୍ବାନବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ




**କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ):**କେନ୍ଦ୍ରାପଡ଼ା ଅର୍ବାନ କୋପରେଟିଭ ବ୍ୟାଙ୍କର କଜଳାସ୍ଥିତ ମୁଖ୍ୟକାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ପରିଡ଼ା ଜାତୀୟ ପତାକା ଉତୋଳନ କରିଥିଲେ । ବ୍ୟାଙ୍କର ସିଇଓ ଭାଗ୍ୟ ଲକ୍ଷ୍ମୀ ପଣ୍ଡା ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ବ୍ୟାଙ୍କ କର୍ମଚାରୀଙ୍କ କଠିନ ପରିଶ୍ରମ ଯୋଗୁ ବ୍ୟାଙ୍କ ଆଜି ରାଜ୍ୟରେ ଲଗାତାର ତୃତୀୟ ଥର ପାଇଁ ଶ୍ରେଷ୍ଠ ପୁରସ୍କାର ପାଇପାରିଛି । ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ବ୍ୟାଙ୍କ ଆଜି ଦ୍ରୁତ ଗତିରେ ଆଗେଇଚାଲିଛି । ଆଗାମୀ ଦିନରେ ଗୁରୁପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଏହି ବ୍ୟାଙ୍କ ଆହୁରୀ ଆଗକୁ ମାଡି ଚାଲିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ଶିଦ୍ଧାର୍ଥ ଶଙ୍କର ଜେନା, ବିଧୁଭୂଷଣ ମହାପାତ୍ର, ପ୍ରଫେସର ନନ୍ଦକିଶୋର ପରିଡା, ବ୍ୟାଙ୍କର ବରିଷ୍ଠ ଅଧିକାରୀ ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ଭଞ୍ଜକିଶୋର ଜେନା, ହିମାଂଶୁ ଲେଙ୍କା, ଆଦିତ୍ୟ ଶତପଥୀ, ଲଲାଟେନ୍ଦୁକେଶରୀ ଦାସ, ମୀନାକ୍ଷୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

### ଭୋଟର ତାଳିକାରେ ତ୍ରୁଟି
# ୮୬ ବଦଳରେ ଦେଖାଉଛି ୭୩, ମିଳିପାରୁନି ବର୍ଦ୍ଧିତ ଭତ୍ତା

**ମହାକାଳପଡ଼ା,୧୭।୮ (ସଂଚାର ବ୍ୟୁରୋ):** ଅନଲାଇନ୍ ଭୋଟର ତାଲିକାରେ ତ୍ରୁଟି ଯୋଗୁଁ ଜଣେ ୮୬ ବର୍ଷୀୟ ବୃଦ୍ଧା ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ତାଙ୍କ ପାଖରେ ଥିବା ଭୋଟର କାର୍ଡ ଓ ଆଧାର କାର୍ଡରେ ବୟସ ୮୬ ହୋଇଥିଲା ବେଳେ ଅନଲାଇନ୍ ଭୋଟର ତାଲିକାରେ ବୟସ ହେଉଛି ୭୩। ଯାହାକୁ ନେଇ ବୃଦ୍ଧା ଜଣଙ୍କ ଚିନ୍ତାରେ ପଡ଼ିଛନ୍ତି।

ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ମହାକାଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ। ଗ୍ରାମର ଧ୍ରୁବ ସୂତାରଙ୍କ ପତ୍ନୀ ମାଳତୀ ସୂତାର ଜଣେ ୮୬ ବର୍ଷୀୟ ବୃଦ୍ଧା। ଅଣ୍ଟା ନଇଁ ଗଲାଣି। କଥା କହିବାକୁ ଶକ୍ତି ପାଉନି। ହେଲେ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ତାଙ୍କ ଅନଲାଇନ୍ ଭୋଟର ତାଲିକାରେ ତ୍ରୁଟି ଯୋଗୁଁ ବୟସ ହୋଇଥିଲେ ମଧ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇପାରୁ ନାହାନ୍ତି। ତାଙ୍କ ପାଖରେ ଥିବା ଭୋଟର କାର୍ଡ ନମ୍ବର ଓଆର/୦୫/୦୩୨/୩୩୨୧୯୪ ଓ ଆଧାର କାର୍ଡରେ ଜନ୍ମ ବର୍ଷ ରହିଛି ୧୯୩୯। ତଦନୁଯାୟୀ ମାଳତୀଙ୍କୁ ବୟସ ୮୬ ବର୍ଷ। ହେଲେ ତାଙ୍କ ଅନଲାଇନ୍ ଭୋଟର ତାଲିକା ଦର୍ଶାଉଛି ୭୩ ବର୍ଷ। ଜଣେ ହିତାଧିକାରୀଙ୍କ ବୟସ ଭିନ୍ନ ଭିନ୍ନ ଯୋଗୁଁ ସେ ବାସ୍ତବରେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ ତାଙ୍କୁ ବର୍ଦ୍ଧିତ ଭତ୍ତା ଆଜି ପର୍ଯ୍ୟନ୍ତ ମିଳି ପାରୁ ନାହିଁ।

ଏଠି ପ୍ରଶ୍ନ ଜଣେ ବ୍ୟକ୍ତିଙ୍କର ବୟସ ବ୍ୟବଧାନରେ ୧୩ ବର୍ଷର ପାର୍ଥକ୍ୟ ଆସିଲା କେମିତି? ସରକାରଙ୍କ ତହବିଲରୁ ଟଙ୍କା ନେଇ ଭୋଟର ତାଲିକା ସଂଶୋଧନ ପାଇଁ ଯାଇଥିବା ବିଏଲଓ ଗଞ୍ଜେଇ ଖାଇ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ କି? ସେମାନଙ୍କ ଖାମଖିଆଲି ମନୋଭାବ ପାଇଁ ଆଜି ଜଣେ ୮୬ ବର୍ଷୀୟ ବୃଦ୍ଧା ତାଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ଅଛନ୍ତି। ତୁରନ୍ତ ପ୍ରଶାସନ ଏହି ଘଟଣାରେ ଦୃଷ୍ଟି ଦେଇ ଭୋଟର ତାଲିକା ସଂଶୋଧନ କରାଇଲେ ବୃଦ୍ଧା ଜଣଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇପାରନ୍ତେ।



## କଂଗ୍ରେସରେ ଯୋଗଦେଲେ ଅନ୍ୟଦଳର ଶତାଧିକ କର୍ମୀ



**ସାଲେପୁର,୧୭।୮ (ସଂଚାର ବ୍ୟୁରୋ):** ଆଜି ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରେ ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ ବିଜେଡି କର୍ମୀ ଓ କଟକ ଜିଲ୍ଲାରୁ ଶତାଧିକ ଅନ୍ୟ ଦଳର କର୍ମୀ ଆଜି ପିସିସି କାର୍ଯ୍ୟାଳୟରେ ସଭାପତି ଭକ୍ତ ଚରଣ ଦାସ, ଅଜୟ କୁମାର ଲଲ୍ଲୁ, ସନ୍ତୋଷ ସିଂ ସାଲୁଜା, କଟକ ଜିଲ୍ଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ସାମିଲ ହୋଇଥିବା ଜଣାଯାଇଛି। ନୂତନ ଭାବରେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ନୂତନ ଭାବରେ କଂଗ୍ରେସ ଦଳରେ ସାମିଲ ହୋଇଥିବା କର୍ମୀମାନେ ଯୁବନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାପାଇଁ ବଜ୍ର ଶପଥ ନେଇଥିଲେ।

## ୧୧କେଭି ତାର ଯୋଗୁଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ

**ସାଲେପୁର,୧୭।୮ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ନଇଗୁଆଁ ଗ୍ରାମପଞ୍ଚାୟତର ନଇଗୁଆଁ ରାଜସ୍ୱ ଗ୍ରାମରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଓ ଅନୁଦାନରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୨ମହଲା ବିଶିଷ୍ଟ କୋଠାଘର ନିର୍ମାଣ ନିମିତ୍ତ କଟକ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୫୩, ତା.୦୮।୦୧।୨୦୨୪ରିଖରେ ସାଲେପୁର ତହସିଲଦାରଙ୍କୁ ଆବଶ୍ୟକୀୟ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ତହସିଲଦାର ଅନୁସନ୍ଧାନ କରି ନଇଗୁଆଁ ମୌଜାରେ ଅନ୍ୟ କୌଣସି ସରକାରୀ ଜମି ନଥିବାରୁ ଖାତା ନଂ-୮୭୮, ପ୍ଲଟ୍ ନଂ-୧୪୫୫, ଉନ୍ନତ ଯୋଜନା ଯୋଗ୍ୟ କିସମ ଯୋଗାଇ ଦେଇଥିଲେ। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଟେଣ୍ଡର କରାଯାଇ



ଠିକାଦାର ଚୟନ କରାଯାଇଅଛି। ଉକ୍ତ ଉନ୍ନତ ଯୋଜନା କିସମ ଜମିରେ ବିଦ୍ୟୁତ୍ ବିଭାଗର ଇଲେଭେନ୍ କେଭି ଲାଇନ୍ ତାର ଯାଇଅଛି। ଏହି ତାରକୁ ସ୍ଥାନାନ୍ତର ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଟାଟା ପାୱାର ଟି.ପି.ସି.ଓ.ଡି. ଏଲ୍.ର ସାଲେପୁରଠାରେ ଅବସ୍ଥାପିତ ଅଧିକାରୀଙ୍କୁ ପତ୍ର ମାଧମରେ ଅବଗତ କରାଇଥିଲେ ମଧ ଅଦ୍ୟାବଧି ୧୧କେଭି ତାର ସ୍ଥାନାନ୍ତର ହୋଇପାରୁନାହିଁ। ଅପର ପକ୍ଷରେ ଠିକାଦାର ନିଅଁ ଖୋଳିବାର ୨ମାସ ଅତିବାହିତ ହୋଇଥିଲେ ମଧ ଠିକା କାର୍ଯ୍ୟ ବନ୍ଦ କରି ରଖିଛନ୍ତି। ଯାହା ଫଳରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଦିଗରେ କେନ୍ଦ୍ରସରକାର ଯେଉଁ ନୀତି ପ୍ରଣୟନ କରିଛନ୍ତି ତାହା ବାସ୍ତବ ରୂପରେ ପରିଣତ ହୋଇପାରୁନାହିଁ। ଟାଟା ପାୱାରର ଆନ୍ତରିକତାର ଅଭାବ ଯୋଗୁଁ କେନ୍ଦ୍ରସରକାରଙ୍କ ଯୋଜନା ସ୍ଥାଣୁ ହୋଇପଡ଼ିଛି। ଏଥିପାଇଁ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ସ୍ୱରୂପ ୧୧କେଭି ତାରକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

## ଏନ୍‌ଏସି ମାନ୍ୟତାରୁ ବାଦ୍ ପଡ଼ିବା ପ୍ରତିବାଦରେ ବିଜେଡିର ସାଲେପୁର ବନ୍ଦ ଡାକରା



**ସାଲେପୁର,୧୭।୮ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳ କଟକ ଜିଲ୍ଲାର ବହୁ ପୁରାତନ ସହର। ଏହି ସହରକୁ ତୁରନ୍ତ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦୀର୍ଘବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉପସ୍ଥାପନ କରାଯାଉଥିବାବେଳେ ଏଥର ମଧ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇନାହିଁ। ସମସ୍ତ ଭିତ୍ତିଭୂମି ଥାଇ ମଧ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ସାଲେପୁର ପ୍ରତି ବୈମାତୃକ ମନୋଭାବ ଯୋଗୁଁ ସରକାର ଅଦ୍ୟାବଧି ସାଲେପୁର ଅଞ୍ଚଳକୁ ଏନ୍‌ଏସି. ମାନ୍ୟତା ପ୍ରଦାନ କରିନାହାଁନ୍ତି। ଏହା ନେଇ ସାଲେପୁର ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ଦିନ ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ଘଣ୍ଟିଆ ସାଲେପୁର ବନ୍ଦ କରାଯିବାପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁଆ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସହର କଟକ ଜିଲ୍ଲାର ବହୁ ପୁରାତନ ସହର ହୋଇଥିବାବେଳେ ଏନ୍‌ଏସି ମାନ୍ୟତା ପାଇବା ପାଇଁ ସମସ୍ତ ଭିତ୍ତିଭୂମି ରହିଥିବାବେଳେ ଅଦ୍ୟାବଧି ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ସାଲେପୁର ପ୍ରତି ବୈମାତୃକ ମନୋଭାବ ଯୋଗୁଁ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇନାହିଁ ବୋଲି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅଭିଯୋଗ କରିବା ସହ ସରକାରଙ୍କ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ଯେଉଁ ପର୍ଯ୍ୟନ୍ତ ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇନାହିଁ, ସେପର୍ଯ୍ୟନ୍ତ ଏହି ଲଢ଼େଇ ଚାଲୁ ରହିବ ବୋଲି ସେ ପ୍ରକାଶ କରିବା ସହ ଆସନ୍ତା ୧୯ତାରିଖ ଦିନ ସାଲେପୁର ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସଫଳ କରିବାପାଇଁ ବିଭିନ୍ନ ସଂଗଠନ, ବ୍ୟବସାୟ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ବିପର୍ଯ୍ୟସ୍ତ ହୋଇପଡିଛି ନଳକୂପ
## ଦେହସାରା କଳଙ୍କି, ଗୁଡା ହୋଇଛି ଜରିଅଖା



**ମହାକାଳପଡ଼ା,୧୭।୮ (ସଂଚାର ବ୍ୟୁରୋ):** ନଳକୂପ ଶରୀର କଳଙ୍କି ରେ ଭର୍ତ୍ତି। ଚଟାଣ ଠାରୁ ଉପରକୁ ଗୁଡ଼ା ହୋଇଛି ଜରି ଅଖା। ଏମିତି ଅବସ୍ଥାରେ ଲୋକେ ସେହି ନଳକୂପରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ମହାକାଳପଡ଼ା ବ୍ଲକ ଅଧୀନ ଦେଉଳ ପଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳ ପଡା ଗ୍ରାମର ପଣ୍ଡା ସାହି ନିକଟରେ ଏହି ନଳକୂପ ବିପର୍ଯ୍ୟସ୍ତ ହୋଇପଡିଛି। ଦେହସାରା କଳଙ୍କି ଲାଗିବା ସହିତ ଜରି ଅଖା ବସ୍ତାରେ ନଳକୂପ କୁ ବନ୍ଧା ହୋଇଛି। ଏମିତି ପରିସ୍ଥିତିରେ ଲୋକେ ଏହି ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି। ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ବିପର୍ଯ୍ୟସ୍ତ ନଳକୂପର ମରାମତି କରିବାକୁ ଦାବି ହେଉଛି।

## ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅର୍କଏକାଡେମୀ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୧୭।୮ (ସଂଚାର ବ୍ୟୁରୋ):**ଅର୍କ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଲେଜ ପରିଚାଳନା ପରିଷଦର ଅଧକ୍ଷ ଅନୁଜ କୁମାର ପ୍ରଧାନ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ପ୍ରଫେସର ଡ. ସୁଜିତ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଗୟାଧର ଧଳ, ସମ୍ମାନୀତ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସଂଯୋଜକ ଡା. ଦେବଦୁର୍ଲଭ



ନାୟକ, କଲେଜ ଏକାଡେମିକ ଡାଇରେକ୍ଟର ପ୍ରଶନ୍ନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ । ଅତିଥି ଡା. ନାୟକ ସମ୍ପ୍ରତି ସମାଜରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଡ. ଆଚାର୍ଯ୍ୟ ବୈଷୟିକ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଶ୍ରୀ ଧଳ ସମ୍ପ୍ରତି ବୈଷୟିକ ଶିକ୍ଷାର ଆବଶ୍ୟକତା ତଥା ଛାତ୍ର ଜୀବନର ଶୃଙ୍ଖଳା ଏବଂ ଅଭିସନ୍ଧି ଉପରେ ଆଲୋକପାତ କରିଥିଲେ । ଅଧାପକ ସୁବ୍ରତ କୁମାର ପାତ୍ର ଅନୁଷ୍ଠାନର ଆଚରଣ ସଂହିତା ସମ୍ବନ୍ଧରେ ଅବଗତ କରାଇଥିଲେ । ଏହି ଉତ୍ସବରେ କଲେଜର ବିଭିନ୍ନ ବିଭାଗର ସମସ୍ତ ଅଧାପକ, ଅଧାପିକା, ସାଂସ୍କୃତିକ ବିଭାଗର ସଂଯୋଜକ ଓ ସଂଯୋଜିକା ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶୃଙ୍ଖଳା କମିଟି ମୁଖ୍ୟ ଉପସ୍ଥିତ ରହି ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅଧାପକ କଳ୍ପତରୁ ମିଶ୍ର ଓ ପୂଜାଶ୍ରୀ ସେଠୀ ମ ପରିଚାଳନା କରିଥିଲେ ।

## ଅଟଳ ସେନା ପକ୍ଷରୁ ଭାରତରତ୍ନ ବାଜପେୟୀଙ୍କର ଶ୍ରାଦ୍ଧ ଦିବସ ପାଳିତ




**ସାଲେପୁର,୧୭।୮ (ସଂଚାର ବ୍ୟୁରୋ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କର ୭ତମ ଶ୍ରାଦ୍ଧ ଦିବସ ଅଟଳସେନା ଓଡିଶା ତରଫରୁ ସାଲେପୁରସ୍ଥିତ ମା' ଶାରଳା ଠାକୁରାଣୀ ଙ୍କ ପୀଠ ରୋଧପୁର ଠାରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ବାଜପେୟୀଜିଙ୍କ ତୈଳଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଟଳ ସେନାର ମୁଖ୍ୟ ଉପଦେଷ୍ଟା ପ୍ରଫେସର ବ୍ରଜବନ୍ଧୁ ଚିନାରା ଯୋଗଦେଇ ଭାରତବର୍ଷରେ ବାଜପେୟୀଜୀ କିଭଳି ସହମତିଭିତ୍ତିକ ରାଜନୀତିର ପ୍ରବତକ ଥିଲେ ତାହା ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଅଟଳ ବୁଦ୍ଧିଜିବୀ ସଂଘର ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି ଅଟଳଜୀଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଓ ଭାରତ ପ୍ରଗତିର ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ବିପିନ ବିହାରୀ କର ଭାରତକୁ ବିଶ୍ୱଗୁରୁ କରିବାରେ ତାଙ୍କର ଅବଦାନ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ।

## କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ

**କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ):** ୭୯ତମ ସ୍ୱାଧୀନତା ଦିବସ କେମେଷ୍ଟ୍ରୀ ଡଗେଷ୍ଟ୍ରୀ ସଂଘ ଭବନରେ ଅନୁଷ୍ଠିତ ଖୁସି ଓ ଉଲ୍ଲାସର ଉତ୍ସବ ଭାବେ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାର କେମେଷ୍ଟ୍ରୀ ଡଗେଷ୍ଟ୍ରି ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ ସମ୍ପାଦକ ଗୋପୀନାଥ ବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମସ୍ତ ସଂଘ ସଦସ୍ୟ ଙ୍କୁ ସ୍ୱାଧୀନତା ଦିବସ ଉପରେ ବହୁ ଜ୍ଞାନ ପ୍ରଦାନ କରିଥିଲେ।




କେମେଷ୍ଟ୍ରୀ ଭବନରେ ସ୍ୱାଧୀନତା ଦିବସ ପାଳ ଅବସରରେ ଖୁସି ଓ ଆତ୍ମବିଭୋର ପରିବେଶକୁ ଦେଖି ପ୍ରଶଂସା କରିଥିଲେ । ସେମାନେ କହିଥିଲେ ଯେ ଏହା ସଂଘ ନୁହେଁ ଏକ ପରିବାର ଭଳି ମନେ ହେଉଛି । ସଭାପତି ପ୍ରଫୁଲ୍ଲ କୁମାର ସାହୁ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ଦାଶ ,ତାପସ କୁମାର ପାଢ଼ୀ,ଦିଲ୍ଲୀପ କୁମାର ଦାସ, ଅମର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ସ୍ମରଣିକା ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ,୧୭।୮(ସଂଚାର ବ୍ୟୁରୋ):** ଓଡିଶାର ପ୍ରତିଷ୍ଠିତ ସ୍ତମ୍ଭକାର, ବ୍ୟଙ୍ଗକାର, ସାହିତ୍ୟିକ, ସାମ୍ବାଦିକ ଓ ସଂସ୍କୃତିପୁରୁଷ ଦିବଂଗତ ଦିବାକର ବିଶ୍ୱାଳଙ୍କ ସ୍ମୃତି ଉଦେଶ୍ୟରେ ସ୍ମରଣିକା ସମ୍ବାଦ ସାହିତ୍ୟର ଅଫେରା ସକାଳ ଉନ୍ମୋଚିତ ହୋଇଯାଇଛି । ଦିବାକର ବିଶ୍ୱାଳ ସ୍ମୃତି ସଂସଦ ସଭାପତି ସାମ୍ବାଦିକ ଚିତ୍ତ ରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟ ଓ କବି ସଚିତ୍ର କୁମାର ବେହୁରାଙ୍କ ସଂଯୋଜନାରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ବାସୁଦେବ ଦାସ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ନାୟକ, ପରିବେଶବିତ ବିଜୟ କୁମାର କବି ଓ ଶିକ୍ଷାବିତ କସ୍ତୁରି ଚରଣ ସ୍ୱାଇଁ ସମ୍ମାନିତଅତିଥି ଭାବେ ଯୋଗଦେଇ ଦିବଂଗତ ଦିବାକର ବିଶ୍ୱାଳଙ୍କ ବହୁ ମୁଖୀ ପ୍ରତିଭା, କଳା, ସାହିତ୍ୟ, ସଂସ୍କୃତି ଓ ସର୍ବୋପରି ପଟ୍ଟାମୁଣ୍ଡାଇ ବିକାଶ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଦିବାକର ବିଶ୍ୱାଳଙ୍କ କନ୍ୟା ସଂଘମିତ୍ରା ବିଶ୍ୱାଳ ସ୍ୱାଗତଭାଷଣ ଓ କବୟିତ୍ରୀ ଆରାଧନା ଦାଶ ଅତିଥିପରିଚୟ ପ୍ରଦାନ କରିଥିଲେ । କବି ମନୋଜ ଶତପଥୀ, କବି ଅନ୍ତର୍ଯ୍ୟାମୀ ବେଜ, କବି ରାମକୃଷ୍ଣ ଦାଶ, କବି ବ୍ରଜ କିଶୋର ସାହୁ, କବି ବିପିନ ପରିଡା ଡ. ନାରାୟଣ ପ୍ରସାଦ ଜେନା,କବି ବ୍ରଜ ବନ୍ଧୁ ଦାଶ ପ୍ରମୁଖ କବିତା ପାଠ କରିଥିଲେ ।ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଏହି




ଉତ୍ସବରେ ପ୍ରଫେସର ରମେଶ ଚନ୍ଦ୍ର ଜେନା,ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, କବି ନାରାୟଣ ପ୍ରସାଦ ରାଉଳ, ଗାଳ୍ପିକ ପ୍ରଦୀପ ନାୟକ , କାଉନସିଲର ମଳୟ ଓଝା,କବି ଇଂ ତପନ ପାତ୍ର, ବିଜୟ କୁମାର ସାହୁ, ସୁଶୀଲ ପରିଡା, ନରେଶ ଜେନା ପ୍ରମୁଖ ବହୁ କବି,ସାହିତ୍ୟିକ, ଲେଖକ ଯୋଗ ଦେଇଥିଲେ ।

## କବି ଡ. ନାରାୟଣ ପତିଙ୍କ 'ଯଶସ୍ୱିନୀ ପତ୍ରିକା' ଉନ୍ମୋଚିତ

**କେନ୍ଦ୍ରାପଡ଼ା,୧୭।୮(ସଂଚାର ବ୍ୟୁରୋ):** ଶ୍ୟାମସୁନ୍ଦରପୁରଗଡାସ୍ଥିତ ଚଣ୍ଡିଆ ପ୍ୟାଲେସ ସଭା ଗୃହରେ ବିଶିଷ୍ଟ ସମାଜ ସେବୀ କବି ଡ଼ ନାରାୟଣ ପତିଙ୍କ ସମ୍ପାଦନାରେ ପ୍ରକାଶିତ ସାହିତ୍ୟ ପତ୍ରିକା 'ଯଶସ୍ୱିନୀ'ର ଶୁଭ ଉନ୍ମୋଚନ ହୋଇଯାଇଛି। ବର୍ତ୍ତମାନର ସାମାଜିକ ସ୍ଥିତିକୁ ନେଇ ଭରପୁର ଆନନ୍ଦ ଦେଉଥିବା ଏହି ପତ୍ରିକାରେ ଅନେକ ମୂଲ୍ୟବାନ ଗଳ୍ପ କବିତା ସ୍ଥାନ ପାଇଛି। ଡ଼ ପତି ସମ୍ପ୍ରତି ମାନବାଧିକାର ସୁରକ୍ଷା ଆୟୋଗର ରାଜ୍ୟ ସଭାପତି ଭାବରେ ମନୋନୀତ ହୋଇଥିବା ବେଳେ ସାହିତ୍ୟ, ଜ୍ୟୋତିଷ, ବାସ୍ତୁ ଶାସ୍ତ୍ର ଭିକ ଏବଂ ବିଭିନ୍ନ ସମାଜ ସେବାରେ ତାଙ୍କର ସଫଳ ଯୋଗଦାନ ପାଇଁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ଏହି ଉପଲକ୍ଷେ ସମାଜସେବୀ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର କର୍ମୀ ବସନ୍ତ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜମଧର ସମବାୟ ସମିତି ସଭାପତି ଧରଣୀଧର ଦାସ , କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଜିତେନ୍ଦ୍ର ପ୍ରସାଦ ପାଗଳ, ଚିନ୍ମୟ ପ୍ରସାଦ ମହାନ୍ତି, ମାନସ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଡ଼ ପତିଙ୍କ ବହୁମୁଖୀ



ପ୍ରତିଭା ଓ ସମାଜ ପ୍ରତିଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ପତି, ମନୋଜ କୁମାର ରଣା, ଦୟାନନ୍ଦ ସେବାଶ୍ରମର ମୁଖ୍ୟ ପୁରୋଧା ମଦନ ମୋହନ ବେହେରା, ନାରାୟଣ ସ୍ୱାଇଁ, ଦ୍ୱିପକ କୁମାର ସାହୁ, ଚିରଞ୍ଜନ ବେଜ୍, ସୁଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ସାହୁ ପ୍ରମୁଖଙ୍କ ସମେତ ଏନୟୁଏସଏସର ସଂପାଦକ ବାଇଧର ବେହେରା ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

## ୪୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ
# ପ୍ରତାପ ଜେନାଙ୍କ ପୁଅ ନାଁରେ ମାମଲା ରୁଜୁ



**କଟକ,୧୭।୮(ସଂଚାର ବ୍ୟୁରୋ):** ୪୮ ଲକ୍ଷ ଟଙ୍କାର ଠକେଇ ଅଭିଯୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ତଥା ୨୦୨୪ ନିର୍ବାଚନରେ ମାହାଙ୍ଗାରୁ ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ହୋଇଥିବା ଅଙ୍କିତ ପ୍ରତାପ ଜେନାଙ୍କ ବିରୋଧରେ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। କଟକ ଚଣ୍ଡୀ ଛକରେ ଥିବା ଏସଏସବି ଇଲେକ୍ଟ୍ରିକାଲର ମାଲିକ ଅରବିନ୍ଦ ତ୍ରିପାଠୀ ଓ ଗଣେଶ କୁମାର ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ଅଙ୍କିତ ପ୍ରତାପ ଜେନାଙ୍କ ନାଁରେ ମାମଲା ରୁଜୁ ହୋଇଛି। ତାଙ୍କ ସହ ଐଶ୍ୱର୍ଯ୍ୟା ପ୍ରତାପ ଜେନା, ଦେବାଶିଷ ଦାସ ଓ ହିତେଶ ମିଶ୍ରଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି ପୁଲିସ।

ଅରବିନ୍ଦ ତ୍ରିପାଠୀ ଓ ଗଣେଶ କୁମାର ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ ଅଙ୍କିତ ଓ ଐଶ୍ୱର୍ଯ୍ୟାଙ୍କ କମ୍ପାନୀ ଏଙ୍କୋରିଆ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ ଜରିଆରେ ସେମାନଙ୍କ କମ୍ପାନୀ ଏସଏସବି ଇଲେକ୍ଟ୍ରିକାଲ କେନ୍ଦ୍ରାପଡ଼ାରେ ବିଦ୍ୟୁତ୍ କାମ କରିଥିଲା। ଏହି କାମ ପାଇଁ ସେମାନଙ୍କର ୪୮ ଲକ୍ଷ ଟଙ୍କା ବକେୟା ଥିବା ବେଳେ ଅଙ୍କିତ ଓ ଐଶ୍ୱର୍ଯ୍ୟାଙ୍କ କମ୍ପାନୀ ସେମାନଙ୍କୁ ଉକ୍ତ ଟଙ୍କା ଦେଉନାହାନ୍ତି। ଅଙ୍କିତ (ଏଙ୍କୋରିଆ ୱାର୍କସ ପ୍ରାଇଭେଟ୍ ଲିମିଟେଡର ପୂର୍ବତନ ଏମ୍‌ଡି), ଐଶ୍ୱର୍ଯ୍ୟା (ଏଙ୍କୋରିଆ ୱାର୍କସ ପ୍ରାଇଭେଟ୍ ଲିମିଟେଡର ଏମ୍‌ଡି), ଦେବାଶିଷ ଦାସ (ଏଙ୍କୋରିଆ ୱାର୍କସ ପ୍ରାଇଭେଟ୍ ଲିମିଟେଡର ପ୍ରୋଜେକ୍ଟ ମ୍ୟାନେଜର) ଓ ହିତେଶ ମିଶ୍ର ପ୍ରମୁଖ ସେମାନଙ୍କୁ ଠକିଥିବା ନେଇ ଅରବିନ୍ଦ ଓ ଗଣେଶ ସେମାନଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ଅଙ୍କିତଙ୍କ କମ୍ପାନୀ ଏଙ୍କୋରିଆ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡର ପ୍ରୋଜେକ୍ଟ ମ୍ୟାନେଜର ଦେବାଶିଷ ଅଭିଯୋଗ କରିଛନ୍ତି ଯେ ଅରବିନ୍ଦ ଓ ଗଣେଶ ତାଙ୍କ କମ୍ପାନୀ ଅଧୀନରେ କେନ୍ଦ୍ରାପଡ଼ାରେ ଇଲେକ୍ଟ୍ରିକାଲ କାମ କରୁଥିଲେ। ହେଲେ ଦୁହେଁ କାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ କମ୍ପାନୀର ବ୍ୟାପକ କ୍ଷତି ଘଟିଛି। ଏଙ୍କୋରିଆ ୱାର୍କସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏସ୍‌ଏସ୍‌ବି ଇଲେକ୍ଟ୍ରିକାଲ୍‌ସ୍ ମାଲିକ ଅରବିନ୍ଦ ଓ ଗଣେଶଙ୍କ ନାଁରେ ପାଲଟା ଏତଲା ମଧ୍ୟ ଦିଆଯାଇଛି। ସେହିପରି ୪୮ ଲକ୍ଷ ଟଙ୍କାର ଠକେଇ ଅଭିଯୋଗକୁ ଅଙ୍କିତ ଖଣ୍ଡନ କରିଥିବା ବେଳେ କେନ୍ଦ୍ରାପଡ଼ା ଟାଉନ ଥାନା ଆଇଆଇସି ଦିଲ୍ଲୀପ ସାହୁ କହିଛନ୍ତି ଯେ ଉଭୟ ପକ୍ଷ ଏହି ମାମଲାରେ ଏତଲା ଦେଇଛନ୍ତି। ଏନେଇ ପୁଲିସ୍ ତଦନ୍ତ ଜାରି ରଖିଛି।

# ସରଳ ହେଲା ଚାଷୀ ପଞ୍ଜିକରଣ
## ପୂର୍ବପୁରୁଷଙ୍କ ନାଁରେ ଜମି ଥିଲେ ବି ପୁଅ କରିପାରିବେ ପଞ୍ଜିକରଣ



**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ଚାଷୀଙ୍କ ପାଇଁ ଖୁସି ଖବର। ଏଣିକି ସରଳ ଏବଂ ସହଜ ହେବ ଚାଷୀ ପଞ୍ଜିକରଣ । ବାପାଦାଦା କି ଜେଜେବାପାଙ୍କ ନାମରେ ଜମି ଥିଲେ ବି ଏଣିକି ପୁଅମାନେ ମଧ୍ୟ ନିଜ ନାଁ ପଞ୍ଜିକରଣ କରିପାରିବେ । ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜିକରଣ କରିପାରିବେ। ଏଣିକି ଆଉ ଦେବାକୁ ପଡ଼ିବ ନାହିଁ ବଂଶାନୁକ୍ରମିକ ପ୍ରମାଣପତ୍ର ବା ଲିଗାଲ୍ ହେୟାର ସାର୍ଟିଫିକେଟ୍ । ରାଜସ୍ୱ ନିରୀକ୍ଷକଙ୍କ ଠାରୁ ରିପୋର୍ଟ ଆଣିବାକୁ ପଡ଼ିବ ନାହିଁ । ନିଜସ୍ୱ ଘୋଷଣାପତ୍ରରେ ବା ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଚାଷୀମାନେ ପଞ୍ଜୀକରଣ କରିବେ। ଏନେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି ।

ଯେମିତି ଜଣେ ବି ଯୋଗ୍ୟ ଚାଷୀ ଏମ୍‌ଏସ୍‌ପିରୁ ବଞ୍ଚିତ ହେବେନାହିଁ, ନେଇ ରାଜ୍ୟସରକାର ପଦକ୍ଷେପ ନେଇଥିବା ବେଳେ ଏନେଇ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଯୋଗେ ଅବଗତ କରାଯାଇଛି । ବାପା କି ଜେଜେ ବାପାଙ୍କ ନାମରେ ଜମି ଥିଲେ ବି ପୁଅ ମାନେ ପଞ୍ଜିକରଣ କରିପାରିବେ । ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜିକରଣ କରିପାରିବେ। ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି ତେବେ ତାଙ୍କୁ ଅନ୍ୟ ଭାଇ ମାନଙ୍କର ଲିଖିତ ସ୍ୱୀକୃତି ନାମା ପଞ୍ଜିକରଣ ସମୟରେ ଦାଖଲ କରିବାକୁ ହେବ ବୋଲି ପୂର୍ବରୁ କହିଥିଲେ ଯୋଗାଣ ମନ୍ତ୍ରୀ ।

ତେବେ ଚଳିତ ବର୍ଷ ଜମିର ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଥିଲା। ଯେଉଁ ପ୍ଲଟ୍ ବାପା, ଜେଜେବାପାଙ୍କ ନାମରେ ରହିଛି, ତା'ର ଉତ୍ତରାଧିକାରୀ କେଉଁମାନେ ରହିଛନ୍ତି, ତାହାର ବଂଶାନୁକ୍ରମ ପ୍ରମାଣପତ୍ର ପ୍ରଥମେ ଆର୍‌ଆଇଙ୍କଠାରୁ ରିପୋର୍ଟ ଆଣିବାକୁ ପଡୁଥିଲା। ଏଥିସହ ଲିଗାଲ୍ ହେୟାରରେ ଥିବା ସମସ୍ତ ସଦସ୍ୟଙ୍କ ଅନୁମତିପତ୍ର ବି ଦରକାର ପଡୁଥିଲା। ଯାହାଫଳରେ ଭାଇ ଭାଇ ବିବାଦ ଓ ଭଉଣୀଙ୍କ ଅନୁମତି ପାଇଁ ଚାଷୀ ନାକେଦମ ହେଉଥିଲେ। ଭାଇ ବାହାରେ ରହୁଥିଲେ ହ୍ୱାଟ୍‌ସଆପରେ ଫର୍ମ ପଠାଇବାକୁ ପଡୁଥିଲା। ଜମି ପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜିକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ହେଲେ ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିଥିବା ବେଳେ ବଂଶାନୁକ୍ରମିକ ପ୍ରମାଣପତ୍ର ନଥିଲେ ସେଲ୍ଫ ଡିକ୍ଲାରେସନ୍ ମାଧ୍ୟମରେ ଚାଷୀମାନେ ଜମି ପଞ୍ଜୀକରଣ କରିପାରିବେ।

# ଅସ୍ଥାୟୀ ରୂପେ ଟ୍ରେନ ସେବା ବାତିଲ

**ଭୁବନେଶ୍ୱର, ୧୭।୮(ସଂଚାର ବ୍ୟୁରୋ):** ସୁରକ୍ଷା ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଉତ୍ତମ ଟ୍ରେନ ପରିଚାଳନା କ୍ଷମତା ପ୍ରଦାନ କରିବା ପାଇଁ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରାହାମା, ବଡ଼ବନ୍ଧ ଏବଂ ପାରାଦୀପ ଷ୍ଟେସନରେ ପ୍ରି-ନନ୍ ଇଣ୍ଟରଲକିଂ (ପ୍ରି-ଏନ୍‌ଆଇ) ଏବଂ ନନ୍ ଇଣ୍ଟରଲକିଂ (ଏନ୍‌ଆଇ) କାର୍ଯ୍ୟ କରିବ। ବଡ଼ବନ୍ଧ ଷ୍ଟେସନରେ ଏକ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ସହିତ ରାହାମା-ପାରାଦୀପ ସେକ୍ସନ ମଧ୍ୟରେ ଅଟୋ-ସିଗ୍ନାଲିଂ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ନିମ୍ନଲିଖିତ ଟ୍ରେନଗୁଡ଼ିକ ୧୬ ଅଗଷ୍ଟରୁ ୨୦ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବାତିଲ ରହିବ। ଟ୍ରେନ୍ ନମ୍ବର ୬୮୪୩୫/୬୮୪୩୬ କଟକ-ପାରାଦୀପ-କଟକ ମେମୁ ପାସେଞ୍ଜର ଟ୍ରେନ ଏବଂ ୫୮୪୦୫/୫୮୪୦୫ କଟକ-ପାରାଦୀପ-କଟକ ପାସେଞ୍ଜର ଟ୍ରେନ ଉଭୟ ପଟୁ ବାତିଲ ରହିବ। ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ପରିବର୍ତ୍ତନଗୁଡିକୁ ପ୍ରତି ଧ୍ୟାନ ଦିଅନ୍ତୁ ।



# ବେଦାନ୍ତର ୭୯ତମ ସ୍ୱାଧୀନତା ଦିବସ ପାଳିତ
## ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା ଓ ମାରାଥନ୍ ଆୟୋଜିତ

**ଝାରସୁଗୁଡା,୧୭।୮(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା କାର୍ଯ୍ୟରେ ଦେଶର ୭୯ତମ ସ୍ୱାଧୀନତା ଦିବସକୁ ଗର୍ବର ସହିତ ପାଳନ କରିଥିଲା। ଏହି ଉତ୍ସବର ପୂର୍ବ ସପ୍ତାହରେ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଗଠନ ଏବଂ ଏକତାର ଭାବନାକୁ ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ସ୍ୱାଧୀନତା ଦିବସର ଏକ ଅଂଶ ଭାବରେ, କମ୍ପାନୀ ସ୍ୱାଧୀନତା ଏବଂ ଜାତୀୟତା ଉପରେ ଆଧାରିତ ଅନେକ ବହୁଳ ଭାବରେ ଯୋଗଦାନ କରିଥିବା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଆତ୍ମରକ୍ଷା ତାଲିମ ଅଧିବେଶନ, ଉନ୍ନତ ସ୍ୱାସ୍ଥ୍ୟ ଅଭ୍ୟାସ ଉପରେ ସଚେତନତା କର୍ମଶାଳା ଓ ଏକ ସବୁଜ ଭବିଷ୍ୟତ ପାଇଁ ଯୋଗଦାନ ଦେବା ପାଇଁ ଏକ ଚାରା ରୋପଣ ଅଭିଯାନ ସାମିଲ୍ ଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ସଦସ୍ୟ କୁନାଲ ମୋତିରାମ ଚଭନ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଓ ଶ୍ରୀ ପରମାର ସ୍ମିତ୍ ପୁରୁଷୋତ୍ତମ ଦାସଙ୍କ ଉପସ୍ଥିତିରେ ଝାରସୁଗୁଡା ସହର ମଧ୍ୟରେ ବେଦାନ୍ତ କର୍ମଚାରୀ ଓ ସମ୍ପ୍ରଦାୟର ସଦସ୍ୟଙ୍କ ଦ୍ୱାରା ଏକ ପତାକା ଓ ବାଇକ୍ ର୍ୟାଲି ଆୟୋଜିତ ହୋଇଥିଲା। ବେଦାନ୍ତ ଝାରସୁଗୁଡାରେ ମଧ୍ୟ ପତାକା ଉତ୍ତୋଳନ ସମାରୋହ, ପ୍ଲାଣ୍ଟ୍ ସୁରକ୍ଷା ଦଳ ଦ୍ୱାରା ମାର୍ଚ୍ଚ ପାଷ୍ଟ ପରେଡ୍, ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଧୀନତା ଦିବସକୁ ଉଜ୍ଜ୍ୱଳ ଉତ୍ସବ ସହ ପାଳନ କରାଯାଇଥିଲା। ଏହି ଅବସରରେ ପ୍ଲାଣ୍ଟର ସୁରକ୍ଷା ଓ ସୁରକ୍ଷା ଦଳର ଅନେକ ସଦସ୍ୟଙ୍କୁ ଉତ୍କୃଷ୍ଟ ସେବା ଏବଂ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଷନଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେବେଦାନ୍ତ ଆଲୁମିନିୟମରେ ସ୍ୱାଧୀନତା ଦିବସ କେବଳ ଆମ ଦେଶର ସ୍ୱାଧୀନତାର ସ୍ମୃତି ନୁହେଁ, ଏହା ରାଷ୍ଟ୍ର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଅବସର।

## ● ରୋଗୀ ହୋଇ ଛୁଟି ନେଇଥିଲେ, ବିଦେଶ ଯାଇ ଫସିଲେ
# ତିନି ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ରାଜ୍ୟ ସାରା ଚାଷୀ ପଞ୍ଜିକରଣ ଚାଲିଥିବା ବେଳେ ଦେହ ଖରାପ ବୋଲି ଦର୍ଶାଇ ବିଦେଶ ଗସ୍ତରେ ଯାଇଥିଲେ ସରକାରୀ ବାବୁ। ଘଟଣା ସମ୍ପର୍କରେ ସବୁକିଛି ଜଣାପଡ଼ିବା ପରେ ଏକକାଳୀନ ୩ ଜଣ ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଛି। ସୋନପୁର ଜିଲ୍ଲାର ଏହି ୩ ପ୍ୟାକ୍ସ ସମ୍ପାଦକ ହେଲେ ଲଛିପୁର ପ୍ୟାକ୍ସ ସମ୍ପାଦକ ସଞ୍ଜୟ ଧରୁଆ, ମୟୂରଦାନ ପ୍ୟାକ୍ସ ସମ୍ପାଦକ ଧନେଶ୍ୱର ସାହୁ ଓ ରେଙ୍ଗାଲୀ ପ୍ୟାକ୍ସ ସମ୍ପାଦକ ଅରୁଣ ପୂଜାରୀ। ଘରୋଇ କମ୍ପାନୀରୁ ଅହେତୁକ ଅନୁକମ୍ପା ନେବା ସହ ଏହି ତିନି ଜଣ ଦେହ ଖରାପ ନାଁରେ ବିଦେଶ ଯାଇଥିଲେ ମଉଜମସ୍ତି କରିବାକୁ। ଦେହ ଖରାପ ଥିବା କହି ସେମାନେ ଗତ ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ମେଡିକାଲ ଲିଭ ନେଇଥିଲେ। କିନ୍ତୁ ଉକ୍ତ ସମୟରେ ଘରେ ରହି ବିଶ୍ରାମ ନେବା ପରିବର୍ତ୍ତେ ଏହି ୩ ଜଣ ପ୍ୟାକ୍ସ ସମ୍ପାଦକ ଥାଇଲାଣ୍ଡରେ ମସ୍ତି କରୁଥିଲେ। ଉକ୍ତ ସମୟର ଫଟୋ ଭାଇରାଲ ହେବା ପରେ ସେମାନଙ୍କ ମିଛର ପର୍ଦ୍ଦାଫାସ୍ ହେଲା। ଏପଟେ ପଞ୍ଜିକରଣ ସହ ପ୍ୟାକ୍ସରେ ସାର ବଣ୍ଟନ ଚାଲିଥିବାରୁ ଚାଷୀଙ୍କ ଭିଡ଼ କାହିଁରେ କ'ଣ। କିନ୍ତୁ ଚାଷୀଙ୍କ ସେବା କରିବେ କ'ଣ, ତିନି ପ୍ୟାକ୍ସ ସମ୍ପାଦକ ବିଦେଶରେ ବୁଲୁଥିଲେ। ଏହା ପ୍ରଚାରିତ ହେବା ପରେ ମାମଲାର ତଦନ୍ତ କରିଥିଲେ ସୋନପୁର ଏଆରସିଏସ। ଏଥିସହ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତୁରନ୍ତ ୩ ପ୍ୟାକ୍ସ ସମ୍ପାଦକଙ୍କୁ କାର୍ଯ୍ୟରୁ ନିଲମ୍ବିତ କଲେ। ତେବେ କେବଳ ସୋନପୁର ନୁହେଁ, ବୌଦ୍ଧ ଜିଲ୍ଲାରୁ ବି ୪ ଜଣ ପ୍ୟାକ୍ସ ସମ୍ପାଦକ ବି ବିଦେଶ ଯାଇଥିଲେ। ଏଥିସହ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ପାଇଁ ବୌଦ୍ଧ ଏଆରସିଏସଙ୍କ ଫତୁଆ ଜାରି କରିଛନ୍ତି। ସେମାନେ ହେଲେ ବୌଦ୍ଧ ପ୍ୟାକ୍ସ ସମ୍ପାଦକ ସତ୍ୟଜିତ କର, ଖୁଣ୍ଟାବନ୍ଧର ଦେବାଶିଷ ମିଶ୍ର ଓ ଲୁଣିବାହାଲର ସଞ୍ଜୀବ କୁମାର ପ୍ରଧାନ। ସେମାନଙ୍କୁ ତୁରନ୍ତ କାରଣ ଦର୍ଶାଇବାକୁ ନୋଟିସ୍ ଜାରି କରାଯାଇଛି। କାହାଠାରୁ ଅନୁମତି ନେଇ ସେମାନେ ବିଦେଶ ଗସ୍ତରେ ଯାଇଥିଲେ, ସେନେଇ ଲିଖିତ ଭାବେ ଜଣାଇବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ସହ ଖୋଦ ଜିଲ୍ଲାର ସମବାୟ ବିଭାଗ ମୁଖ୍ୟ ଡିଆରସିଏସ ଗିରୀଶ ଚନ୍ଦ୍ର ପୁରୋହିତ ମଧ୍ୟ ବିଦେଶ ଯାଇଥିଲେ। କିନ୍ତୁ ଅନ୍ୟ ୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲେ ମଧ୍ୟ ଶ୍ରୀ ପୁରୋହିତଙ୍କ ବିରୋଧରେ ଅଦ୍ୟାବଧି କୌଣସି ଆକ୍ସନ୍ ହୋଇନଥିବାରୁ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ନିଜେ ଦୋଷୀ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

# ସଂପର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚାରାରୋପଣ




**ପୁରୀ, ୧୭।୮(ସଂଚାର ବ୍ୟୁରୋ):** ସଂପର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସ୍ୱାଧୀନତା ଦିବସ ଉପଲକ୍ଷେ ଚାରା ରୋପଣ କରାଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସପି ପିନାକ ମିଶ୍ର, ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ପର୍କର ସାଧାରଣ ସଂପାଦକ ସୌମେନ୍ଦ୍ର ଦାସ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ସଭାବନା ପ୍ରମୁଖ ରାଜକିଶୋର ସାହୁ ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ। ପୁରୀ ତାଳବଣିଆ ସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ -୨୦୨୫ ସମାରୋହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ।

## ● 'ମଧୁଲିତା'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ଉତ୍ସବ
# କୃଷ୍ଣ ସିଂହ ପାଇଲେ ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ସ୍ୱତନ୍ତ୍ର ସଂଖ୍ୟା ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବର୍ଷିୟାନ୍ ଭୂଦାନ ଓ ସର୍ବୋଦୟ ନେତା, ବିଶିଷ୍ଟ ଶିକ୍ଷାବିତ୍, ସମାଜ ସଂସ୍କାରକ, ବରିଷ୍ଠ କବି ଓ ଲେଖକ ତଥା କୋରାପୁଟର ଗାନ୍ଧୀ ଭାବେ ସୁପରିଚିତ କୃଷ୍ଣ ସିଂହଙ୍କୁ ୨୦୨୫ ମସିହା ପାଇଁ 'ମଧୁଲିତା ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟକଭାବେ ଭାଷାବିତ୍ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, "ନାରୀମାନେ ନିଜର ସୁରକ୍ଷା ନିମନ୍ତେ ନିଜକୁ ସଶକ୍ତ କରିବା ସହ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ୍।" ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଡଃ ଅଲେଖ ଚନ୍ଦ୍ର ପଢ଼ିଆରୀ ନାରୀ ସୁରକ୍ଷା ଓ ଆମ ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ କଣ୍ଠଶିଳ୍ପୀ ପ୍ରଫେସର ଡାକ୍ତର ସଞ୍ଜୟ ଚୌଧୁରୀ ସଚେତନ ନାଗରିକଟିଏ ସ୍ୱାସ୍ଥ୍ୟ ସଚେତନ ହେବା ଖୁବ୍ ଜରୁରୀ ବୋଲି କହିଥିଲେ। ଲେଖିକା ଓ ସାମ୍ବାଦିକା ମଧୁଲିତା ପରିଡ଼ା ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସାମ୍ବାଦିକା ଦୀପ୍ତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ଆରଟିପିଏସ୍ ଅଧିନିୟମ ସମ୍ପର୍କରେ ବୈଠକ

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** "ନାଗରିକ-ପ୍ରଥମ" ଶାସନ ପ୍ରତି ପ୍ରତିବଦ୍ଧତାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଗୁରୁତ୍ୱ । ସହରାଞ୍ଚଳ ଶାସନ ଏବଂ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଜନସେବା ଅଧିକାର (ଆରଟିପିଏସ) ଆଇନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୈଠକରେ ଅଧ୍ୟକ୍ଷତା କରିଥିଲେ ।

ବିଭାଗ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରି ଶ୍ରୀମତୀ ପାଢ଼ୀ କହିଛନ୍ତି, "ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା। ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି, ଆମେ ଏପରି ସହର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଠାରେ ନାଗରିକମାନେ ଶାସନକୁ ଏକ ଅଧିକାର ଭାବରେ ଅନୁଭବ କରିବେ, ଅନୁଗ୍ରହ ନୁହେଁ। ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ରର ସହ-ପ୍ରତିଷ୍ଠାତା ତଥା ପରାମର୍ଶଦାତା ଜଗାନନ୍ଦ ଆରଟିପିଏସ୍ ଅଧିନିୟମର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦାନ କରିଥିଲେ। ସୂଚନା ଅଧିକାର ଅଧିନିୟମ ସହିତ ସମାନତା ଦର୍ଶାଇ ସେ ଉଲ୍ଲେଖ କରିଥିଲେ ଯେ ଆରଟିପିଏସ୍ ସହରାଞ୍ଚଳ ଶାସନରେ ଏକ ଉତପ୍ରେରକ ଭାବେ କାର୍ଯ୍ୟ କରିପାରିବ। ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ , ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଡିଏର ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମସି ର କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ୍. ରାଉତଙ୍କ ସହ ଅନ୍ୟ ପଦଧିକାରୀ ମାନେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଏକ ପ୍ରଶାସନିକ ଢାଞ୍ଚା ନିର୍ମାଣ ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦୋହରାଯାଇଥିଲା ଯାହା ନାଗରିକମାନଙ୍କୁ ପ୍ରଥମେ ରଖେ ଏବଂ ସମଗ୍ର ସହରାଞ୍ଚଳରେ ସମୟୋଚିତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସାର୍ବଜନୀନ ସେବା ସୁନିଶ୍ଚିତ କରେ।

# ଜୟ ଓଡ଼ିଶାର ରକ୍ତଦାନ ଶିବିର




**ଭୁବନେଶ୍ୱର, ୧୭।୮(ସଂଚାର ବ୍ୟୁରୋ):** ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଜୟ ଓଡ଼ିଶା ଦ୍ୱାରା ଏହାର ରକ୍ତଦାନ ଯୋଜନାର ୧୫ତମ ରକ୍ତଦାନ ଶିବିର ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଆୟୋଜିତ ହୋଇଯାଇଛି । ଏହା କଳିଙ୍ଗ ଅଟୋମୋବାଇଲ୍ସ ଗ୍ରୁପ୍ ର ସହଭାଗୀତାରେ, ଭୁବନେଶ୍ୱରର ୟୁନିଟ୍- ୧ ସ୍ଥିତ ତାଙ୍କ କଳିଙ୍ଗ କମ୍ପ୍ଲେକ୍ସରେ ଆୟୋଜିତ ହୋଇଥିଲା । ଏହି ଅବସରରେ କଳିଙ୍ଗ ଅଟୋମୋବାଇଲ୍ସର ମ୍ୟାନେଜିଂ ଡାଇରେକ୍ଟର୍ ତୁତୁଲ୍ ଦାଶ ଏବଂ ସିକ୍ତା ଦାଶଙ୍କ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ମେୟର୍ ସୁଲୋଚନା ଦାଶ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କ୍ରମାଗତ ଭାବେ ବିଭିନ୍ନ ସଂଗଠନ ସହ ମିଶି ଏପରି ରକ୍ତଦାନ ଶିବିର ଆୟୋଜନ କରିବାର ଲକ୍ଷ୍ୟ ରଖିଥିବାର ଏହି ନିଆରା ପ୍ରୟାସକୁ ଏବଂ ଆୟୋଜକଙ୍କୁ ଶ୍ରୀ ହରିଚନ୍ଦନ ପ୍ରଶଂସା କରିଥିଲେ।

## ● ଆୟୁଷ୍ମାନ ଯୋଜନାରେ ଲୋକେ ହନ୍ତସନ୍ତ ହେଉଛନ୍ତି
# ରୂପରେଖ ଓ କାର୍ଯ୍ୟକାରିତା ବଦଳୁ: ଭକ୍ତ




**ଭୁବନେଶ୍ୱର, ୧୭।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଜେପି ଶାସନକୁ ଆସିବା ପରେ ଅନ୍ୟ ରାଜ୍ୟମାନଙ୍କ ପରି ଆମ ରାଜ୍ୟକୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ କଲେ। ତେବେ ପୂର୍ବର ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ଯେଉଁସବୁ ଅସୁବିଧା ଥିଲା, ତାହା ଆୟୁଷ୍ମାନ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ବହୁଗୁଣିତ ହୋଇଛି ସିନା, ରାଜ୍ୟବାସୀଙ୍କର କୌଣସି ଲାଭ ହୋଇନାହିଁ। ଲୋକେ ମହଙ୍ଗାରୁ ଯାଇ କାନ୍ତାରରେ ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ପ୍ରକାଶ କରିଛନ୍ତି। ଆଜି କଂଗ୍ରେସ ଭବନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି, ବିଏସ୍‌କେୱାଇ ପରିସରଭୁକ୍ତ ହସପିଟାଲ ସଂଖ୍ୟା ମାତ୍ର ୯୦୦ରେ ସୀମିତ ଥିଲାବେଳେ ଆୟୁଷ୍ମାନ ଯୋଜନାରେ ସାମିଲ ହେଲେ ରାଜ୍ୟବାସୀଙ୍କୁ ଦେଶବ୍ୟାପୀ ୨୯ ହଜାର ବଡ଼ବଡ଼ ହସପିଟାଲରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି କୁହାଯାଇଥିଲା। ପରିବାର ପିଛା ବର୍ଷକୁ ୫ ଲକ୍ଷ ଟଙ୍କା, ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ମୋଟ୍ ୧.୦୩ କୋଟି ପରିବାରର ୩.୪୬ କୋଟି ଲୋକ (ରାଜ୍ୟ ଜନସଂଖ୍ୟାର ପ୍ରାୟ ୮୦%) ବୋଲି କୁହାଯାଇଥିଲା। ୬୦:୪୦ ଆନୁପାତିକ ଭିତ୍ତିରେ କେନ୍ଦ୍ର ସରକାର ୬୭.୮ ଲକ୍ଷ ପରିବାରର ଦାୟିତ୍ୱ ନେବେ ବୋଲି ଘୋଷଣା କରାଯାଇଥିଲା। ରାଜ୍ୟ ବାହାରେ ମଧ୍ୟ ଏହି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବାକୁ ଥିବାରୁ ଲୋକେ ଏହାକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ। ହସପିଟାଲରେ ଭର୍ତ୍ତି ପୂର୍ବରୁ ଓ ପରେ କିଛି ଆନୁଷଙ୍ଗିକ ସୁବିଧା, ପରିବାରର ଆକାର ନିର୍ବିଶେଷରେ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଅଥଚ ବର୍ଷେ ମଧ୍ୟରେ ଏହାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡୁଛି ବୋଲି ଶ୍ରୀ ଦାସ କ୍ଷୋଭପ୍ରକାଶ କରିଛନ୍ତି। ଜଟିଳ ଆୟୁଷ୍ମାନ ଢାଞ୍ଚାକୁ ଚଲାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଲୋକବଳର ଅଭାବ ସାଙ୍ଗକୁ ନିଅଣ୍ଟିଆ ବଜେଟ ସମସ୍ୟା ସୃଷ୍ଟି କରୁଛି। ଅନେକ ବିଷୟରେ ଚିକିତ୍ସା ସୁବିଧା ଦିଆଯାଉନାହିଁ, ଡାଇଗ୍ନୋସିସ ଓ ଔଷଧ ଆଦିରେ ଏବେ ବି ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡୁଛି। ଜରୁରୀକାଳୀନ ସେବାପାଇଁ ଆଇସିୟୁ, ଭେଣ୍ଟିଲେଟର ଉପଲବ୍ଧ ହେବାରେ ଅଗ୍ରାଧିକାର ମିଳେନାହିଁ। ତେଣୁ ଏହା ଏକ ଜନସ୍ୱାର୍ଥ ବିରୋଧୀ ନୀତି ବୋଲି ଶ୍ରୀ ଦାସ ଅଭିହିତ କରିଛନ୍ତି।

# ବଙ୍ଗୋପସାଗରରେ ଲଘୁଚାପ: କାଲିଠାରୁ ପ୍ରବଳ ବର୍ଷିବ



**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ହେଉଛି। ତେବେ ଆସନ୍ତା ୧୮ ତାରିଖ ବେଳକୁ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୭ ତାରିଖରେ ବିଭିନ୍ନ ଜିଲାକୁ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଥିବାବେଳେ ବଜ୍ରପାତ ପାଇଁ ସତର୍କ ସୂଚନା ଦିଆଯାଇଛି। ୧୮ରୁ ବର୍ଷା ବଢ଼ିବା ସମ୍ଭାବନା ଥିବାବେଳେ କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ରହିଛି। ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି।

## ● ବଲଙ୍ଗା ପୀଡ଼ିତାଙ୍କ ବୟାନ ଭିଡିଓ ଭାଇରାଲ ଘଟଣା
# ଆସାମୀଙ୍କୁ ଖସାଇବାକୁ ହେଉଛି ଅପଚେଷ୍ଟା: ବିଜେଡି



**ଭୁବନେଶ୍ୱର, ୧୭।୮(ସଂଚାର ବ୍ୟୁରୋ):** ବଲଙ୍ଗା ପୀଡିତାଙ୍କ ଘଟଣାରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ପୀଡିତାଙ୍କ ବୟାନର ଭିଡିଓ ଆଜି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ଯୁବନେତା ସୁବ୍ରତ ଛାଟୋଇ କହିଥିଲେ, ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଘଣ୍ଟ ଘୋଡାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମାପଡାରେ ଏହି ଘଟଣା ଘଟିଥିଲା ବେଳେ ଶ୍ରୀମତୀ ପରିଡାଙ୍କ ଇଙ୍ଗିତରେ ଅପରାଧୀଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି । ତେଣୁ ପ୍ରଭାତୀ ପରିଡା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ତରଫରୁ ଦାବି କରାଯାଇଛି । ଡ଼ ଲେନିନ ମହାନ୍ତି କହିଥିଲେ, ବଲଙ୍ଗାରେ ନାବାଳିକା ପୋଡିଯିବା ଘଟଣାରେ, ପୀଡିତା ନିଜ ମନ୍ତବ୍ୟରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପୀଡ଼ିତାଙ୍କ ମୃତ୍ୟୁ ହେବାର ମାତ୍ର ଦଶ ମିନିଟ ଭିତରେ ପୋଲିସ ତରଫରୁ ଟ୍ୱିଟ୍ ମାଧ୍ୟମରେ ଏହି ଘଟଣାରେ କେହି ସମ୍ପୃକ୍ତି ନାହାନ୍ତି ବୋଲି ବୟାନ ଦେବା ସହିତ ଏହି ସମ୍ବେଦନଶୀଳ ଘଟଣାରେ କେହି ମନ୍ତବ୍ୟ ନଦେବାକୁ ନିବେଦନ କରାଯାଇଥିଲା। ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ଆଜିର ଭିଡିଓ ଅନେକ ପ୍ରଶ୍ନ ଛିଡା କରିଛି। ଭିଡିଓରେ ପୀଡିତାଙ୍କ ବୟାନ ରେକର୍ଡିଂ କରାଯାଉଥିବା ବେଳେ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ କି? ବର୍ତ୍ତମାନ ଯେଉଁ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି, ତାହା ମଧ୍ୟ ତଦନ୍ତ ହେବା ଦରକାର। ଆସାମୀମାନଙ୍କୁ ଖସାଇଦେବା ପାଇଁ ଅପଚେଷ୍ଟା ହେଉଛି ବୋଲି ଏଥିରୁ ସ୍ପଷ୍ଟ ବୋଲି ଡ. ମହାନ୍ତି କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ସୋମବାର ୧୮ ଅଗଷ୍ଟ ୨୦୨୫, ଭୁବନେଶ୍ୱର

Monday 18 August 2025, Bhubaneswar


# ନିର୍ବାଚନରେ ସ୍ୱଚ୍ଛତା ଏକ ଗଣତାନ୍ତ୍ରିକ ଆହ୍ୱାନ

ଗଣତନ୍ତ୍ରରେ ନିର୍ବାଚନ ହେଉଛି ଜନସାଧାରଣଙ୍କ ମତର ପ୍ରତିଫଳନ ଓ ସରକାର ଗଠନର ମୂଳସ୍ତମ୍ଭ। କିନ୍ତୁ ନିର୍ବାଚନରେ ସ୍ୱଚ୍ଛତା ଓ ଭୋଟ ଚୋରିର ଅଭାବ ଏହି ପ୍ରକ୍ରିୟାର ବିଶ୍ୱାସନୀୟତାକୁ ପ୍ରଶ୍ନବାଚୀ କରିଥାଏ। ଭାରତ ଭଳି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ଅତ୍ୟନ୍ତ ଆବଶ୍ୟକ। ଭୋଟ ଚୋରି ଓ ଅନିୟମିତତା ଜନତାଙ୍କ ବିଶ୍ୱାସକୁ ଦୁର୍ବଳ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷତିଗ୍ରସ୍ତ କରେ।

ନିର୍ବାଚନରେ ସ୍ୱଚ୍ଛତାର ଅର୍ଥ ହେଉଛି ପ୍ରତ୍ୟେକ ପ୍ରକ୍ରିୟା ଭୋଟର ପଞ୍ଜୀକରଣରୁ ଆରମ୍ଭ କରି ଭୋଟ ଗଣନା ଓ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିରପେକ୍ଷ ଓ ଖୋଲା ହେବା। ଭାରତୀୟ ନିର୍ବାଚନ ଆୟୋଗ ଏହି ଦାୟିତ୍ୱ ନିର୍ବାହ କରୁଥିବା ବେଳେ, ଅନେକ ସମୟରେ ଭୋଟ ଚୋରି, ବୁଥ୍ କ୍ୟାପ୍‌ଚରିଂ, ଇଭିଏମ୍ ଅନିୟମିତତା ଓ ଅର୍ଥବଳର ଦୁରୁପଯୋଗ ଭଳି ଅଭିଯୋଗ ଉଠିଥାଏ। ଏହା ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରେ ଓ ଗଣତନ୍ତ୍ରର ଭିତ୍ତିକୁ ଦୁର୍ବଳ କରେ। ଭୋଟ ଚୋରି ଏକ ଗମ୍ଭୀର ସମସ୍ୟା। ଏହା ଅନେକ ରୂପରେ ହୋଇପାରେ, ଯେପରି ମିଛ ଭୋଟ ଦେବା, ଭୋଟର ତାଲିକାରେ ହେରଫେର, ଅନୁପସ୍ଥିତ ଭୋଟରଙ୍କ ନାଁରେ ଭୋଟ ଦେବା କିମ୍ବା ଇଭିଏମ୍‌ରେ ଅନିୟମିତତା। ଏହା କେବଳ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରେ ନାହିଁ, ବରଂ ଜନସାଧାରଣଙ୍କ ଅଧିକାରକୁ ହରଣ କରେ। ଏହି ସମସ୍ୟାର ମୂଳ ହେଉଛି ରାଜନୈତିକ ଦଳମାନଙ୍କ ମଧ୍ୟରେ ଅନୈତିକ ପ୍ରତିଯୋଗିତା ଓ ନୀତିହୀନ କାର୍ଯ୍ୟକଳାପ। ଅର୍ଥ




ଓ ବାହୁବଳର ଦୁରୁପଯୋଗ ମଧ ଏହି ସମସ୍ୟାକୁ ବୃଦ୍ଧି କରୁଛି। ଏହାର ସମାଧାନ ପାଇଁ ନିର୍ବାଚନ ଆୟୋଗକୁ ଅଧିକ କଠୋର ଓ ସକ୍ରିୟ ହେବାକୁ ପଡ଼ିବ। ଇଭିଏମ୍‌ରେ ଭିଭିପିଏଟି ବ୍ୟବହାର ଏକ ସକାରାତ୍ମକ ପଦକ୍ଷେପ, କିନ୍ତୁ ଏହାର ସମ୍ପୂର୍ଣ୍ଣ ଯାଞ୍ଚ ଓ ସ୍ୱଚ୍ଛତା ନିଶ୍ଚିତ କରାଯିବା ଆବଶ୍ୟକ। ଭୋଟର ତାଲିକାର ନିୟମିତ ଅଦ୍ୟତନ, କଡା ନିରୀକ୍ଷଣ, ଓ ଅନିୟମିତତା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ମଧ ଜରୁରୀ। ତା'ସହିତ, ଜନସାଧାରଣଙ୍କୁ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅଧିକ ସଚେତନ କରାଯିବା ଦରକାର। ସୋସିଆଲ ମିଡିଆ ଓ ଶିକ୍ଷା ମାଧ୍ୟମରେ ଭୋଟରଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଲେ ଭୋଟ ଚୋରି ରୋକିବାରେ ସହାୟକ ହେବ।

ପ୍ରଯୁକ୍ତିର ବ୍ୟବହାର ମଧ ଏକ ବଡ଼ ସମାଧାନ ହୋଇପାରେ। ବ୍ଲକଚେନ ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ କରିପାରେ। ଏହା ଭୋଟ ଗଣନାରେ ହେରଫେରର ସମ୍ଭାବନାକୁ କମାଇବ। ତେବେ, ପ୍ରଯୁକ୍ତିର ସଠିକ ବ୍ୟବହାର ଓ ଏହାର ସୁରକ୍ଷା ନିଶ୍ଚିତ କରିବା ମଧ ଏକ ବଡ଼ ଚ୍ୟାଲେଞ୍ଜ।

ଶେଷରେ, ନିର୍ବାଚନରେ ସ୍ୱଚ୍ଛତା ଓ ଭୋଟ ଚୋରି ରୋକିବା କେବଳ ନିର୍ବାଚନ ଆୟୋଗର ଦାୟିତ୍ୱ ନୁହେଁ, ଏହା ରାଜନୈତିକ ଦଳ, ପ୍ରାର୍ଥୀ ଓ ଜନସାଧାରଣଙ୍କର ମିଳିତ ପ୍ରୟାସ। ସମସ୍ତେ ମିଳିତ ଭାବେ ନୀତିଗତ ଓ ସଚେତନତା ସହ କାର୍ଯ୍ୟ କଲେ ଗଣତନ୍ତ୍ରର ମହତ୍ତ୍ୱ ଅକ୍ଷୁଣ୍ଣ ରହିବ। ଏକ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ହିଁ ସତ୍ୟ ଅର୍ଥରେ ଜନତାଙ୍କ ସ୍ୱରକୁ ପ୍ରତିଫଳିତ କରିପାରିବ।

# ଭାରତ ପାଇଁ ଶୁଳ୍କ ଏକ ଚ୍ୟାଲେଞ୍ଜ




ଡକ୍ଟର ଲକ୍ଷ୍ମଣ ସାହୁ


ଗତ ୨୦୨୫ ଅଗଷ୍ଟ ୬ ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ରୁଷୀୟ ତୈଳ କ୍ରୟ ଉପରେ ଅତିରିକ୍ତ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିବା ସହିତ ଏକ ଆଦେଶ ଜାରି କରିଥିଲେ। ଯାହା ଫଳରେ ମୋଟ ଆମେରିକାର ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଥିଲା।

ଆମେରିକାର ଜାତୀୟ ସୁରକ୍ଷା, ବୈଦେଶିକ ନୀତି ଓ ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଜାରି କରାଯାଇଥିବା ଏହି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ କୁହାଯାଇଛି ଯେ ଯଦି ରୁଷ କିମ୍ବା ଅନ୍ୟ କୌଣସି ପ୍ରଭାବିତ ଦେଶ ଆମେରିକା ସହିତ ସମନ୍ୱୟ ରଖି ଜରୁରୀକାଳୀନ ପରିସ୍ଥିତିର ସମାଧାନ ପାଇଁ ପଦକ୍ଷେପ ନିଅନ୍ତି, ତେବେ ରାଷ୍ଟ୍ରପତିଙ୍କର ମଧ ଏହି ନିର୍ଦ୍ଦେଶକୁ ସଂଶୋଧନ କରିବାର ଅଧିକାର ଅଛି। ଏହା ଏହି ନୀତିକୁ ନମନୀୟ କରିଥାଏ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାର ସମୟ ସୀମା ୨୧ ଦିନ ସ୍ଥିର କରାଯାଇଛି। ଅର୍ଥାତ୍, ଭାରତ ଓ ରୁଷ ଏହି ସମୟ ମଧ୍ୟରେ ଆମେରିକା ସହିତ ଆଲୋଚନା କରିବାର ଏବଂ ଶୁଳ୍କରେ ଯେକୌଣସି ସମ୍ଭାବ୍ୟ ପରିବର୍ତ୍ତନର ସମ୍ଭାବନା ଅନୁସନ୍ଧାନ କରିବାର ସୁଯୋଗ ପାଇବେ। ଏହି ନିର୍ଦ୍ଦେଶ ସୂଚାଇ ଦିଏ ଯେ ଆମେରିକା ସେହି ଦେଶଗୁଡ଼ିକ ଉପରେ ଚାପ ପକାଇବାକୁ ଚାହୁଁଛି ଯେଉଁମାନେ ୟୁକ୍ରେନ ଯୁଦ୍ଧ ପରେ ମଧ ସମୁଦ୍ର ଶକ୍ତି ବ୍ୟବହାର କରୁଛନ୍ତି। ଟ୍ରମ୍ପଙ୍କ ପଦକ୍ଷେପ ଦ୍ୱାରା ଭାରତର ଆର୍ଥିକ ଯୋଜନା ପ୍ରଭାବିତ ହୋଇପାରେ। ଗୋଟିଏ ପଟେ ଭାରତ ଶକ୍ତି ଆବଶ୍ୟକତା ଓ ପରିଷ୍କୃତ ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ପାଇଁ ରୁଷଠାରୁ ତେଲ କିଣିବା ଜାରି ରଖିଛି। ଅନ୍ୟପଟରେ ଆମେରିକା ସହିତ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ପାଇଛି।

ଆମେରିକାର ଅର୍ଥନୀତି ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ପରିସ୍ଥିତି ଭାରତ ପାଇଁ ଏକ ପରିବର୍ତ୍ତନମୂଳକ ସ୍ଥିତି ସାବ୍ୟସ୍ତ ହୋଇପାରେ। ବିଶେଷକରି ଯେତେବେଳେ ଅନେକ ଆମେରିକୀୟ କମ୍ପାନୀ ଏହାକୁ ଚୀନର ବିକଳ୍ପ ଭାବରେ ଦେଖୁଥିଲେ। ଏହା ପ୍ରବାସୀ ଭାରତୀୟଙ୍କ ଉପରେ ମଧ ପ୍ରତିକୂଳ ପ୍ରଭାବ ପକାଇବ। ଆମଦାନୀ ହେଉଥିବା ଭାରତୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ସେମାନଙ୍କ ବ୍ୟବହାର ଖର୍ଚ୍ଚ ବୃଦ୍ଧି କରିବ, ଯାହା କେବଳ ସେମାନଙ୍କର ସଞ୍ଚୟ କ୍ଷମତାକୁ ପ୍ରଭାବିତ କରିବ ନାହିଁ ବରଂ ଭାରତକୁ ପଠାଯାଉଥିବା ବିଦେଶୀ ମୁଦ୍ରାକୁ ମଧ ହ୍ରାସ କରିବ ବା ହ୍ରାସ ହେବା ଆଶା କରାଯାଉଛି। ଚୀନ୍, ଯିଏକି ଚୀନ୍‌ରୁ ମଧ ତେଲ କିଣେ, ସେ ଅତିରିକ୍ତ ଆମେରିକାର ଶୁଳ୍କ ସାମ୍ନା କରିନାହିଁ, ସମ୍ଭବତଃ କାରଣ ଆମେରିକା-ଚୀନ୍ ଯୁଦ୍ଧ ଏବେ ବି ଚାଲିଛି। ବର୍ତ୍ତମାନ, ଅନେକ ସାମଗ୍ରୀ ଉପରେ ଆମେରିକାର ଶୁଳ୍କର ଜବାବରେ ଚୀନ୍ ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଦଣ୍ଡାତ୍ମକ ଶୁଳ୍କ ବିଶ୍ୱ ରାଜନୀତିକୁ ଆଲୋଡ଼ିତ କରିଛି। ଏପରିକି ବିଶ୍ୱ ସମନ୍ୱୟକୁ ଜଟିଳ କରିଛି। ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଟ୍ରମ୍ପଙ୍କ ଏହି ମେଣ୍ଟ ବାତିଲ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ଓ ଏହାକୁ ସତର୍କ ଓ ଯୁକ୍ତିଯୁକ୍ତ ବୋଲି କହିଥିଲେ। ଏପରିକି ୟୁରୋପକୁ ସମାନ ମନୋଭାବ ଗ୍ରହଣ କରିବାକୁ ମଧ ନିବେଦନ କରିଥିଲେ। ଯଦିଓ ଏହା କୁହାଯାଇପାରେ ଯେ ଜନସନ୍ ଏହି ବାହାନାରେ ବର୍ତ୍ତମାନର ବ୍ରିଟିଶ ପ୍ରଧାନମନ୍ତ୍ରୀ କୋର ଷ୍ଟାରମରଙ୍କୁ ସମାଲୋଚନା କରିଛନ୍ତି। କିନ୍ତୁ ଯଦି ବ୍ରିଟେନ ଓ ୟୁରୋପୀୟ ସଂଘ ବିରୋଧୀ ଦଳ ଓ ସେଠାକାର ଆଦିବାସୀଙ୍କ ଚାପରେ ଆମେରିକାର ପଥ ଅନୁସରଣ କରନ୍ତି, ତେବେ ଭାରତ ପାଇଁ ପରିସ୍ଥିତି ଅଧିକ ଜଟିଳ ହୋଇପାରେ। ରୁଷଠାରୁ ଶକ୍ତି କିଣିବା ପାଇଁ ଆମେରିକାର ଚାପ ମଧ୍ୟରେ, ଚୀନ୍ ପ୍ରଥମ ଥର ପାଇଁ ଭାରତକୁ ସମର୍ଥନ କରି କହିଛି ଯେ ଏହାର ବୈଦେଶିକ ନୀତି ସ୍ୱାଧୀନ। ଏହା ଚୀନ୍ ଠାରୁ ଭାରତକୁ ଏକ ବିରଳ ସମର୍ଥନ ମିଳିଛି।

ଏହି ସାଧାରଣ ସମର୍ଥନ, ବିଶେଷକରି ଯେତେବେଳେ ଆମେରିକା ଉଭୟ ଦେଶ ସହିତ ବାଣିଜ୍ୟିକ ମୁକାବିଲା ପଥରେ ଚାଲିଛି, ଦୁଇ ଦେଶ ମଧ୍ୟରେ



ରଣନୈତିକ ସମୀକରଣରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚିତ କରୁଛି। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଚଳିତ ମାସରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ପାଇଁ ଚୀନ୍ ଗସ୍ତ, ଯାହା ଶେଷ ସଂଘର୍ଷ ପରେ ପ୍ରଥମ ହେବ, ଏହା ମଧ ଆମେରିକାକୁ ଏକ ପରୋକ୍ଷ ବାର୍ତ୍ତା ଦେଉଛି ଯେ ଭାରତ ପାଖରେ ବିକଳ୍ପ କୂଟନୈତିକ ପଥ ଅଛି। ତେଣୁ, ଭାରତକୁ ଚୀନ୍ ଦେଇଥିବା ଏହି ସମର୍ଥନ କେବଳ ଏକ କୂଟନୈତିକ ବିବୃତ୍ତି ନୁହେଁ, ବରଂ ବିଶ୍ୱ କ୍ଷମତା ସନ୍ତୁଳନରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ଇଙ୍ଗିତ କରୁଛି।

ଏବେ ଭାରତକୁ ଆତ୍ମନିର୍ଭରଶୀଳତା ଓ ଏକ ବିଶ୍ୱ ଆର୍ଥିକ ଶକ୍ତି ହେବା ପାଇଁ ତା'ର ପ୍ରୟାସକୁ ତୀବ୍ର କରିବାକୁ ପଡିବ। ଆମେରିକାର ଶୁଳ୍କ ଯୁଦ୍ଧ ଅନେକ ଦେଶକୁ ସେମାନଙ୍କର ନୀତିଗୁଡ଼ିକର ପୁନର୍ବିଚାର କରିବାକୁ ବାଧ କରିଛି। ଫ୍ରାନ୍ସ, ଜର୍ମାନୀ ଓ କାନାଡା ଭଳି ଦେଶ ଅର୍ଥନୈତିକ ସଂସ୍କାର ତଥା ସୁରକ୍ଷା ସୁଦୃଢ଼ୀକରଣ ଦିଗରେ ସକ୍ରିୟ ଅଛନ୍ତି। ଆମେରିକାର ଆକ୍ରମଣାତ୍ମକ ପଦକ୍ଷେପ ଅନ୍ୟ ଦେଶଗୁଡ଼ିକୁ ସଂସ୍କାରର ସୁଯୋଗ ଦେଇ ସକାରାତ୍ମକ ପରିବର୍ତ୍ତନର ପଥ ଖୋଲି ଦେଇଛି। ଭାରତ ଏଥର କଡ଼ା ପ୍ରତିକ୍ରିୟା ଦେଇଛି। ସୋମବାର ଜାରି ଏକ ବିବୃତ୍ତିରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଓ ଏହାର ୟୁରୋପୀୟ ଅଂଶୀଦାରମାନଙ୍କ ଉପରେ ବର୍ଷିଛି।

ବିବୃତ୍ତିରେ କୁହାଯାଇଛି ଯେ ଆମେରିକା ନିଜେ ଏହାର ପରମାଣୁ ଶକ୍ତି ଶିଳ୍ପ ପାଇଁ କ୍ଲୋରାଇଡ୍, ବୈଦ୍ୟୁତିକ ଯାନବାହନ କ୍ଷେତ୍ର ପାଇଁ ପାଲାଡିୟମ୍ ଓ ଆମେରିକାରୁ ସାର ଓ ରାସାୟନିକ ପଦାର୍ଥ ଆମଦାନୀ କରେ। ଏପରି ପରିସ୍ଥିତିରେ କେବଳ ଭାରତକୁ ଟାର୍ଗେଟ କରିବା ଅନୁଚିତ। ଭାରତ, ଯାହା ଏପର୍ଯ୍ୟନ୍ତ ଆମେରିକା ଓ ପାଶ୍ଚାତ୍ୟ ଦେଶମାନଙ୍କ ସହିତ ରହିଛି। ଏବେ ହୁଏତ ଦେଖାଇବାକୁ ଚେଷ୍ଟା କରୁଛି ଯେ ଯଦି ତା' ଉପରେ ଅତ୍ୟଧିକ ଚାପ ପକାଯାଏ, ତେବେ ସେ ଏହାର ବୈଦେଶିକ ନୀତିକୁ ବିବିଧ କରିବାକୁ ପଛାଇବ ନାହିଁ।

ଭାରତ ପାଇଁ, ଏହା କ୍ଷଣିକ ପ୍ରତିକ୍ରିୟାର ସମୟ ନୁହେଁ, ବରଂ ଦୂରଦୃଷ୍ଟିପୂର୍ଣ୍ଣ ଆତ୍ମନିରୀକ୍ଷଣ ଓ ରଣନୈତିକ ସଶକ୍ତିକରଣର ସମୟ। ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଶୁଳ୍କ ଯୁଦ୍ଧର ସାମ୍ନାରେ ମଧ ସୁଯୋଗ ଖୋଜି ଆଗକୁ ବଢ଼ିପାରିବେ, ଭାରତ କାହିଁକି କରିପାରିବ ନାହିଁ ? ଏହି ସମୟ ଯେତେବେଳେ ଭାରତ ଏହାର ଆଭ୍ୟନ୍ତରୀଣ ବାଣିଜ୍ୟକୁ ସରଳ ଏବଂ ସ୍ୱଚ୍ଛ କରିବା ଉଚିତ, ଉତ୍ପାଦନ କ୍ଷେତ୍ରକୁ ନୂତନ ଶକ୍ତି ଦେବା ଉଚିତ, ବିଶ୍ୱ ପ୍ରତିଯୋଗିତାରେ ଏହାର ସ୍ଥାଣୁତାକୁ ମଜବୁତ କରିବା ଉଚିତ। ଏପରି ମଧ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷମତାକୁ ବୃଦ୍ଧି କରି ବିଶ୍ୱ ନେତୃତ୍ୱ ପାଇଁ ଠୋସ୍ ପଦକ୍ଷେପ ନେବା ଉଚିତ୍। ଯଦି ଭାରତ ଏହି ଚ୍ୟାଲେଞ୍ଜିଂ ପରିସ୍ଥିତିରୁ ଏକ ସକାରାତ୍ମକ, ପରିବର୍ତ୍ତନକାରୀ ରାସ୍ତା ଖୋଜେ, ତେବେ ଏହା ଏକ ମହାନ ସଫଳତା ହେବ। ଏହି ତଥାକଥିତ ଅନିଚ୍ଛାକୃତ ପ୍ରଭାବ ତାଙ୍କର ସର୍ବବୃହତ ରଣନୈତିକ ବିଜୟ ପ୍ରମାଣିତ ହୋଇପାରେ।

ନିଃସନ୍ଦେହରେ ପ୍ରତ୍ୟେକ ସଙ୍କଟ ନିଜ ସହିତ ଏକ ଲୁକ୍କାୟିତ ସୁଯୋଗ ଆଣିଥାଏ। ଏହି ଯୁଗରେ ଶୁଳ୍କ ଯୁଦ୍ଧରେ ଭାରତକୁ କେବଳ ବର୍ତ୍ତମାନର ଚାପର ସମ୍ମୁଖୀନ ହେବା ପାଇଁ ନୁହେଁ ବରଂ ଭବିଷ୍ୟତର ବିଶ୍ୱ କ୍ରମରେ ନିଜକୁ ଏକ ନିର୍ଣ୍ଣାୟକ ଶକ୍ତି ଭାବରେ ପ୍ରତିଷ୍ଠିତ କରିବା ପାଇଁ ଆତ୍ମନିର୍ଭରଶୀଳ, ସତର୍କ ଓ ରଣନୈତିକ ଭାବରେ ପରିପକ୍ୱ ହେବାକୁ ପଡିବ। ଭାରତ ସରକାର ଏହି ଚ୍ୟାଲେଞ୍ଜର କିପରି ପ୍ରତିକ୍ରିୟା ଦେଉଛନ୍ତି ତାହା ଦେଖିବା ବାକି ଅଛି। କୂଟନୈତିକ ଆଲୋଚନା ଏବଂ ବିଚକ୍ଷଣ ବ୍ୟବସାୟ ରଣନୀତି ମାଧ୍ୟମରେ ଏହାକୁ ଏକ ସୁଯୋଗରେ ପରିଣତ କରିପାରିବେ କି, ନା ଆମେରିକାର ପ୍ରତିବନ୍ଧକର ଆର୍ଥିକ କ୍ଷତି ନୀରବରେ ସହ୍ୟ କରିବାକୁ ବାଧ ହେବେ? ଏହି ନିଷ୍ପତ୍ତି ଭାରତର ଭବିଷ୍ୟତର ବିଶ୍ୱ ଭୂମିକାକୁ ପରିଭାଷିତ କରିବ।

ଅତଏବ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ଓ ଶେଷ କାର୍ଯ୍ୟକାଳ ମାତ୍ର ସାତ ମାସ ମଧ୍ୟରେ, ବିଶ୍ୱ ବାଣିଜ୍ୟ ଟ୍ରିବ୍ୟୁନାଲରେ ଯେଉଁ ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରିଛନ୍ତି ତାହା ଅତୁଳନୀୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କର ଭାଇ ବୋଲି କହିବାକୁ ଆପତ୍ତି ନ କରିପାରନ୍ତି, ହାଲୋ ମୋଦି, ନମସ୍ତେ ଟ୍ରମ୍ପ କହୁଥିଲା ବେଳେ ଏଥର କିନ୍ତୁ ଟ୍ରମ୍ପ ସରକାରଙ୍କ ଖାଦ୍ୟ ବିରୋଧୀ କାର୍ଯ୍ୟକଳାପ ସହିତ, କିନ୍ତୁ ଭାରତ ମଧ ଶୁଳ୍କ ଯୁଦ୍ଧର କବଳରେ ପଡ଼ିଛି...!!!


**ତାରା ନିଳୟ , ପ୍ଲଟ: ୮୫୪/ଏ**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫, ମୋବାଇଲ୍: ୯୦୪୦୧୫୧୪୭୫**


# ଖୋଲାମେଲାରେ ଅପରାଧର ରାଜୁତି


ଗଙ୍ଗାଧର ସାମଲ


ରାତି ପାହିଲେ କେବଳ ଖବରକାଗଜର ପୃଷ୍ଠା ଖେଳେଇଲେ ନୁହେଁ, ଆଖପାଖର କ୍ଷେତ୍ର, ନିତିଦିନିଆ ଜୀବନ ଚିତ୍ର, କୋର୍ଟ କଚେରୀ ସବୁଠି ଦେଖନ୍ତୁ ଅପରାଧିକ କାୟା ବିସ୍ତାରିତ ଓ ବିକଟାଳ। ଜନ୍ମକଲା ବାପ ପୁଅକୁ, ପ୍ରେମ କରି ସଂସାର କରିଥିବା ପୁରୁଷଟି ନିଜ ସ୍ତ୍ରୀକୁ, ଭାଇ ଭଉଣୀକୁ, ଚାକର ମାଲିକକୁ ସବୁ କ୍ଷେତ୍ରରେ ଯଦିଓ ସବୁଠି ନୁହେଁ ଅନେକ କ୍ଷେତ୍ରରେ ଏହି ଅପରାଧର ଧାରା କହିବାକୁଗଲେ ଏକ ସାଧାରଣ ଘଟଣା ହୋଇଗଲାଣି। ଅପରାଧ ସଂଗଠିତ କରୁଥିବା ଲୋକଟି ସବୁ ପ୍ରକାର ପାରିବାରିକ ଓ ଭାବଗତ ସମ୍ପର୍କକୁ ପଛ କରି ଦେଇ ହତ୍ୟାକୁ ଶ୍ରେଷ୍ଠ ଓ ଶେଷତମ ମାର୍ଗ ଭାବେ ବାଛୁଛି। ହତ୍ୟା କରଥିବା ସମାଜରେ ଆତଙ୍କ ଖେଳାଉ ଥିବା ଆମ ଆଲୋଚନାର ଅପରାଧୀମାନେ ସେମାନଙ୍କ ବୟସକୁ ଦେଖିଲେ ଜଣାଯାଏ ବୟସର ସୀମା ଆଉ ସୀମିତ ହୋଇ ରହିନାହିଁ। ଏବେ ଛଅରୁ ଆଠ ବର୍ଷର କଅଁଳ ଛୁଆଟିଏ କେତେବେଳେ ଅପରାଧୀ ସାଜିଲାଣି ତ କେତେବେଳେ ଅଶୀତ ପରରୁ ଉର୍ଦ୍ଧ୍ୱ ଲୋକଟି ହତ୍ୟା କରିବାକୁ ପଛାଉ ନାହିଁ। କେଉଁଠି ଦଶଟଙ୍କା ପାଇଁ, କେଉଁଠି ପାଣି ମୁନ୍ଦାଏ ପାଇଁ, କେଉଁଠି ବିସ୍କୁଟ ପ୍ୟାକେଟଟି ପାଇଁ, କେଉଁଠି ଖାଦ୍ୟ ମୁଠାଏ ପାଇଁ ଜଣେ ଅନ୍ୟ ଜଣଙ୍କ ଜୀବନ ନେବାକୁ ପଛାଉ ନାହିଁ। ଅନେକ ନଜିର ରହିଛି ଜାମିନ ମଞ୍ଜୁର କରୁଥିବା ସ୍ୱୟଂ ନ୍ୟାୟବତାର ବିଚାରପତିମାନେ କେତେକ କ୍ଷେତ୍ରରେ ସମ୍ପୃକ୍ତ ଜେଲ ଫେରନ୍ତା ଅଭିଯୁକ୍ତର ଅପରାଧର ଶିକାର ହେଉଛନ୍ତି।

ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠେ ଯେ ସମାଜରେ ଏଭଳି କ୍ରୁରତା, ହିଂସା, ହତ୍ୟା, ରକ୍ତପାତର କାରଣ ସବୁ କ'ଣ? କେବଳ ନିଶା ନୁହଁ କ୍ଷମତାର ଅହଂକାର, ବାହୁବଳର ସାମର୍ଥ୍ୟ, ଅଖଣ୍ଡ ପ୍ରଭାବ ଓ ଅର୍ଥ ଅନେକଙ୍କୁ ହିତାହିତ ଜ୍ଞାନ ଭୁଲାଇ ଦେଉଛି। ସରକାରଙ୍କ ରାଜସ୍ୱ ଲୁଟ କରି ଦାନୀ ଦେଖେଇ ହେବାର ଚରିତ୍ର ଆମ ମାନଙ୍କ ଭିତରେ ଅନେକ ରହିଛନ୍ତି। ସମାଜରେ ବଢ଼ି ଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଚାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଠିତରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଇଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି। ଯେନତେନ ପ୍ରକାରେଣ, ରାତାରାତି ସେହି ମାୟାଦୁନିଆକୁ ଛୁଇଁବାର ଉଚ୍ଚାକାଂକ୍ଷା ଛୋଟ ଅଥଚ ଜଟିଳ ରାସ୍ତାଟିଏ ଆବିଷ୍କାର କରୁଛି, ଯେଉଁଠାରେ ଅପରାଧ ହିଁ ସିଡ଼ି ବା ମାଧ୍ୟମ ହେଉଛି। ବସ୍ତିରେ ରହୁଥିବା ଅବହେଳିତ ବର୍ଗରୁ ଉଚ୍ଚଶିକ୍ଷିତ ଯୁବ ବର୍ଗ ଏହି ପଥର ଯାତ୍ରୀ ହୋଇସାରିଛନ୍ତି।

ସମାଜର ଏହି ଅଭାବନୀୟ ଦୃଶ୍ୟ ଦେଖିଲାବେଳକୁ ଯେ କେହି ଲୋକର




ଛାତି ଭିତର ଅତ୍ୟନ୍ତ କଷ୍ଟ, ନୈରାଶ୍ୟ ଓ ବିଷାଦ ଭିତରେ ବୁଡ଼ି ଯାଉଛି। ଏବେ ଏଠାରେ ପ୍ରଶ୍ନ ଉଠୁଛି ପରିବେଶ ସୁଧୁରିବ କେମିତି ଓ ସୁଧାରିବ କିଏ? ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ ସମାବେଶୀ ହେବା ଆବଶ୍ୟକ। କଠୋର ଦଣ୍ଡ ବିଧାନ, ସୁଧାର ଗୃହ, ଆଇନ କାନୁନ କେବଳ ଏହାର ସମାଧାନ ନୁହେଁ। ବରଂ ଆଜିକାଲିର ବ୍ୟବସ୍ଥା ଯାହା, ସେଥିରେ ବସ୍ତିରେ ରହୁଥିବା ବା ରାସ୍ତାଘାଟରେ ଖରା, ବର୍ଷା, ଶୀତରେ ରାତି କାଟୁଥିବା ନିରାଶ୍ରୟ ବ୍ୟକ୍ତିଟିଏ ଅପରାଧଟିଏ ଭିଆଇ ଦେଇ କାରାଗାରର ଚାରିକାନ୍ଥ ଓ ଛାତ ତଳେ କିଛି ମାସ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ଖାଇପିଇ ଜୀବନ କାଟିବାକୁ ଶ୍ରେୟ ମଣୁଛି। ଏପରିକି ହାଜତ ମୃତ୍ୟୁ ଭଳି ବିବାଦ ଓ ମାମଲାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖିବା ମାନସିକତାରେ ବିଚାରାଧୀନ ନିଶାସକ୍ତ କଏଦୀମାନଙ୍କୁ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ଡାକ୍ତରୀ ପରାମର୍ଶକ୍ରମେ ପ୍ରତିଦିନ ଅନୁମୋଦିତ ପରିମାଣରେ ମଦ ଓ ଡ୍ରଗ୍ସ ଯୋଗାଇ ଦେବାର ବ୍ୟବସ୍ଥା ମଧ କାର୍ଯ୍ୟକାରୀ ହେଉଛି। ଏଭଳି ପରିସ୍ଥିତିରେ ଅପରାଧ ହ୍ରାସ ପାଇବା ବଦଳରେ ବଢ଼ିବା ବିଚିତ୍ର କିମ୍ବା ଅସ୍ୱାଭାବିକ ନୁହେଁ। ଏହାଛଡ଼ା ଆମ ଲୋକ ସଂଖ୍ୟା ତୁଳନାରେ ଆରକ୍ଷୀ ବଳ ଅନୁପାତ ନୈରାଶ୍ୟଜନକ। ଏହାସତ୍ତ୍ୱେ ଯେଉଁଠାରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏକାଧିକ ନେତା, ମନ୍ତ୍ରୀ, ଭିଆଇପିଙ୍କ ଗସ୍ତ ଓ ସଭାସମିତି ପାଇଁ ମାଳମାଳ ଆରକ୍ଷୀ ବଳ ନିୟୋଜିତ, ସେଠାରେ ଅପରାଧ ଓ ଅପରାଧୀଙ୍କ ମନରେ ଭୟ ସଞ୍ଚାର କରିବ କିଏ? ଆଉ କିଛି ଦିନ ପରେ ସ୍ୱାଧୀନତା ଦିବସ ଆସୁଛି। ଏକଦା ଗାନ୍ଧିଜୀ ତାଙ୍କ ସ୍ୱପ୍ନର ସ୍ୱାଧୀନ ଭାରତର ସଞ୍ଜ୍ଞା ଦେବାକୁ ଯାଇ କହିଥିଲେ ଯେ - 'ଯେ ଯାଏ ଜଣେ ମହିଳା ଏକୁଟିଆ ରାତିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଯାଇ ଘରକୁ ଫେରିପାରୁଥିବ ତାହାହେଲେ ମୁଁ ଭାବିବି ଭାରତ ତାର ଅସଲ ସ୍ୱାଧୀନତା ପାଇଛି।' ଆଜିର ସମୟକୁ ଦେଖିଲେ ରାତି ତ ଦୂରର କଥା ଦିନ ଅଧରେ ସୁସ୍ଥ ସବଳ ଯୁବକ ଜଣଙ୍କ ପାଇଁ ମଧ ଘରୁ ପାଦ କାଢ଼ି ପୁଣି ନିରାପଦରେ ଘରକୁ ଫେରିବା ନିଶ୍ଚିତ ହୋଇପାରିନାହିଁ। ରାତାରାତି ସମାଜରୁ ଅପରାଧ ଚେତନାର ମୂଳ ଲୋପ କରିବା ସମ୍ଭବ ନୁହେଁ। ଏଥିପାଇଁ ଘରର କ୍ଷେତ୍ର ସର୍ବପ୍ରଥମ ଦାୟୀ। ପିଲାଟି କୋମଳମତୀ ଥିବା ଅବସ୍ଥାରେ ପରିବାର ଓ ପାରିପାର୍ଶ୍ୱିକ ଘଟଣାଚକ୍ର ତାକୁ ସୁଖଦ ବା ଦୁଃଖଦ କରିଥାଏ। ସେହିପରି ସରକାରୀ ଓ ବେସରକାରୀ, ସାମାଜିକ, ପାରିବାରିକ ଓ ସମନ୍ୱିତ ସବୁ ଦିଗରୁ ଏ କ୍ଷେତ୍ରରେ ଏକ ଉତ୍ତରଦାୟ ଗୁରୁ ଦାୟିତ୍ୱ ରହିଛି। ଏ କ୍ଷେତ୍ରରେ କେବଳ ପ୍ରଶାସନ, ନ୍ୟାୟ ବ୍ୟବସ୍ଥା, ପୋଲିସ ବ୍ୟବସ୍ଥାକୁ ଦାୟିତ୍ୱ ଛାଡ଼ି ଦେଇ ନିଜ ଉତ୍ତରଦାୟିତ୍ୱରୁ କେହି ମୁକୁଳିବାକୁ ପ୍ରୟାସ କରିବା ଅନୁଚିତ। ଆମ ସମସ୍ତଙ୍କର ଯେଉଁ ଗୁରୁଦାୟିତ୍ୱ ରହିଛି ଏହାକୁ ଆସନ୍ତୁ ନିର୍ବାହ କରିବା।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୯୪୩୭୨୨୬୬୪୭**


# ସାମ୍ରାଜ୍ୟର ଷଡ଼ ବିପତ୍ତି


ଉତ୍କଳାନନ୍ଦ ଅଜୟ କୁମାର ବେହେରା




ଯେକୌଣସି ରାଜ୍ୟ, ଦେଶ ହେଉନା କାହିଁକି ତାଙ୍କର ଛଅଟି ବିପତ୍ତି ଅଛି। ବିପତ୍ତି ଗୁଡ଼ିକ ହେଲା ଅତିବୃଷ୍ଟି, ଅନାବୃଷ୍ଟି, ମୂଷିକ, ଶଲଭ, ଖଗ, ନିକଟବର୍ତ୍ତୀ ରାଜା। ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଅତିବୃଷ୍ଟି ଓ ଅନାବୃଷ୍ଟି ମଧ୍ୟରେ ରହିଛି। ଆକାଶରୁ ମହରଗ ଜଳ ବର୍ଷଣ ଉପରେ ଦ୍ରବ୍ୟ ସୁଲଭ ଦୁର୍ଲଭ ଧାର୍ଯ୍ୟ ହେଉଛି। ପ୍ରତ୍ୟେକ ଦେଶର ରାଜଶକ୍ତି ଅଛି ପାଞ୍ଚ ଗୁଣ ତାହା ଇନ୍ଦ୍ରଗୁଣ, ଚନ୍ଦ୍ରଗୁଣ, ଯମ ଗୁଣ, ଅଗ୍ନି କୁଣ ଓ କୁବେରଗୁଣ। ଯେତେବେଳେ ଜଳ ସଙ୍କଟ ଦେଖାଦେଉଛି ଆକାଶରୁ ବର୍ଷା ଠିକ ବେଳେ ଚାଷ ସମୟରେ ପର୍ଯ୍ୟାପ୍ତ ପରିମାଣରେ ହେଉନାହିଁ ସେତେବେଳେ ରାଜଶକ୍ତିର ଇନ୍ଦ୍ରଗୁଣ ପରିପ୍ରକାଶ ହେଉଛି। କେନାଲରୁ ଜଳ ଯୋଗାଇବା ଉଠାଜଳ ସେଚନ ପ୍ରକ୍ରିୟା ଚାଲୁ ରଖିବା ନଳକୂପ ପୁଷ୍କରିଣୀରୁ ଜଳ ଯୋଗାଇବା ହେଉଛି।

ରାଜ ସହାୟକ ପାରିଷଦ ମାନଙ୍କର ଦୂରଦୃଷ୍ଟି ଜଳ ଅଭାବ ବା ଜଳର ପ୍ରାବଲ୍ୟରେ ଧ୍ୱଂସ ପ୍ରକ୍ରିୟାକୁ ଟାଳଣ କରି ସୃଷ୍ଟି ରକ୍ଷାରେ ସହାୟକ ହୋଇଥାନ୍ତି। ମୂଷିକ ଏହା ଏକ ଜଟିଳ ପର୍ଯ୍ୟାୟ ମୂଷା ଏକ ଏପରି ଜୀବ ସେ କ୍ରାଇମ ମାମଲା କରିଲେ ବି ତାକୁ ଆଇନଗତ ପ୍ରକ୍ରିୟାରେ କେବେ ଦମନ କରି ମୂଷା ମାନଙ୍କୁ ବିଲୋପ ବା ଭୟ ଦେଖାଯାଇପାରିବ ନାହିଁ ତାଙ୍କ ନାମରେ ପୋଲିଶ କେସ ହୋଇପାରୁନାହିଁ, ଚୋର ଡାକୁ ଠାରୁ ଆହୁରି ଭୟାନକ ମୂଷିକ ଶସ୍ୟ କ୍ଷେତ୍ରରେ ଶସ୍ୟ ଭଣ୍ଡାରରେ ଗୋଦାମରେ ମୂଷା ତାଣ୍ଡବ ରହିଛି। ଏହି ମୂଷା ପରି ଏବେ ମର୍କଟ ସଂଯୋଗ ହୋଇ ଗଲେଣି। ଖାଦ୍ୟଶସ୍ୟ ଉତ୍ପାଦନ ହେଲେ ବି ଏଥିରୁ ବାଟ ମାରଣା ଏଇ ମୂଷା ମାଙ୍କଡ଼ ସର୍ବଦା କରୁଛନ୍ତି।

ମୂଷାମାନେ ଚୋର୍ଯ୍ୟ ବୃତ୍ତିର ତାଙ୍କର କ୍ଷୟମାର୍ଗ ମନୁଷ୍ୟର କରୁଥିବାବେଳେ ମର୍କଟମାନେ ତାକୁ ମାର୍ଗ ଧରି କ୍ଷୟକ୍ଷତିରେ ଲାଗି ରହୁଛନ୍ତି। ଏଇ ଦୁଇ ଭୀଷଣ ଆକ୍ରମଣରେ ରାଜ ବିପତ୍ତି ଆସୁଛି। ପର୍ଯ୍ୟାୟ କ୍ରମିକ ଚାଷ ବର୍ତ୍ତମାନ ରୁଦ୍ଧ। କେବଳ ଧାନ ଗହମ ଫସଲ ସାରି ଦେଇ କୃଷକ ଚୁପ ହୋଇ ବସିଲେ ଚାଷ କ୍ଷେତ୍ରକୁ ଅନ୍ୟ ସମୟରେ ନଗଲେ ହିଡ଼ବାଡ଼ରେ ମୂଷା ବସତି ବଢ଼ିବା ମୂଷାଧ୍ୱଂସକାରୀ ସର୍ପ ଓ ବିତାଳ ଏମାନେ ମନୁଷ୍ୟର ଏବେ କୋପ ଦୃଷ୍ଟିରେ। ପୂର୍ବେ ବୈଦେଶିକ ଆକ୍ରମଣକାରୀ, ଲୁଟେରା ଯେତିକି କ୍ଷତି ବେଳେ ବେଳେ କରୁଥିଲେ ବର୍ତ୍ତମାନ ଏଇ ମୂଷିକ ତା ଠାରୁ ସାଂଘାତିକ କ୍ଷତି କରାଉଛନ୍ତି। କି ପ୍ରକାର ପରିବେଶରେ ମୂଷା ସଂଖ୍ୟା ବଢ଼ି ଚାଲୁଛି ତାର ପ୍ରକୃତ ଅନୁଧାନ ନକଲେ ଶସ୍ୟ ଭଣ୍ଡାର ଶସ୍ୟ କ୍ଷେତ୍ରରୁ ଏପରି ଆତଙ୍କ ପ୍ରଜା ଆତଙ୍କ ଓ ରାଜ ଆତଙ୍କ ହୋଇ ଯାଇପାରେ। ରାଜାଙ୍କର ଅଛି ଯମଗୁଣ ଓ ଅଗ୍ନିଗୁଣ। ବିଷାକ୍ତ ଔଷଧୀୟ ପ୍ରୟୋଗ ଶସ୍ୟ କ୍ଷେତ୍ରରୁ ଶସ୍ୟ ଅମଳ ପରେ ଶସ୍ୟ କ୍ଷେତ୍ରରେ ନଡ଼ାକୁଟାରେ ନିଆଁ ଲଗାଇ ଦେଲେ ମୂଷିକ ବଂଶ ସାବାଡ଼ ହୋଇଯାଇଥାନ୍ତି। ତେବେ ବିଷାକ୍ତ ଔଷଧ ପ୍ରତି ଲୋକେ ସତର୍କ ନରହିଲେ କିଛି ଅପବ୍ୟବହାରରେ ଜନକ୍ଷୟ ସମ୍ଭାବନା ଅଛି। ଶସ୍ୟ ଭୂମିର ଅଗ୍ନି ସଂଯୋଗ କାଳରେ ସେ ଅଗ୍ନି ଯେପରି ଦାବାନଳ ନ ହୁଏ ଏ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଶଲଭ ଏସବୁ ହେଉଛି ଝିଣ୍ଟିକା ପଙ୍ଗପାଳ ହାତି, ବରାହ ଜଙ୍ଗଲି ପଶୁ ଠେକୁଆ ମୃଗ କୁତ୍ରା। ଏସବୁ ଫସଲ କ୍ଷେତ୍ରରେ ପଶି ଫସଲ ଖାଇଯାଇ ଦେଶର ଖାଦ୍ୟ ବରବାଦ ହାନି କରନ୍ତି। ଏ ପାଇଁ ସରକାରୀ ସଚେତନତା ଜାଗ୍ରତ କରି ସମୁଦ୍ର ପ୍ରଚେଷ୍ଟାରେ ଏସବୁ ପ୍ରତିହତ କରାଯିବା କଥା। ଏବେ ହାତୀ ପ୍ରବଳ ଶସ୍ୟ ନଷ୍ଟ କରୁଛନ୍ତି। ଓ ଦୁଇ ବୁଲା ଷଣ୍ଢ ଏବି ଏକ ସମସ୍ୟା ହୋଇଗଲାଣି। ଏହି ଶତୃତାରେ ଅଛନ୍ତି ମାଟିଘର ନକରିଛି ଭଲ ବହୁ ନଷ୍ଟ କରୁଛନ୍ତି ସରକାରୀ ରେକର୍ଡ଼ ମଧ ନଷ୍ଟ କରୁଛନ୍ତି। ଖଗ - ଆକାଶଚର, ପକ୍ଷୀ ଏମାନେ ବି କୃଷି ନାଶ କରନ୍ତି। ମତ୍ସ୍ୟ ନାଶ କରନ୍ତି, ମନୁଷ୍ୟର ସମସ୍ୟା ବହୁ ସମୟରେ ହୁଅନ୍ତି। ଉଡ଼ାଜାହାଜରେ ପକ୍ଷୀ ମାଡ଼ରେ ବହୁମୂଲ୍ୟ ଜୀବନ ଯାନ ନଷ୍ଟ ହେଉଛି। ଖଗରେ ବ୍ୟୋମଯାନ ଆସୁଛି। ଏବେ କେତେ ପ୍ରକାର ବ୍ୟୋମଯାନ ପୁଣି ସ୍ୱୟଂକ୍ରିୟ ଡ୍ରାଇଭର ପାଇଲଟ ବିହୀନ ଯାନ। ବୋମାମାଡ଼ରେ ଡ୍ରୋନ ଲାଗିଲାଣି। ଏସବୁକୁ ନିୟନ୍ତ୍ରଣ କରିବା ଡ୍ରୋନ ଉତଡ଼େପଣ ଆୟତରେ ରହିଛି। ଏହାକୁ ଦମନ ଧ୍ୱଂସ କରିବା ବିଦ୍ୟା ତୁରନ୍ତ ବାହାର ନକରାଗଲେ ଜନଜୀବନ ସରକାର ସମସ୍ତେ ବିପତ୍ତିରେ ପଡ଼ିବେ। ରାଜାଙ୍କର ଯମଗୁଣ ଓ ଯମ ତେଜ ଏଥିରେ ବଳବତ୍ତର ଆବଶ୍ୟକ। ସବୁଠାରୁ ବଡ଼ ବିପତ୍ତି ବର୍ତ୍ତମାନ ନିକଟବର୍ତ୍ତୀ ରାଜା। ସମ୍ରାଜ୍ୟବାଦ ବଢ଼ି ବଢ଼ି ଚାଲିଛି ଏ ମୂଳରେ ଅଛି। ବଣିକବୃତ୍ତି ନୂଆ ନୂଆ ପର୍ଯ୍ୟାୟ ଯୋଗ। ଅନ୍ୟ ଦେଶରୁ ଧନ ଶୋଷଣ ପାଇଁ ନୂଆ ନୂଆ ଧାରା ଏବେ ଖୋଜ ହେଲାଣି। ଲୋକେ ସ୍ୱଦେଶ ଦ୍ରବ୍ୟରେ ସନ୍ତୁଷ୍ଟ ନୁହଁନ୍ତି। ନିଜ ବାଡ଼ି ବଗିଚା ଚାଷ ଜମିରୁ ଉତ୍ପାଦିତ ଦ୍ରବ୍ୟରେ ଚଳିବା ଭୁଲିଗଲେଣି। ଘର ପାଖରେ ଯାହା ମିଳୁଛି ସେଥିରେ ପାଦ ଚଲା ଦୁର୍ଲଭ ଯାନ ପାଇଁ ଇନ୍ଧନ ଏ ଦେଶରେ ଅଭାବ ଏକଥା କେହି ବୁଝିବାକୁ ତର ନାହିଁ ପିଲାଏ ଖେଳିବେ ବିଦେଶୀ ଖେଳନା ଦରକାର। ବିଦେଶୀ ଯାନ ଦରକାର। ଯାନ ବେପାରୀ ତାଙ୍କର ଟେକନୋଲଣିକୁଧରି କୌଶଳରେ ଦରକାରୀ ମନେ କରି ଭିନ୍ନ ଦେଶରେ ଯାନ ଶିଳ୍ପ କରୁଛନ୍ତି। ଏମାନେ ପାଇଁ ଉପଯୁକ୍ତ ଦେଶରେ ଜମିଗ୍ରହଣ, ଶକ୍ତି ଆହରଣ ଜଳ ମନୁଷ୍ୟ ଶକ୍ତି ସହଜରେ କାମରେ ଲଗାଇ ସାମାମ୍ରଜ୍ୟ ସୃଷ୍ଟି କରି ରହିଛନ୍ତି। ପ୍ରତ୍ୟେକ ଦେଶର ଶାସନକୁ ଏମାନେ ଅର୍ଥ ଓ କୁଟନୀତି ବଳରେ ନିଜ ସପକ୍ଷକୁ ସର୍ବଦା ନେଇଯାଉଛନ୍ତି। ପାକିସ୍ତାନ ଭାରତ ସ୍ୱାଧୀନତା ପୂର୍ବରୁ ଏକ ଦେଶ ଥିଲା। ଏକ ଦେଶର କଞ୍ଚାମାଲ ଓ ତହିଁରୁ ଉତ୍ପାଦନ ସାମଗ୍ରୀ ଏକ ଦେଶରେ ବିକ୍ରୀ ଖର୍ଦ୍ଦି ହୋଇ ସୁରୁଖୁରୁରେ ଚାଲୁଥିଲା। ଦୁଇ ଦେଶ ଅଲଗା ହେବାରୁ ଦୁଇ ଦେଶରେ ବଣିକ ବୁଦ୍ଧି ଏବେ ସାମ୍ରାଜ୍ୟବହ ସୃଷ୍ଟି କରୁଛି। ପାକିସ୍ତାନର ନୀତି ସହଯୋଗର ନୁହଁ ଅସହଯୋଗ ଯୋଗୁଁ ଭାରତରେ ଯୁଦ୍ଧ ଅସ୍ତ୍ର ଶାଣିତ କରିବାରେ ବହୁ ଧନ ବୃଥା ନଷ୍ଟ।

ଘରେ ଘରେ ହସ୍ତେ ହସ୍ତେ ମୋବାଇଲ ଫୋନ ଏହାର ସାମ୍ରାଜ୍ୟ ଏତେ ବିସ୍ତାରିତ ଯେ ଏହା ବିସ୍ତାରବାଦରେ ଆସିଯାଉଛି। ଏହାର ଅଂଶ ବ୍ୟାଟ୍ରୀ, ଆଇସି, ପ୍ରଭୃତି ସବୁ ବିଦେଶୀ ଆମଦାନୀର ଦ୍ରବ୍ୟ ନଚେତ ତାହା ଏ ଦେଶରେ ସେମାନଙ୍କର ଟେକନୋଲୋଜି ଟ୍ରେଡ଼ମାର୍କ, ଲାଇସେନସରେ ବ୍ରାଣ୍ଡରେ ବିକ୍ରୟ। ଏସବୁ କାମଯୋଡ଼ି ପାଖ ରାଜ୍ୟ ଅର୍ଥ ଆଦାୟରେ ରହିଲେଣି। ଏପରି ଧମକର ବିଚାର କରିବାର ସମୟକୁ ପ୍ରତ୍ୟେକ ନାଗରିକ ବୁଝିଲେ ଦେଶ ପ୍ରଗତି ଦିଗକୁ ବଢ଼ିବ, ସମୟ ଲାଗିବ ମାତ୍ର ହୋଇପାରିବ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**




# ସ୍ୱଦେଶ ଫେରିଲେ ମହାକାଶ ଯାତ୍ରୀ ଶୁଭାଂଶୁ

**ନୂଆଦିଲ୍ଲୀ, ୧୭।୮(ସଂଚାର ବ୍ୟୁରୋ):** ନାସାର ଆକ୍ସିଓମ୍-୪ ମହାକାଶ ମିଶନ୍‌ର ପାଇଲଟ୍ ଏବଂ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଆମେରିକାରୁ ରବିବାର ସକାଳେ ଭାରତକୁ ଫେରିବା ବେଳେ

## ଦିଲ୍ଲୀ ଏୟାରପୋର୍ଟରେ ଭବ୍ୟ ସ୍ୱାଗତ

ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ତାଙ୍କ ସହିତ ଗଗନଯାନ ମିଶନ୍‌ର ବ୍ୟାକଅପ୍ ମହାକାଶ ଯାତ୍ରୀ ପ୍ରଶାନ୍ତ ବାଳକୃଷ୍ଣନ ନାୟର ମଧ୍ୟ ଫେରିଛନ୍ତି। ଦିଲ୍ଲୀ ବିମାନବନ୍ଦରରେ କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି ରାଜ୍ୟମନ୍ତ୍ରୀ ଡ଼ଃ ଜିତେନ୍ଦ୍ର ସିଂହ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଶୁଭାଂଶୁ ଓ ନାୟରଙ୍କ ସ୍ୱାଗତ କରିଥିଲେ।



ଶୁଭାଂଶୁ ଶୁକ୍ଲାଙ୍କ ସ୍ୱଦେଶ ଫେରିବାକୁ ନେଇ କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି ରାଜ୍ୟମନ୍ତ୍ରୀ ଡ଼ଃ ଜିତେନ୍ଦ୍ର ସିଂହ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି - 'ଭାରତର ମହାକାଶ ଗୌରବ ଏବେ ଭାରତୀୟ ମାଟିକୁ ଛୁଇଁଛି, କାରଣ ଭାରତ ମାତାଙ୍କର ଗର୍ବିତ ସନ୍ତାନ, ଗଗନଯାତ୍ରୀ ଶୁଭାଂଶୁ ଶୁକ୍ଲା ଆଜି ସକାଳେ ଦିଲ୍ଲୀରେ ପହଁଚିଛନ୍ତି।'

# ରାଜଧାନୀରୁ ହଟିବ ଟ୍ରାଫିକ ଜାମ୍

**ନୂଆଦିଲ୍ଲୀ,୧୭।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାୟ ୧୧ ହଜାର କୋଟି ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ ପ୍ରକଳ୍ପର ଉଦଘାଟନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦ୍ୱାରକା ଏକ୍ସପ୍ରେସ ୱେ ଏବଂ ଦିଲ୍ଲୀ ସେକ୍ସନର ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତା-୨ ରହିଛି। ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହେଉଛି ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଟ୍ରାଫିକ୍ ସୁଗମ କରିବା, ଯାତ୍ରା ସମୟ ହ୍ରାସ କରିବା ଏବଂ ରାଜଧାନୀକୁ ଭିଡ଼ରୁ ମୁକ୍ତି ଦେବା ।

ଏହି କରିଡର ଦିଲ୍ଲୀକୁ ଟ୍ରାଫିକ୍ ଜାମ୍ ରୁ ମୁକ୍ତି ଦେବ, ୪୦ ମିନିଟ୍ ମଧ୍ୟରେ ଆଇଜିଆଇ ବିମାନବନ୍ଦରରେ ପହଞ୍ଚିବା। ଏନ୍‌ସିଆରରୁ ଚଣ୍ଡିଗଡ଼ ଯାତ୍ରା ମଧ୍ୟ ସହଜ ହେବ । ଉଦଘାଟନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ମଧ୍ୟ ଉପସ୍ଥିତ ଥିଲେ । ରୋହିଣୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଦ୍ୱାରକା ଏକ୍ସପ୍ରେସ ୱେ ଏବଂ



## ୧୧ ହଜାର କୋଟିର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟିତ

ସହରାଞ୍ଚଳ ବିସ୍ତାର ରାସ୍ତାର ସଂଯୋଗୀକରଣ ଦିଲ୍ଲୀ-ଏନସିଆରର ଲୋକମାନଙ୍କୁ ବହୁତ ଆଶ୍ୱସ୍ତି ଦେବ। କିଛି ସମୟ ପୂର୍ବରୁ, ଦିଲ୍ଲୀକୁ ଦ୍ୱାରକା ଏକ୍ସପ୍ରେସ ୱେ ଏବଂ ସହରାଞ୍ଚଳ ବିସ୍ତାର ରାସ୍ତାର ସଂଯୋଗୀକରଣ ମିଳିଛି। ଏହା ଦିଲ୍ଲୀ, ଗୁରୁଗ୍ରାମ ଏବଂ ସମଗ୍ର ଏନସିଆରର ଲୋକଙ୍କ ସୁବିଧା ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀ ମୋଦୀ ପ୍ରାୟ ୫,୫୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବାହାଦୁରଗଡ଼ ଏବଂ ସୋନିପତକୁ ନୂତନ ସଂଯୋଗ ସହିତ ଅର୍ବାନ ଏକ୍ସଟେନସନ୍ ରୋଡ୍ ଆଲିପୁରରୁ ଦିଚାଓଁ କଲାନ୍ ଷ୍ଟ୍ରେଚ୍ ମଧ୍ୟ ଉଦଘାଟନ କରିଥିଲେ।

ଏହା ଦିଲ୍ଲୀର ଭିତର ଏବଂ ବାହ୍ୟ ରିଙ୍ଗ ରୋଡ୍ ଏବଂ ମୁକାରବା ଚୌକ୍, ଧୌଲା କୁଆଁ ଏବଂ ଏନଏଚ-୯ ଭଳି ବ୍ୟସ୍ତବହୁଳ ସ୍ଥାନରେ ଟ୍ରାଫିକ୍ ସମସ୍ୟାକୁ ସହଜ କରିବ। ନୂତନ ସ୍ପର୍ସ ବାହାଦୁରଗଡ଼ ଏବଂ ସୋନିପତକୁ ସିଧାସଳଖ ସଂଯୋଗ ପ୍ରଦାନ କରିବ, ଶିଳ୍ପ ସଂଯୋଗୀକରଣରେ ଉନ୍ନତି ଆଣିବ, ସହରର ଟ୍ରାଫିକ୍ ହ୍ରାସ କରିବ ଏବଂ ଏନସିଆରରେ ସାମଗ୍ରୀ ପରିବହନକୁ ତ୍ୱରାନ୍ୱିତ କରିବ ।

# ବଦଳିଯିବ ପିଏମ୍‌ଓର ଠିକଣା



**ନୂଆଦିଲ୍ଲୀ,୧୭।୮:** ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଠିକଣା ପରିବର୍ତ୍ତନ ହେବାକୁ ଯାଉଛି। ବର୍ତ୍ତମାନ, ପିଏମଓ ସାଉଥ ବ୍ଲକରେ ଅବସ୍ଥିତ, ଯାହା ଆସନ୍ତା ମାସରେ ଏକଜିକ୍ୟୁଟିଭ୍ ଏନକ୍ଲେଭ୍ କୁ ସ୍ଥାନାନ୍ତରିତ ହେବ। ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି ନୂତନ ଏନକ୍ଲେଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବ୍ୟତୀତ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଉନ୍ନତ କନ୍‌ଫରେନ୍ସ ରୁମ ସୁବିଧା ମଧ୍ୟ ରହିବ। ଏହା ଉଲ୍ଲେଖନୀୟ ଯେ ନୂତନ ପିଏମଓ ପ୍ରଧାନମନ୍ତ୍ରୀଙ୍କ ବାସଭବନର ନିକଟରେ ଓ ସାଉଥ ବ୍ଲକରେ ଥିବା ପିଏମଓରେ ଆଧୁନିକ ସୁବିଧାର ଅଭାବ ଅଛି। ସେହି ସମୟରେ, ସ୍ଥାନର ମଧ୍ୟ ଅଭାବ ଅଛି। ସୂଚନା ଅନୁଯାୟୀ, ନୂତନ ପିଏମଓକୁ କିଛି ନୂତନ ନାମ ମଧ୍ୟ ଦିଆଯାଇପାରିବ। ପ୍ରଧାନମନ୍ତ୍ରୀ ତାଙ୍କର ତୃତୀୟ କାର୍ଯ୍ୟକାଳ ପୂର୍ବରୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପିଏମଓ ଜନସାଧାରଣଙ୍କର ହେବା ଉଚିତ। ଏହା ମୋଦିଙ୍କ ପିଏମଓ ହୋଇ ରହିଯିବା ଉଚିତ ନୁହେଁ। ନିକଟରେ, ପ୍ରଧାନମନ୍ତ୍ରୀ ମୋଦୀ ଗୃହ ମନ୍ତ୍ରଣାଳୟ ଏବଂ କାର୍ମିକ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ 'କର୍ତ୍ତବ୍ୟ ଭବନ-୩' ଉଦଘାଟନ କରିବା ସମୟରେ କହିଥିଲେ ଯେ, ପ୍ରଶାସନିକ ଯନ୍ତ୍ରପାତି ଏବେ ବି ବ୍ରିଟିଶ ସମୟର କୋଠାରୁ କାମ କରୁଛି, ଯେଉଁଠାରେ ଆଲୋକ ଏବଂ ବାୟୁଚଳନର ଅଭାବ ରହିଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ନର୍ଥ ବ୍ଲକ ଏବଂ ସାଉଥ ବ୍ଲକ ଗତ ୮ ଦଶନ୍ଧି ଧରି ଭାରତ ସରକାରଙ୍କ କାର୍ଯ୍ୟର କେନ୍ଦ୍ର ହୋଇଆସିଛି। ଉଭୟ ବ୍ଲକକୁ 'ଯୁଗେ ଯୁଗେ ଭାରତ ସଂଗ୍ରହାଳୟ' ନାମକ ଏକ ସାର୍ବଜନୀନ ସଂଗ୍ରହାଳୟରେ ପରିଣତ କରାଯିବ।

### ରାହୁଲଙ୍କ ପ୍ରତି ନିର୍ବାଚନ କମିସନଙ୍କ କଡ଼ା ଆଭିମୁଖ୍ୟ

# ୭ ଦିନରେ ଶପଥପତ୍ର ଦିଅ, ନଚେତ୍ କ୍ଷମା ମାଗ

**ନୂଆଦିଲ୍ଲୀ,୧୭।୮ :** ଭୋଟଚୋରି ଅଭିଯୋଗ ଆଣିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ନିର୍ବାଚନ କମିସନ। କମିସନ ସ୍ପଷ୍ଟଭାବେ କହିଛନ୍ତି ଯେ ଶପଥପତ୍ର ଦାଖଲ କରିବାକୁ ହେବ ନଚେତ୍ କ୍ଷମା ମାଗିବାକୁ ହେବ । କୌଣସି ତୃତୀୟ ବିକଳ୍ପ ନାହିଁ । ଯଦି ୭ ଦିନ ମଧ୍ୟରେ ସେ ଶପଥପତ୍ର ନ ଦିଅନ୍ତି ତେବେ ଅଭିଯୋଗ ଭିତ୍ତିହୀନ ବୋଲି ଧରାଯିବ ।

ଜଣେ ଯଦି କହିବ ଯେ ଭୋଟର ତାଲିକାରେ ଜଣେ ବ୍ୟକ୍ତିଙ୍କର ଦୁଇଥର ନାଁ ରହିଛି ମାନେ ସେ ଦୁଇଥର ଭୋଟ ଦେଉଛନ୍ତି, ତେବେ ନିର୍ବାଚନ କମିସନ ଚୁପ ହୋଇ ବସିବେ ନାହିଁ। ଅଭିଯୋଗକାରୀଙ୍କୁ ଶପଥପତ୍ର ଦେବାକୁ ହିଁ ପଡ଼ିବ, ନଚେତ ଦେଶବାସୀଙ୍କୁ କ୍ଷମା ମାଗିବାକୁ ପଡିବ।



ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ଏକ ପିପିଟି ଦେଇ, ଯାହାକି କମିସନଙ୍କ ତଥ୍ୟ ନୁହେଁ, ଦାବି କରେ ଯେ ଅମୁକ ପୋଲିଂ ଅଫିସର କହିଛନ୍ତି ଯେ ଜଣେ ମହିଳା ଦୁଇଥର ଭୋଟ ଦେଇଛନ୍ତି, ତେବେ ତାହାକୁ ବିନା ଶପଥପତ୍ରରେ ଗ୍ରହଣ କରାଯାଇପାରିବ ନାହିଁ। ସେ କହିଛନ୍ତି ଯେ ଜଣେ ଯଦି କହିବ ଯେ ଭୋଟର ତାଲିକାରେ ଜଣେ ବ୍ୟକ୍ତିଙ୍କର ଦୁଇଥର ନାଁ ରହିଛି ମାନେ ସେ ଦୁଇଥର ଭୋଟ ଦେଇ ଆଇନଗତ ଅପରାଧ କରିଛନ୍ତି, ତେବେ ନିର୍ବାଚନ କମିସନ ଚୁପ ହୋଇ ବସିବେ ନାହିଁ। ଅଭିଯୋଗକାରୀଙ୍କୁ ଶପଥପତ୍ର ଦେବାକୁ ହିଁ ପଡ଼ିବ, ନଚେତ ଦେଶବାସୀଙ୍କୁ କ୍ଷମା ମାଗିବାକୁ ପଡିବ ।

# ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ମୃତ

**ବେଙ୍ଗାଲୁରୁ, ୧୭।୮:** ନାଗାରଥପେଟିରେ ଏକ ତିନି ମହଲା କୋଠାରେ ଘଟିଛି ଅଗ୍ନିକାଣ୍ଡ । ମୃତକମାନେ ମଦନ କୁମାର, ନିତେଶ, ସଂଗୀତା, ବିହାନା ଓ ସୁରେଶ କୁମାର ବୋଲି ଜଣାପଡ଼ିଛି । ଭୋର ପ୍ରାୟ ୩ଟା ସମୟରେ କୌଣସି କାରଣରୁ ଏହି କୋଠାରେ ନିଆଁ ଲାଗିଯାଇଥିଲା । ବାହାରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ନିଆଁ ଲିଭାଉଥିବା ସମୟରେ କେତେକ ଅଗ୍ନିଶମ ବାହିନୀ ମଧ୍ୟ ଆହତ ହୋଇଛନ୍ତି । ପୋଲିସ ଓ ଅଗ୍ନିଶମ ବାହିନୀ ସହାୟତାରେ ବିଲ୍ଡିଂରୁ ପୋଡ଼ି ଯାଇଥିବା ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ବିଲ୍ଡିଂରେ ଏକ ପ୍ଲାଷ୍ଟିକ ମ୍ୟାଟ୍ ପ୍ରସ୍ତୁତ ୟୁନିଟ ଥିବା ବେଳେ କେଉଁ କାରଣ ପାଇଁ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ିନାହିଁ । କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ଓ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି ।

# ବିଜେପି ଉପରେ ବର୍ଷିଲେ ଖଡଗେ

**ସାସାରାମ,୧୭।୮:** ବିହାରର ସାସାରାମରେ ଇଣ୍ଡିଆ ମେଣ୍ଟ ଦ୍ୱାରା ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରିବା ସମୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ବିଜେପି ଏବଂ ଆରଏସଏସକୁ କଡ଼ା ଟାର୍ଗେଟ କରିଛନ୍ତି। ଖଡଗେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ବିଜେପି କ୍ଷମତା ଛାଡି ନାହିଁ, ସେପର୍ଯ୍ୟନ୍ତ ଲୋକଙ୍କ ଭୋଟ, ଅଧିକାର ଏବଂ ସ୍ୱାଧୀନତା ସୁରକ୍ଷିତ ନୁହେଁ। ସମ୍ବିଧାନ ବିପଦରେ ଅଛି। ଅନ୍ୟପକ୍ଷରେ, ସଂଘ ସମ୍ପର୍କରେ ଖାର୍ଗେ କହିଛନ୍ତି ଯେ ଆରଏସଏସ ଦେଶର ସ୍ୱାଧୀନତା ବିରୋଧରେ ଥିଲା। ଖଡଗେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରୁ କହୁଛନ୍ତି ଯେ ଆରଏସଏସ ୧୦୦ ବର୍ଷ ଧରି ଦେଶର ସେବା କରିଆସୁଛି, ଯେତେବେଳେ ସତ୍ୟ ହେଉଛି ସଂଘ ଦେଶର ସ୍ୱାଧୀନତା ବିରୋଧରେ ଥିଲା। ଖଡଗେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରୁ କହୁଛନ୍ତି ଯେ, ଆରଏସଏସ ୧୦୦ ବର୍ଷ ଧରି ଦେଶର ସେବା କରିଆସୁଛି, ଯେତେବେଳେ ସତ୍ୟ ହେଉଛି ସଂଘ ଦେଶର ସ୍ୱାଧୀନତା ବିରୋଧରେ ଥିଲା। ସଂଘର ବିଚାରଧାରା ଥିବା ଲୋକମାନେ ଗାନ୍ଧୀଜୀଙ୍କୁ ହତ୍ୟା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଆରଏସଏସର କୌଣସି ଅବଦାନ ନଥିଲା। ବିପରୀତରେ, ସଂଘର ଲୋକମାନେ ବ୍ରିଟିଶମାନଙ୍କୁ କ୍ଷମା ଏବଂ ଚାକିରି ମାଗି ଚିଠି ଲେଖିଥିଲେ।

# ରେସ୍ତୋରାଁ ଭିତରେ ଗୁଳିକାଣ୍ଡ, ୩ ମୃତ




**ନ୍ୟୁୟର୍କ,୧୭।୮:** ଆମେରିକାର ନ୍ୟୁୟର୍କ ସହରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବ୍ରୁକଲିନର କ୍ରାଉନ୍ ହାଇଟ୍ସ ଅଞ୍ଚଳରେ ଥିବା ଏକ ରେସ୍ତୋରାଁ ଭିତରେ ଗୁଳିଚାଳନା ହୋଇଛି। ଏହି ଗୁଳିକାଣ୍ଡରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣା ପରେ ସମଗ୍ର ଅଞ୍ଚଳରେ ଏକ ଚାଞ୍ଚଲ୍ୟ ଖେଳିଯାଇଛି। ନିକଟରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏହି ଘଟଣା ରବିବାର ସକାଳେ ଘଟିଥିଲା ଯେତେବେଳେ 'ଟେଷ୍ଟ ଅଫ୍ ଦି ସିଟି ଲାଉଞ୍ଜ' ବନ୍ଦ ହେବାକୁ ଯାଉଥିଲା। ପୁଲିସର ସୂଚନା ଅନୁଯାୟୀ, କେତେକ ବନ୍ଧୁକଧାରୀ ରେସ୍ତୋରାଁ ଭିତରକୁ ପ୍ରବେଶ କରି ଆଖିମୁଜା ଗୁଳି ଚଳାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ବନ୍ଧୁକଧାରୀମାନେ ଫେରାର ହୋଇଯାଇଥିଲେ । ଏପର୍ଯ୍ୟନ୍ତ ପୁଲିସ ସେମାନଙ୍କୁ ଗିରଫ କରିପାରିନାହିଁ । ପୁଲିସର ସୂଚନା ଅନୁଯାୟୀ, କେତେକ ବନ୍ଧୁକଧାରୀ ରେସ୍ତୋରାଁ ଭିତରକୁ ପ୍ରବେଶ କରି ଆଖିମୁଜା ଗୁଳି ଚଳାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ବନ୍ଧୁକଧାରୀମାନେ ଫେରାର ହୋଇଯାଇଥିଲେ । ଏପର୍ଯ୍ୟନ୍ତ ପୁଲିସ ସେମାନଙ୍କୁ ଗିରଫ କରିପାରିନାହିଁ । ନ୍ୟୁୟର୍କ ପୁଲିସ କମିଶନର ଜେସିକା ଟିସ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପୁଲିସ ସକାଳ ପ୍ରାୟ ସାଢ଼େ ୩ଟା ସମୟରେ ଗୁଳିଚାଳନା ସମ୍ପର୍କରେ ଏକ ଫୋନକଲ୍ ପାଇଥିଲା। ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଏହା ସହିତ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା । ମୃତକ ତିନିଜଣ ପୁରୁଷ ଥିଲେ, ସେମାନଙ୍କ ମଧ୍ୟରୁ ଜଣେ ୨୭ ବର୍ଷ ଏବଂ ଅନ୍ୟ ଜଣେ ୩୫ ବର୍ଷ ବୟସର ବୋଲି କୁହାଯାଉଛି, ଯେତେବେଳେ ତୃତୀୟ ଜଣଙ୍କ ବୟସ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# କଠୁଆରେ ବାଦଲଫଟା ବର୍ଷା: ୪ ମୃତ

**ଜମ୍ମୁ,୧୭।୮ :** ଜମ୍ମୁ କାଶ୍ମୀରର କଠୁଆ ଜିଲ୍ଲାରେ ବାଦଲ ଫଟା ବର୍ଷା ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି । ରାଜବାଗ ଅଞ୍ଚଳରେ ଏକ ଦୁର୍ଗମ ଘାଟି ଅଞ୍ଚଳରେ ବାଦଲଫଟା ବର୍ଷା ହୋଇଛି । ଯେଉଁଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ପ୍ରବଳ ବର୍ଷା କାରଣରୁ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସହ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଏପର୍ଯ୍ୟନ୍ତ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ୬ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ପଠାଯାଇଛି । ୬ ଜଣ ଫସି ରହିଥିବା ସୂଚନା ମିଳିଛି । ବର୍ଷା ଯୋଗୁଁ ସ୍ଥାନୀୟ ଉଝ ନଦୀର ଜଳସ୍ତର ବିପଦ ସଂକେତ ନିକଟରେ ପହଞ୍ଚିଛି । କଠୁଆ ଅଞ୍ଚଳର ବଗାର୍ଡ, ଚାଙ୍ଗଦା ଏବଂ ଦିଲୱାନ-ହୁଟଲି ଗାଁରେ ମଧ୍ୟ ଭୂସ୍ଖଳନ ହୋଇଛି। ତେବେ ବଡ଼ କ୍ଷୟକ୍ଷତି ନେଇ ଖବର ମିଳିନାହିଁ। ଏହାରି ମଧ୍ୟରେ କାଠୁଆ ଥାନା ଅଞ୍ଚଳର ବାଗାର୍ଡ ଏବଂ ଚାଙ୍ଗରା ଗ୍ରାମ ଏବଂ ଲଖନପୁର ଥାନା ଅଞ୍ଚଳର ଦିଲୱାନ-ହୁଟଲି ଅଞ୍ଚଳରୁ ଭୂସ୍ଖଳନର ସୂଚନା ମିଳିଛି । କିନ୍ତୁ ସେଠାରେ ଅଧିକ କ୍ଷୟକ୍ଷତି ଘଟିନାହିଁ । ଅନ୍ୟପଟେ ଲଗାତାର ବର୍ଷା ଯୋଗୁଁ ଉଝ ନଦୀର ଜଳସ୍ତର ବିପଦପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି । ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏହା ଉପରେ ନଜର ରଖିବା ସହିତ ଲୋକମାନଙ୍କୁ ନଦୀ ଏବଂ ନାଳଠାରୁ ଦୂରରେ ରହିବା ସହିତ ସୁରକ୍ଷିତ ସ୍ଥାନରେ ରହିବାକୁ ନିବେଦନ କରିଛି ।

# ଇଣ୍ଡୋନେସିଆ, ଜାପାନରେ ଭୂକମ୍ପ ଝଟକା

**ଜାକର୍ତ୍ତା, ୧୭।୮:** ଇଣ୍ଡୋନେସିଆ ଏବଂ ଜାପାନରେ ଶକ୍ତିଶାଳୀ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଇଣ୍ଡୋନେସିଆରେ ଭୂକମ୍ପ ତୀବ୍ରତା ୫.୭ ଥିବାବେଳେ ଜାପାନରେ ୫.୫୭ ରହିଥିବା ଜଣାପଡିଛି । କୌଣସି ବଡ଼ କ୍ଷୟକ୍ଷତିର ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ । କିନ୍ତୁ ସ୍ଥାନୀୟ ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ଦଳ ଏଥିପାଇଁ ସତର୍କ ରହିଛନ୍ତି । ସୂଚନାନୁଯାୟୀ, ରବିବାର ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଭୂକମ୍ପର ତୀବ୍ରତା ରେକର୍ଡ କରାଯାଇଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିଲା। ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର'ରେ ଅବସ୍ଥିତ। ଯାହା ଇଣ୍ଡୋନେସିଆ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର ଗତିବିଧି ଯୋଗୁଁ ଭୂମିକମ୍ପ ପ୍ରତି ଅଧିକ ସମ୍ବେଦନଶୀଳ । ସେହିପରି ରବିବାର ଦିନ ମଧ୍ୟ ଜାପାନର କ୍ୟୁଶୁ ଦ୍ୱୀପ ନିକଟରେ ୫.୫୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଯାହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା। ଇଣ୍ଡୋସେନିଆ ଏବଂ ଜାପାନରେ ଭୂକମ୍ପର ଝଟକା ଅନୁଭୂତ ହେବା ପରେ ବିପର୍ଯ୍ୟୟ ପରିଚାଳନା ଏଜେନ୍ସିଗୁଡ଼ିକ ସତର୍କ ରହିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା କ୍ଷୟକ୍ଷତିର ସୂଚନା ନାହିଁ । ଗତ କିଛି ମଧ୍ୟରେ ଉଭୟ ଦେଶରେ ଭୂକମ୍ପ ବାରମ୍ବାର ଦେଖିବାକୁ ମିଳୁଛି । ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର ଜଟିଳ ଗତିବିଧି ଯୋଗୁଁ ଇଣ୍ଡୋନେସିଆରେ ଭୂମିକମ୍ପ ଏବଂ ଜ୍ୱାଳାମୁଖୀ ଉଦ୍‌ଗିରଣ ହେବାର ସମ୍ଭାବନା ମଧ୍ୟ ରହିଛି । ଏହାରି ମଧ୍ୟରେ ବିଶେଷଜ୍ଞମାନେ ଉଭୟ ଦେଶରେ ଆହୁରି ଭୂମିକମ୍ପ ହେବାର ସମ୍ଭାବନା ଥିବା କହିଛନ୍ତି । ସେନେଇ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ପାକିସ୍ତାନରେ ଭୟଙ୍କର ବନ୍ୟା: ୩୪୦ ମୃତ



**ଇସଲାମାବାଦ, ୧୭।୮ :** ପାକିସ୍ତାନରେ ତାଣ୍ଡବ ରଚୁଛି ବନ୍ୟା । ଲଗାତାର ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଏହି କାରଣରୁ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି । ଯାହାର ସୂଚନା ପ୍ରାଦେଶିକ ଅଧିକାରୀ ଦେଇଛନ୍ତି । ସୂଚନାନୁଯାୟୀ, ବିଶେଷ କରି ପାକିସ୍ତାନର ଖାଇବର ପଖତୁନଖ୍ୱାରେ ଗତ ଦୁଇ ଦିନ ମଧ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଯେଉଁଥି ପାଇଁ ବର୍ତ୍ତମାନ ମୃତ୍ୟୁହାର ୩୪୦ରେ ଆସି ପହଞ୍ଚିଛି । ଏହା ବ୍ୟତୀତ ଶହ ଶହ ମଧ୍ୟ ନିଖୋଜ ଥିବା ଜଣାପଡିଛି। ଯାହା ଚଳିତ ବର୍ଷର ଭୟଙ୍କର ମୌସୁମୀ ବୋଲି କୁହାଯାଉଛି । ଅନ୍ୟପଟେ ପାଣିପାଗ ବିଭାଗ ଅଗଷ୍ଟ ୨୧ ପର୍ଯ୍ୟନ୍ତ ବର୍ଷା ଜାରି ରହିପାରେ ବୋଲି ସତର୍କ କରାଇଛି । ଯାହା ପରିସ୍ଥିତିକୁ ଅଧିକ ଖରାପ କରିଦେଇପାରେ ବୋଲି ଅନୁମାନ କରାଯାଉଛି ।

# 'ହର୍ ଘର ତିରଙ୍ଗା'ରେ ସାଢ଼େ ୭ କୋଟି ସେଲ୍‌ଫି

- ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ
- ଅଭିଯାନରେ ୧.୮ କୋଟିରୁ ଅଧିକ ସ୍ୱଚ୍ଛ ଗାଁ ସାମିଲ
- ୯ ଲକ୍ଷ ସ୍ୱେଚ୍ଛାସେବୀଙ୍କ ତ୍ରିରଙ୍ଗା ବାର୍ତ୍ତା




**ନୂଆଦିଲ୍ଲୀ, ୧୭।୮:** ହର ଘର ତ୍ରିରଙ୍ଗା ଅଭିଯାନ ୨୦୨୫ ଏହି ଜାତୀୟସ୍ତରୀୟ ଅଭିଯାନର ଚତୁର୍ଥ ସଂସ୍କରଣ ଥିଲା। ଘରକୁ ତ୍ରିରଙ୍ଗା ଆଣିବା, ଏହା ସହ ପ୍ରତ୍ୟକ୍ଷ ଯୋଡି ହେବା ଓ ଏହାକୁ ସମ୍ମାନ ଜଣାଇବା ହେଉଛି ଏହାର ମୂଳ ଲକ୍ଷ୍ୟ। ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ ଭାବରେ ୨୦୨୨ରେ ଏହା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ୨ ଅଗଷ୍ଟରୁ ହର ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇ ତିନିଟି ପର୍ଯ୍ୟାୟରେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଛି। ସଶସ୍ତ୍ର ସେନା ଓ ପୋଲିସମାନଙ୍କ ପ୍ରତି କୃତଜ୍ଞତା, ସ୍ୱେଚ୍ଛାସେବା, ସଫେଇ ଅଭିଯାନ ଉପରେ ଆଲୋକପାତ କରିବା ଚଳିତ ବର୍ଷର ଥିମ ଥିଲା। ତ୍ରିରଙ୍ଗା ସ୍ୱେଚ୍ଛାସେବୀଙ୍କୁ ଚଳିତବର୍ଷ ନୂଆକରି ପ୍ରସ୍ତୁତ କରାଯାଇଛି। ବୟସ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସୀମିତ ରହିଥିବା ବ୍ୟକ୍ତିଙ୍କୁ ବିଶ୍ୱର ସବୁଠାରୁ ବଡ ଏହି ଜନତା ଭାଗିଦାରୀ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ହର ଘର ତ୍ରିରଙ୍ଗା ଅଭିଯାନ ୨୦୨୫ ଅଧୀନରେ ଉଭୟ ସହରାଂଚଳ ଓ ଗ୍ରାମାଂଚଳର ୯ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏବେ ଆଗକୁ ଆସିପାରିଛନ୍ତି। ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ତ୍ରିରଙ୍ଗା ସ୍ପିରିଟକୁ ମନେ ପକାଇଛନ୍ତି। ହର ଘର ତ୍ରିରଙ୍ଗା ଅଭିଯାନରେ ବହୁ ସଂଖ୍ୟକ ଭାଗିଦାରୀ କଥା ପ୍ରଧାନମନ୍ତ୍ରୀ ସ୍ମୃତିଚାରଣ କରିଛନ୍ତି। ମରୁଭୂମି, ହିମାଳୟ ଶୃଙ୍ଗ, ସମୁଦ୍ରତଟ, ଜନବହୁଳ ଅଂଚଳରେ ହର ଘର ତ୍ରିରଙ୍ଗା ଧୂନରେ ସମସ୍ତେ ମଗ୍ନ ଥିଲେ ଏବଂ ଦେଶ ମାତୃକାର ବନ୍ଦନା କରିଥିଲେ। ଏତଜିଟି ୨୦୨୫ରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ (ସିଏପିଏଫ)ର ଭାଗିଦାରୀକୁ ଗୃହମନ୍ତ୍ରୀ ଅମିତ ଶାହ ବି ପ୍ରଶଂସା କରିଥିଲେ।

୧୨ ଅଗଷ୍ଟରେ ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ, ମନ୍ତ୍ରଣାଳୟ ଓ ବିଭିନ୍ନ ବିଭାଗ, ଶିଳ୍ପ ସଂଘ, ଖୁଚୁରା ବିକ୍ରେତା, କର୍ପୋରେଟ ଜଗତ ଓ ନାଗରିକମାନେ ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନରେ ନିଜକୁ ସାମିଲ କରିଥିଲେ। ଏହାଛଡ଼ା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଲୋକପ୍ରିୟ ହର ଘର ତ୍ରିରଙ୍ଗା ସେଲଫି ଅଭିଯାନ କ୍ରମରେ ୧୬ ଅଗଷ୍ଟ ୨୦୨୫ ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାୟ ୭.୫୦ କୋଟି ତ୍ରିରଙ୍ଗା ସେଲଫି ଅପଲୋଡ ହୋଇଥିଲା। ହର ଘର ତ୍ରିରଙ୍ଗା ଅଭିଯାନର ସଂସ୍କୃତି ମନ୍ତ୍ରଣାଳୟ ହେଉଛି ଏକ ନୋଡାଲ ମନ୍ତ୍ରଣାଳୟ । ଯାହାର ସଚିବ ବିବେକ ଅଗ୍ରୱାଲ କହିଥିଲେ ଯେ, ହର ଘର ତ୍ରିରଙ୍ଗା କେବଳ ଏକ ଜନଭାଗିଦାରୀ ଆନ୍ଦୋଳନରେ ପରିଣତ ହୋଇନି ବରଂ ଲୋକମାନଙ୍କର ଏକ ସାମାଜିକ ଓ ସାଂସ୍କୃତିକ ଉତ୍ସବରେ ପରିଣତ ହୋଇଛି। ଏ ପ୍ରକାର ସ୍ୱେଚ୍ଛାସେବା ଓ ଜାତୀୟତା ଭାବଧାରାର ଉଦ୍ରେକ ଅଭୂତପୂର୍ବ। ଏ ପ୍ରକାର ବିପୁଳ ପରିମାଣର ଜନ ଭାଗିଦାରୀ ହର ଘର ତ୍ରିରଙ୍ଗାକୁ ସମଗ୍ର ବିଶ୍ୱରେ ଏକ ବିରାଟ ଉତ୍ସବରେ ପରିଣତ କରିଛି।

# ପାକିସ୍ତାନକୁ ଚୀନ୍ ଦେଲା ବୁଡ଼ାଜାହାଜ

**ଇସଲାମାବାଦ/ବେଜିଂ,୧୭।୮:** ଚୀନ୍ ନୂତନ ଉନ୍ନତ ହାଙ୍ଗର-କ୍ଲାସ୍ ବୁଡାଜାହାଜ ମଧ୍ୟରୁ ତୃତୀୟ ବୁଡ଼ାଜାହାଜ ପାକିସ୍ତାନକୁ ହସ୍ତାନ୍ତର କରିଛି। ଭାରତ ନିକଟବର୍ତ୍ତୀ ଭାରତ ମହାସାଗର ଅଞ୍ଚଳରେ ପାକିସ୍ତାନର ବର୍ଦ୍ଧିତ ଉପସ୍ଥିତିକୁ ସମର୍ଥନ କରିବା ପାଇଁ ଇସଲାମାବାଦର ନୌସେନା କ୍ଷମତାକୁ ବୃଦ୍ଧି କରିବା ପାଇଁ ଚୀନ୍ ଯେଉଁ ପ୍ରୟାସ କରୁଛି ତାହାର ଏକ ଅଂଶ ହେଉଛି ବେଜିଂର ଏହି ପଦକ୍ଷେପ। ଶନିବାର ଚୀନର ସରକାରୀ ଖବରକାଗଜ ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟ କରିଛି ଯେ,ତୃତୀୟ ହାଙ୍ଗୋର-କ୍ଲାସ୍ ବୁଡାଜାହାଜର ଉନ୍ମୋଚନ ସମାରୋହ କେନ୍ଦ୍ରୀୟ ଚୀନ୍‌ର ହୁବେଇ ପ୍ରଦେଶର ଉହାନରେ ଅନୁଷ୍ଠିତ ହୋଇଥିଲା। ଚୀନ୍ ଦ୍ୱାରା ପାକିସ୍ତାନ ପାଇଁ ନିର୍ମିତ ଆଠଟି ବୁଡ଼ାଜାହାଜ ମଧ୍ୟରୁ ଦ୍ୱିତୀୟଟି ଚଳିତ ବର୍ଷ ମାର୍ଚ୍ଚ ମାସରେ ହସ୍ତାନ୍ତର କରାଯାଇଥିଲା। ଏହା



ଗତ କିଛି ବର୍ଷ ମଧ୍ୟରେ ଚୀନ୍ ପାକିସ୍ତାନକୁ ଦେଇଥିବା ଚାରୋଟି ଆଧୁନିକ ନୌସେନା ଯୁଦ୍ଧ ଜାହାଜ ସହିତ ଅତିରିକ୍ତ ବୁଡ଼ାଜାହାଜ ଥିଲା।ଏହି ଯୋଗାଣ ଆରବ ସାଗରରେ ଚୀନ୍ ନୌସେନାର ନିରନ୍ତର ବିସ୍ତାର ମଧ୍ୟରେ ପାକିସ୍ତାନର ନୌସେନା ଶକ୍ତି ବୃଦ୍ଧି କରିବା ପ୍ରୟାସର ଏକ ଅଂଶ। ଚୀନ୍ ବେଲୁଚିସ୍ତାନର ଗ୍ୱାଦର ବନ୍ଦର ବିକଶିତ କରୁଛି। ଏହା ସହିତ ଭାରତ ମହାସାଗରରେ ଯୋଜନାବଦ୍ଧ ଭାବେ ଭାରତକୁ ଘେରିବା କାର୍ଯ୍ୟ କରୁଛି। ପାକିସ୍ତାନକୁ ବୁଡ଼ା ଜାହାଜ ଦେବା ଦ୍ୱାରା ଭାରତର ଚିନ୍ତା ବଢ଼ିବାରେ ଲାଗିଛି।

ହାଙ୍ଗର ଶ୍ରେଣୀର ବୁଡ଼ାଜାହାଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଉନ୍ନତ ସେନ୍ସରଗୁଡ଼ିକ ଆଞ୍ଚଳିକ ଶକ୍ତି ସନ୍ତୁଳନ ବଜାୟ ରଖିବା ଏବଂ ସାମୁଦ୍ରିକ ସ୍ଥିରତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତ୍ତିକୁ ଉଦ୍ଧୃତ କରି ସମ୍ବାଦପତ୍ର ରିପୋର୍ଟ କରିଛି।

# ସିଇସିଙ୍କୁ ଜବାବ ଦେଲା କଂଗ୍ରେସ

**ନୂଆଦିଲ୍ଲୀ ୧୭।୮:** ନିର୍ବାଚନ ଆୟୋଗଙ୍କ ରବିବାର ସାମ୍ବାଦିକ ସମ୍ମିଳନୀକୁ ନେଇ କଂଗ୍ରେସ ପକ୍ଷରୁ ଏଆଇସିସି ମିଡିଆ ପ୍ରଭାରୀ ପବନ ଖେଡ଼ା ଜବାବ ଦେଇଛନ୍ତି। ସେ ନିର୍ବାଚନ ଆୟୋଗଙ୍କ ଉପରେ ତମାମ ଅଭିଯୋଗ କରିବା ପରେ କହିଛନ୍ତି ଯେ ଜ୍ଞାନେଶ କୁମାର ଯଦିଓ ମୁହଁ ଖୋଲିଛନ୍ତି ତାଙ୍କ ସ୍କ୍ରିପ୍ଟ କିନ୍ତୁ ସେହି ବିଜେପିର। ଆମେ ତମାମ ଅସୁବିଧା ଜଣାଇଲୁ, ହେଲେ ଆପଣ ତା ଉପରେ ପଦଟେ ବି କହିଲେନି। ଖେଡା କହିଛନ୍ତି ଯେ ଜ୍ଞାନେଶ କୁମାର ଗୁପ୍ତାଜୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ 'ଯଦି କୌଣସି ଜଣେ ବ୍ୟକ୍ତି ଅନେକ ସ୍ଥାନର ଭୋଟର ଲିଷ୍ଟରେ ଅଛନ୍ତି, ସେ ଥରଟିଏ ଭୋଟ ଦେବେ'। ଏଥିରେ



ମୋର ସିଧା ପ୍ରଶ୍ନ ହେଉଛି ଗୁପ୍ତାଜୀ ତାଙ୍କର ଏହି ତର୍କ କୋର୍ଟଙ୍କୁ ଆଫିଡେଭିଟରେ ଲେଖିକରି ଦେବାକୁ ପ୍ରସ୍ତୁତ ତ?

ପବନ ଖେଡ଼ା କହିଛନ୍ତି ଯେ ଆପଣଙ୍କୁ ସିସିଟିଭି ଫୁଟେଜର କଥା କୁହାଗଲା, ଆପଣ କହିଲେ ଏହା ଦ୍ୱାରା ପ୍ରାଇଭେସୀ ଭଙ୍ଗ ହେଉଛି। ଯଦି ପ୍ରାଇଭେସୀ ଭଙ୍ଗ ହେଉଛି ଏହାକୁ ରେକର୍ଡ କରୁଛନ୍ତି କାହିଁକି, ଯଦି ରେକର୍ଡ କରୁଛ ନିଜ ପାଖରେ ୪୫ ଦିନ ପର୍ଯ୍ୟନ୍ତ ରଖୁଛନ୍ତି କାହିଁକି? ଖେଡ଼ା କହିଛନ୍ତି ଯେ ସେ ରାହୁଲ ଗାନ୍ଧିଙ୍କ ଗୋଟିଏ ପ୍ରଶ୍ନ ବି ଉତ୍ତର ଦେଇ ନାହାନ୍ତି। ଆମେ ସବୁ ପ୍ରକାରର ପ୍ରମାଣ ରଖିଲୁ, ନ୍ୟାୟାଳୟ ମଧ୍ୟ ହସ୍ତକ୍ଷେପ କଲେ, ହେଲେ ସେଠାରେ ମଧ୍ୟ ଆପଣ କୁ ତର୍କ ଦେଲେ। ଖେଡା କହିଛନ୍ତି ଯେ ରାହୁଲ ଗାନ୍ଧି ଆପଣଙ୍କ ଦ୍ୱାରା ମୃତ ଘୋଷିତ ଭୋଟରଙ୍କ ସହ ବସି ଚା ପିଇଲେ, ଏଥି ପାଇଁ ଆପଣଙ୍କୁ ସାମ୍ବାଦିକ ସମ୍ମିଳନୀରେ କ୍ଷମା ମାଗିବା କଥା। କାରଣ ଯେଉଁମାନଙ୍କୁ ମୃତ କୁହାଯାଉଛି ସେମାନେ ମୃତ ନୁହନ୍ତି। ଏଥି ପାଇଁ ଆପଣ କ୍ଷମା ମାଗିବା ବଦଳେ ସରକାରଙ୍କ ଏଜେଣ୍ଟଙ୍କ ଭଳି କଥା କହୁଛନ୍ତି। ଖେଡା କହିଛନ୍ତି ନିର୍ବାଚନ କମିଶନ କହିଛନ୍ତି ପକ୍ଷ ଓ ବିପକ୍ଷ ସମସ୍ତେ ଆମ ପାଖରେ ସମାନ। ଯଦି ତାଙ୍କ କଥା ଠିକ୍ ତେବେ ଏ ପର୍ଯ୍ୟନ୍ତ ଅନୁରାଗ ଠାକୁରଙ୍କୁ କାହିଁକି ନୋଟିସ୍ ଜାରି ହୋଇନି। ହେଲେ ରାହୁଲ ଗାନ୍ଧିଙ୍କୁ ସାମ୍ବାଦିକ ସମ୍ମିଳନୀ ମଝିରେ ଆପଣ ନୋଟିସ୍ ପଠେଇ ଦେଇଥିଲେ। ପବନ ଖେଡ଼ା କହିଛନ୍ତି ଯେ ଜ୍ଞାନେଶ କୁମାର ଗୁପ୍ତା ନିର୍ବାଚନ ଆୟୋଗ ପଦରେ ସରକାରଙ୍କ ଏଜେଣ୍ଟ ହୋଇ ବସିଛନ୍ତି। ରିଟାୟରମେଣ୍ଟ ପରେ ବି ତାଙ୍କୁ ସେହି ପଦରେ ସରକାରଙ୍କଠୁ ସମ୍ପ୍ରସାରଣ ମିଳୁ ବୋଲି ସେ ଚାହାନ୍ତି। ହେଲେ ଆପଣ ଭୁଲି ଯାଉଛନ୍ତି ଆପଣଙ୍କ ଲକ୍ଷଲକ୍ଷ ଅଧସ୍ତନ କର୍ମଚାରୀ ଅଛନ୍ତି, ସେମାନଙ୍କ ଭବିଷ୍ୟତକୁ ଆପଣ ବିପଦରେ ପକାଉଛନ୍ତି। ଯଦି କାଲି ଇନକ୍ୱାରୀ ହୁଏ ସମସ୍ତେ ଫଶିବେ।

## କଟକ ପୂର୍ବାଞ୍ଚଳ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ

# ସେପ୍ଟେମ୍ବର ୨୮ରୁ ଶାରଦୀୟ ଦୁର୍ଗା ପୂଜା

**କଟକ,୧୭।୮(ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗା ପୂଜାର ଆଦ୍ୟପର୍ବ ମାଟି ଅନୁକୂଳ ସରିଛି। ଆସନ୍ତା ସେପ୍ଟେମ୍ବର ୨୮ରୁ ଆରମ୍ଭ ହେବ କଟକର ପ୍ରସିଦ୍ଧ ଦୁର୍ଗାପୂଜା । ଏଥିପାଇଁ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସୂଚନାନୁଯାୟୀ, ଆଜି କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗା ପୂଜା ପ୍ରସ୍ତୁତି ସଭା ବିଦ୍ୟାଧରପୁରସ୍ଥିତ ଦ୍ୱାରିକାମାୟୀ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଧରପୁର ପୂଜା କମିଟି ନିମନ୍ତ୍ରଣ କ୍ରମେ ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନସ୍ଥ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦୁର୍ଗାପୂଜା ଓ ଭସାଣି

- ଅକ୍ଟୋବର ୩ରେ ଭସାଣି ଉତ୍ସବ
- ପେଣ୍ଡାଲ୍ ସଜା ଉପରେ ଟିକସ ଛାଡ଼ ଦାବି

ଉତ୍ସବର ସଫଳ ଆୟୋଜନ ନେଇ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସର୍ବସମ୍ମତି କ୍ରମେ ଆସନ୍ତା ସେପ୍ଟେମ୍ବର ୨୮ ତାରିଖରେ କଟକର ପ୍ରସିଦ୍ଧ ଦୁର୍ଗା ପୂଜା ହେବାକୁ ଦିନ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୩ରେ ମା'ଙ୍କ ଭସାଣୀ ଉତ୍ସବ ଆୟୋଜନ ପାଇଁ ସ୍ଥିର ହୋଇଛି। ଉକ୍ତ ବୈଠକରେ ରାସ୍ତାଘାଟ ମରାମତି, ଭିତ୍ତିଭୂମି ସମସ୍ୟା, ଦୁର୍ଗା ପୂଜା ଆୟୋଜନ ସମ୍ପର୍କିତ ବିଭିନ୍ନ ସମସ୍ୟା, ଭସାଣି ଶୋଭାଯାତ୍ରା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତେବେ ଅଧିକାଂଶ ପୂଜା କମିଟି ସଭାପତିମାନେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପୂଜା ମଣ୍ଡପ ସାଜସଜା ଓ ଆଲୋକୀକରଣ ଉପରେ ଲଗାଇଥିବା ଟିକସକୁ ପ୍ରତ୍ୟାହର କରିବା ସକାଶେ ଦାବି କରିଥିଲେ। ଏହାଦ୍ୱାରା ପୂଜା କମିଟି ଉପରେ ଖର୍ଚ୍ଚର ଅତ୍ୟଧିକ ଚାପ ପଡୁଥିବା ଉକ୍ତ କମିଟି ସଭାପତିମାନେ ମତ ଦେଇଛନ୍ତି। ଏଥିସହ ବୈଠକରେ ସ୍ଥାନୀୟ ଜନସାଧାରଣ କଟକର ସହରର ଭାଇଚାରାକୁ ବଜାୟ ରଖିବା ସହ ସବୁ ଦିଗରୁ ସହଯୋଗ କରିବା ସକାଶେ ନିବେଦନ କରାଯାଇଛି। ବୈଠକରେ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ, ଜିଲ୍ଲା ପ୍ରଶାସନ, ସିଏମ୍‌ସି କର୍ତ୍ତୃପକ୍ଷ ଓ କମିସନ୍‌ରେଟ୍ ପୁଲିସ ପ୍ରଶାସନ ମଧ୍ୟ ଯୋଗଦେବେ ଦେଇଥିଲେ।




## ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

**ମାଲକାନଗିରି, ୧୭।୮(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ଲାକାମ୍ବେରୁ ସୋରଲୁକୋଣ୍ଡା ବ୍ୟାରେଜ ପାଖରେ ୨ଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ ୭କିଲୋ ଗଞ୍ଜେଇ ନେଇ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ତେବେ ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଭି -୨୫ ଗ୍ରାମର ରାଖାଲ ବାଲା (୪୫), ଜୀଉଟିପାଲ୍ଲୀ ଗ୍ରାମର ଭୀମା ପଡ଼ିୟାମି(୫୦)। ପୋଲିସ ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବ୍ୟାରେଜ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ବ୍ୟକ୍ତି ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ନେଇ ଦ୍ରୁତଗତିରେ ଯାଉଥିବା ଦେଖି ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ପାଖରେ ଥିବା ବ୍ୟାଗରେ ପ୍ରାୟ ୭ କିଲୋ ଗଞ୍ଜେଇ ଥିବା ପୋଲିସ ଦେଖି ବାକୁ ପାଇଥିଲା। ଘଟଣାସ୍ଥଳରୁ ପୋଲିସ ଉକ୍ତ ବାଇକ୍ ସହ ଗଞ୍ଜେଇ ଜବତକରି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫକରି ଥାନାକୁ ଆଣିଥିଲେ।

● ଡ. ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଶୋକ

## ଶିକ୍ଷା ଜଗତ ପାଇଁ ଅପୂରଣୀୟ କ୍ଷତି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଗଣିତଜ୍ଞ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଡକ୍ଟର ଦାସ ଜଣେ ଉତ୍କର୍ଷ ବିଦ୍ୱାନ ଭାବେ ଶିକ୍ଷାଦାନ ଏବଂ ଗବେଷଣା ପ୍ରତି ବିଶେଷ ଆଗ୍ରହ ରଖୁଥିଲେ। ସେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ମହାନ ଭକ୍ତ। ଆଧ୍ୟାତ୍ମିକତା ଏବଂ ଲୋକପ୍ରିୟ ବିଜ୍ଞାନ ଉପରେ ମଧ୍ୟ ଲେଖନୀ ଚାଳନା କରୁଥିଲେ। ସେ ଥିଲେ ସରଳ ସ୍ୱଭାବର ବ୍ୟକ୍ତି। ତାଙ୍କ କଥାବାର୍ତ୍ତା ଥିଲା ମଧୁର। ସେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହ ବାହାରେ ବି ପ୍ରେରଣାଦାୟୀ ପରାମର୍ଶ ଦେଉଥିଲେ। ବିଶେଷ ଭାବେ ତାଙ୍କ ଭଳି ଜଣେ ଶିକ୍ଷାବିତଙ୍କ ବିୟୋଗ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପହଞ୍ଚିଲା ଶହୀଦଙ୍କ ମରଶରୀର, ଆଜି ଅନ୍ତିମ ସଂସ୍କାର

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ଆସନ୍ତାକାଲି ଗାଁରେ ହେବ କିସ୍ତୱାର ପ୍ରାକୃତିକ ବିପର୍ଯ୍ୟୟରେ ଶହୀଦ ହୋଇଥିବା ଓଡ଼ିଆ ସିଆଇଏସଏଫ ଯବାନଙ୍କ ଅନ୍ତିମ ସଂସ୍କାର। ଜମ୍ମୁ-କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷାରେ ଶହୀଦ ହୋଇଛନ୍ତି ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ମାଣିକମରା ଗାଁର ମନୋଜ ବିଶ୍ୱାଳ। କିସ୍ତୱାରରେ କାର୍ଯ୍ୟରତ ଥିବା ସମୟରେ ପ୍ରାଣ ହରାଇଥିବା ମନୋଜଙ୍କ ମରଶରୀର ଆଜି ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛି। ସେଠାରେ ପାର୍ଥିବ ଶରୀରକୁ ଶେଷ ସମ୍ମାନ ଦିଆଯାଇଛି। ଶେଷ ସମ୍ମାନ ପରେ ପାର୍ଥିବ ଶରୀରକୁ ମାଣିକାମରା ଗାଁକୁ ନିଆଯାଇଛି। ସେଠାରେ ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ମୃତ୍ୟୁ ଖବର ପରେ ପୂରା ଗାଁ ସ୍ତବଧ ହୋଇଯାଇଛି।




## ପତ୍ନୀହନ୍ତା ଗିରଫ

**ମାଲକାନଗିରି, ୧୭।୮(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଭୁବନପାଲ୍ଲୀ ପଞ୍ଚାୟତ ଗିନିପାଲି ଗ୍ରାମରେ ଗତ ୧୫ ତାରିଖରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ମୃତ୍ୟୁବରଣ କରିଥିବା ଭାରତୀ କୁଞ୍ଜଙ୍କ ଭାଇ ଗ୍ରାମର ସୁରେଶ ମାଡ଼କାମି ଏମଭି ୭୯ ଥାନାରେ ରିପୋର୍ଟ କରିଥିଲେ ଯେ ତାଙ୍କ ଜ୍ୱାଇଁ ଭୀମା କୁଞ୍ଜ (୪୨) ଭାରତୀ କୁଞ୍ଜଙ୍କୁ ଚାଷ ଜମିରେ ଚାଷ କାମରେ ସମର୍ଥନ ନକରିବାରୁ ହତ୍ୟା କରିଥିଲେ। ଭାରତୀ ସବୁବେଳେ ଏକା ଚାଷ ଜମିକୁ ଯାଆନ୍ତି, କିନ୍ତୁ ଅଭିଯୁକ୍ତ ତାଙ୍କୁ ସାହାଯ୍ୟ କରନ୍ତି ନାହିଁ। ଚାଷ ଜମିରୁ ଫେରିବା ପରେ ସେ ତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିଲେ। ଏଥିରେ ରାଗିଯାଇ ଭୀମା ଏକ କାଠ ବାଡ଼ି ନେଇ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ରିପୋର୍ଟ ଆଧାରରେ ଏମଭି ୭୯ ଥାନା କେସ ନମ୍ବର ୧୨୫/୨୦୨୫ ଅଣ୍ଡର ସେକ୍ସନ/ ଏସ ୧୦୩-(୧) ବିଏନଏସରେ ମାମଲା ରୁଜୁ କରାଯାଇ ଏସଆଇ ଜିକେ ସାରକାଙ୍କୁ ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୁକ୍ତ ଭୀମା କୁଞ୍ଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଡାକ୍ତର ହେବେ ପ୍ରଥମ ଆଦିମ ଦିଡାୟୀ ଯୁବତୀ ଚମ୍ପା ରାସଦୋ

**ମାଲକାନଗିରି, ୧୭।୮(ସଂଚାର ବ୍ୟୁରୋ):** ଡାକ୍ତର ହେବେ ଖଇରପୁଟ ବ୍ଲକ ନାକାମାମୁଡି ଗ୍ରାମ ଆୟତର ଆମ୍ଲିବେଡ଼ା ଗ୍ରାମର ଆଦିମ ଦିଡାୟୀ ଜନଜାତି ଯୁବତୀ ଚମ୍ପା ରାସଦୋ। ନିଟ ପରୀକ୍ଷାରେ କୃତକାର୍ଯ୍ୟ ପରେ ଚମ୍ପା ରାସଦୋଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ପ୍ରତିଭାଶାଳୀ ଯୁବତୀ ଚମ୍ପା ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଚମ୍ପା ନିଜ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ପାଇଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ପଢ଼ିବେ ଚମ୍ପା। ତାଙ୍କର ଏହି ସଫଳତା ନିଶ୍ଚୟ ଅନ୍ୟ ଯୁବକ ଯୁବତୀ ଓ ବିଶେଷ ଭାବେ ଝିଅ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଜିଲ୍ଲାପାଳ। ଆଦିମ ଦିଡାୟୀ ଜନଜାତିର ପ୍ରଥମ ମହିଳା ଭାବେ ଚମ୍ପା ଏହି ସଫଳତା ହାସଲ କରି ଇତିହାସ ରଚିଛନ୍ତି। ବାପା ଲାଛମୁ ରାସଦୋ ଜଣେ ଗରିବ ଚାଷୀ। ଚମ୍ପା ଚିତ୍ରକୋଣ୍ଡା ଏସଏସଡି ବାଳିକା ବିଦ୍ୟାଳୟରୁ ୨୦୧୯ ରେ ଦଶମ ଶ୍ରେଣୀ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ। ତାପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ପ୍ରଥମରୁ ପଞ୍ଚମ ନନ୍ଦିନୀଗୁଡା ଏସଏସଡି ଇଜୁକେସନାଲ କମ୍ପ୍ଲେକ୍ସ ଠାରେ ଅଧ୍ୟୟନ କରିଥିଲେ। ନିଜର କଠିନ ଅଧ୍ୟବସାୟ, ଦୃଢ଼ ସଂକଳ୍ପ ଓ ଅନେକ ସଙ୍ଘର୍ଷ ପରେ ଏହି ଗୌରବ ହାସଲ କରିଛନ୍ତି ଚମ୍ପା। ଏହି ସଫଳତା ପାଇଁ ବଡବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି। ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜସ୍ୱ ଅର୍ଥରେ ବାଲେଶ୍ୱରର ଏକ କୋଚିଂ ସେଣ୍ଟରରେ ତାଲିମ ନେବାରେ ସହଯୋଗ କରିଥିଲେ। ଏବେ ତାଙ୍କ ସଫଳତା ପାଇଁ ତାଙ୍କ ଗ୍ରାମ ସମେତ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମଧ୍ୟ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି।

## ଗୋଚାଲାଣ ବେଳେ ଟେମ୍ପୋ ଜବତ, ଚାଳକ ଗିରଫ

**ବାରିପଦା, ୧୭।୮(ସଂଚାର ବ୍ୟୁରୋ):** ବେଆଇନ ଗୋଚାଲାଣକୁ ରୋକିବାରେ ବାରିପଦା ସଦର ଥାନା ପୁଲିସକୁ ସଫଳତା ମିଳିଛି। ଗୋରୁ ଉଦ୍ଧାର କରିବା ସହ ଟେମ୍ପୋ ଜବତ କରିଛନ୍ତି। ଏହାସହିତ ଗାଡି ଚାଳକ ବଡ଼ସାହି ଥାନା ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମର ପ୍ରଧାନ ସିଂ(୨୯)କୁ ଗିରଫ କରି ପୁଲିସ ତଦନ୍ତ ଜାରି ରଖିଛନ୍ତି। ରାତିରେ ବାରିପଦା ନିକଟରେ ପୁଲିସ ଦ୍ୱାରା ପାଟ୍ରୋଲିଂ ଜାରି ଥିଲା। ଉକ୍ତ ସମୟରେ ଏକ ପିକଆପ ଗାଡିରେ ଗୋଚାଲାଣ ହେଉଥିବା ନେଇ ପୁଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇ ମହୁଲିଆ ଅଞ୍ଚଳରେ ଅଟକାଇ ଥିଲେ।

## ଛାତ ଉପରେ ସୌର ପ୍ରକଳ୍ପ , ଓଡ଼ିଶାରେ ୧୧ ହଜାର

**ଭୁବନେଶ୍ୱର,୧୭।୮:** ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ସମଗ୍ର ଦେଶରେ ୧୬ଲକ୍ଷରୁ ଅଧିକ ପରିବାର ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି କେନ୍ଦ୍ରୀୟ ସହାୟତା ପାଇଥିବାବେଳେ ଓଡିଶାରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଥିବା ପରିବାର ସଂଖ୍ୟା ପାଖାପାଖି ୧୧ ହଜାର ରହିଛି । ଏ କ୍ଷେତ୍ରରେ ଗୁଜୁରାଟ, ମହାରାଷ୍ଟ୍ର ଭଳି ରାଜ୍ୟ ଢେର ଆଗରେ ଥିବା ଜଣାଯାଇଛି ।

କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ମସିହାରେ ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଯୋଜନାର ଶୁଭାରମ୍ଭ ହୋଇଥିଲା । ଏହାକୁ ଗ୍ରିଡ୍ ସହିତ ସଂଯୁକ୍ତ କରାଯାଇଥିଲା । ତେବେ ୨୦୨୨ ମସିହାରେ ଏହି ଯେଜାନାର ଅବଧିକୁ ୨୦୨୬ ମାର୍ଚ୍ଚମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୨୦୨୪ ମସିହାରେ କେନ୍ଦ୍ର ସରକାର ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଆରମ୍ଭ କରିଥିବାବେଳେ ଗ୍ରିଡ୍ ସଂଯୋଗ ଥିବା ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଏହା ସହିତ ସାମିଲ ହୋଇଥିଲା । ଏଥିରେ ୨୦୨୬-୨୭ ସୁଦ୍ଧା ଅତି କମ୍‌ରେ ଦେଶର ଏକ କୋଟି ପରିବାରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି।

ଦେଶରେ ଥିବା କୌଣସି ବିଦ୍ୟୁତ୍ ଉପଭୋକ୍ତା ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥା ଜରିଆରେ ଏହି ପ୍ରକଳ୍ପ ସ୍ଥାପନ କରି କେନ୍ଦ୍ରୀୟ ଯୋଜନାର ଲାଭ ପାଇପାରିବେ ଏବଂ ଏଥିପାଇଁ ସେମାନଙ୍କୁ ଜାତୀୟ ପୋର୍ଟାଲ ଜରିଆରେ ଆବେଦନ କରିବାକୁ ପଡିବ । ଚଳିତ ବର୍ଷ ଅଗଷ୍ଟ ୫ତାରିଖ ସୁଦ୍ଧା ଦେଶର ୧୬ଲକ୍ଷ ୭୮ହଜାର ପରିବାର ଏହି ଯୋଜନାରେ ଲାଭାନ୍ୱିତ ହେବା ସହିତ ଉପଭୋକ୍ତାମାନେ ପ୍ରାୟ ୯୨୮୧ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ରାଶି ପାଇଛନ୍ତି ।

କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ପ୍ରଚେଷ୍ଟା ଓ ଆଶ୍ୱାସନା ସତ୍ତ୍ୱେ ଓଡିଶାରେ ଯେଉଁ ହାରରେ ଏହି ଯୋଜନା ଆଗେଇବା କଥା ତାହା ହୋଇପାରୁ ନାହିଁ। ଯଦିଓ କେତେକ ଘରୋଇ ସଂସ୍ଥା ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି, କିନ୍ତୁ ସେମାନଙ୍କ ଉପରେ ଲୋକେ ଭରସା କରିପାରୁ ନାହାନ୍ତି । ଏଥି ସହିତ ପ୍ରକଳ୍ପ ସ୍ଥାପନ ପାଇଁ କେଉଁଠାରୁ କିଭଳି ଋଣ ମିଳିବ ଓ ଏହି ଋଣ କିଭଳି କେଉଁ ହାରରେ ପରିଶୋଧ ହେବ ଏବଂ ପ୍ରକଳ୍ପ ସ୍ଥାପନ କଲେ ଲୋକେ କିଭଳି ଲାଭାନ୍ୱିତ ହେବେ ତାହା ସହଜରେ ଜାଣିପାରୁ ନାହାନ୍ତି। ଏହା ଫଳରେ ମାଗଣାରେ ବିଦ୍ୟୁତ୍ ପାଇବାକୁ ଥିଲେ ମଧ୍ୟ ଗାଁ ଠାରୁ ସହର ପର୍ଯ୍ୟନ୍ତ ଏଥିପ୍ରତି ସେତେଟା ଆଗ୍ରହ ପ୍ରକାଶ ପାଉନାହିଁ । ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଏହି ଯୋଜନାକୁ କାର୍ଯ୍ୟକାରୀ ପାଇଁ ସେଭଳି ଆଗ୍ରହ ପ୍ରକାଶ କରୁଥିବା ମଧ୍ୟ ଲକ୍ଷ୍ୟ କରାଯାଉ ନାହିଁ। (ତଥ୍ୟ)

## ସାଇ ଆରାଧନା ଡ୍ୟାନ୍ସ ଆକାଡେମିର ନୃତ୍ୟ ମୋହିନୀ-୨୦୨୫

**ଭୁବନେଶ୍ୱର, ୧୭।୮(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ସାଇ ଆରାଧନା ଡ୍ୟାନ୍ସ ଆକାଡ଼େମିର ବାର୍ଷିକ ଉତ୍ସବ ଅବସରରେ ଏକ ଦିବସୀୟ ନୃତ୍ୟ ଉତ୍ସବ ନୃତ୍ୟ ମୋହିନୀ -୨୦୨୫ ଭୁବନେଶ୍ୱର ସ୍ଥିତ ଓଡିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି।

କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ଅତିଥି ଭାବେ ଏଫ୍ ସି ଡି ଏଫ୍ ଓ ର ଜାତୀୟ ଚେୟାରମ୍ୟାନ ବି ଆର୍ ବିକ୍ରମ କୁମାର କର୍ଣ୍ଣାଟକ ଉତ୍ସବ ନିର୍ଦ୍ଦେଶକ ସାଇ ଭେଙ୍କଟେଶ, ବିଶିଷ୍ଟ କଳା ସଂସ୍କୃତି ସାମ୍ବାଦିକ ଜଗବନ୍ଧୁ ଜେନା ତାମିଲନାଡୁର ଉତ୍ସବ ନିର୍ଦ୍ଦେଶକ କେଶବରାଜ ବାଲାକ୍ରିଷ୍ଣାନ ଆଦି ଯୋଗଦାନ କରିବା ସହ କାର୍ଯ୍ୟକ୍ରମ ର ଭୂୟସୀ ପ୍ରସଂଶା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାତଃ ଅଧିବେଶନରେ ଅନୁଷ୍ଠାନର ଶୀଳ୍ପି ମାନଙ୍କ ଦ୍ୱାରା ଶାସ୍ତ୍ରୀୟ, ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମଞ୍ଚ ଉପସ୍ଥାପକ ଜ୍ଞାନାନନ୍ଦ ସାଗର ସଂଯୋଜନା କରିଥିଲେ।

ସାନ୍ଧ୍ୟ ଅଧିବେଶନରେ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡିଶା ମହିଳା କମିଶନ ର ପୂର୍ବତନ ଅଧ୍ୟକ୍ଷା ଡ ମିନତୀ ବେହେରା ,ବିଶିଷ୍ଟ ସମାଜସେବି ତଥା ଚିନ୍ତା ଓ ଚେତନାର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ, ସାମାଜିକ ଉନ୍ନତିକରଣ ଅନୁଷ୍ଠାନ ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଆଦି ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ନିମନ୍ତେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନୃତ୍ୟ ଗୁରୁ ମୀରା ଦାସ ଙ୍କୁ ନୃତ୍ୟ ମୋହିନୀ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଓ ନିର୍ଦ୍ଦେଶିକା ଗୁରୁ ପ୍ରଜ୍ଞା ପଟ୍ଟନାୟକ ପରିଚାଳନା କରିଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି...

ଯାଏ ବିଜେପି ତାମିଲନାଡୁର ପ୍ରଦେଶ ଅଧ୍ୟକ୍ଷ ରହିଥିଲେ। ଏହି ଅବଧିରେ ୧୯୦୦୦ କିଲୋମିଟର ଲମ୍ବା ରଥଯାତ୍ରା ବାହାର କରିଥିଲେ, ଯାହା ୯୩ ଦିନ ଯାଏ ଚାଲିଥିଲା । ଏହି ଯାତ୍ରାରେ ସେ ନଦୀ ସଂଯୋଗୀକରଣ, ଆତଙ୍କବାଦ ଶେଷ କରିବା, ସମାନ ନାଗରିକ ସଂହିତା ଲାଗୁ କରିବା, ସାମାଜିକ ସଂସ୍କାର ଓ ମାଦକ ପଦାର୍ଥ ବନ୍ଦ ପ୍ରସଙ୍ଗକୁ ଜୋର କରି ଉଠାଇଥିଲେ । ରାଜନୀତି ପଣ୍ଡିତଙ୍କ ମତରେ ଏହା ତାଙ୍କୁ ନୂଆ ରାଜନୈତିକ ପ୍ରତିଷ୍ଠା ଦେଇଥିଲା । ୨୦୧୬ରୁ ୨୦୨୦ ଯାଏ ସେ କୋଚିନ ସ୍ଥିତ କୋୟର ବୋର୍ଡର ଅଧ୍ୟକ୍ଷ ରହିଥିଲେ । ତାଙ୍କ ନେତୃତ୍ୱରେ କୋୟର ରପ୍ତାନୀ ୨୫୩୨ କୋଟି ଟଙ୍କାର ଉଚ୍ଚତମ ସ୍ତରରେ ପହଞ୍ଚିଥିଲା । ୨୦୨୦ରୁ ୨୦୨୨ ଯାଏ ସେ ବିଜେପିର ସର୍ବଭାରତୀୟ ପ୍ରଭାରୀ ରହିଥିଲେ ଓ ତାଙ୍କୁ କେରଳ ଦାୟିତ୍ୱ ଦିଆଯାଇଥିଲା ।

୨୦୨୩ ଫେବୃଆରୀ ୧୮ରେ ସିପି ରାଧାକ୍ରିଷ୍ଣନଙ୍କୁ ଝାଡଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା । ସେଠାରେ ଦାୟିତ୍ୱ ଗ୍ରହଣର କେବଳ ୪ ମାସ ଭିତରେ ରାଜ୍ୟର ସମସ୍ତ ୨୪ ଜିଲ୍ଲା ଗସ୍ତ କରିଥିଲେ । ଜନତା ଓ ପ୍ରଶାସନ ସହ ସିଧା ଆଲୋଚନା କରିଥିଲେ । ୨୦୨୪ ଜୁଲାଇ ୩୧ରେ ତାଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା । ରାଧାକ୍ରିଷ୍ଣନ ନିଜ ଯୁବାବସ୍ଥାରେ ଜଣେ ଭଲ ଖେଳାଳି ଥିଲେ । କଲେଜ ସ୍ତରରେ ସେ ଟେବୁଲ୍ ଟେନିସ୍ ଚାମ୍ପିଅନ ଓ ଧାବକ ଥିଲେ । ଏହା ଛଡ଼ା ସେ କ୍ରିକେଟ୍ ଓ ଭଲିବଲ୍ ମଧ୍ୟ ଖେଳୁଥିଲେ ।

### ଆଇସିୟୁରେ...

ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶାନୁସାରେ ଆମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଆସିଥିଲୁ। ମୋ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଥିଲେ। ଡିହାଇଡ୍ରେସନ୍ କାରଣରୁ ସେ ଅସୁସ୍ଥତା ଅନୁଭବ କଲେ। ଯେହେତୁ ସେ ବର୍ତ୍ତମାନ ଆଇସିୟୁ ମଧ୍ୟରେ ରହିଛନ୍ତି। ସେ ବିଶ୍ରାମ ନେଉଥିଲେ। ତେଣୁ ଆମେ ତାଙ୍କ ସହ କଥା ହୋଇପାରିଲୁ ନାହିଁ। ନବୀନ ପଟ୍ଟନାୟକଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ସହ ଆଲୋଚନା କଲୁ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସରକାରଙ୍କ ପକ୍ଷରୁ ଯାହା ସହଯୋଗ ଆବଶ୍ୟକ, ତାହା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଏଥିସହ ସେ ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସେହିପରି ଅସୁସ୍ଥତା ଖବର ପାଇ ବିଜେଡିର ପ୍ରଣବ ପ୍ରକାଶ ଦାସ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣଗ୍ରାହୀ ପ୍ରମୁଖ ସମ୍ ଅଲଟିମେଟ୍‌ରେ ପହଞ୍ଚି ତାଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାଛଡ଼ା ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ପରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଅଶୋକ ପଣ୍ଡା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟାବସ୍ଥା ନେଇ ମେଡିକାଲ ବୁଲେଟିନ ଜାରି କରିଛନ୍ତି। ଏହି ବୁଲେଟିନ୍ ଅନୁସାରେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଶ୍ରୀ ପଣ୍ଡା କହିଛନ୍ତି।

### ସାମ୍ବାଦିକଙ୍କ...

ତାଙ୍କ ପାଇଁ ତଥା ସମାଜ ପାଇଁ ମଙ୍ଗଳମୟ ହେବ। ସମାଜ କ'ଣ ଚାହୁଁଛି, ବିଶେଷକରି ସରକାରଙ୍କଠାରୁ ଏହା କ'ଣ ଆଶା କରୁଛି, ଏସବୁ ଗଣମାଧ୍ୟମରେ ପ୍ରତିଫଳିତ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ତଥା ଲେଖକ ଓ ଚିନ୍ତକ ଏବଂ ଇଣ୍ଡିଆ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡକ୍ଟର ରାମ ମାଧବ କହିଥିଲେ ଯେ ଆଜିର ପରିବର୍ତ୍ତନଶୀଳ ସମାଜରେ ରାଷ୍ଟ୍ରଦୀପ ଭଳି ରାଷ୍ଟ୍ରବାଦୀ ଖବରକାଗଜ ସର୍ବଦା ରାଷ୍ଟ୍ରର ହିତରେ ଏବଂ ରାଷ୍ଟ୍ରୀୟତା ଚେତନାର ପ୍ରଚାରକ ସାଜିଛି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ସଭାପତି ଅନୂପ କୁମାର ବୋଷ, ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ରାଷ୍ଟ୍ରଦୀପ ପରିଚାଳନା ସମିତି ସମ୍ପାଦକ ସତ୍ୟନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ପ୍ରଜ୍ଞା ପାରମିତା ଆଚାର୍ଯ୍ୟ କରିଥିଲେ।

### ପୁଲିସ୍ ...

ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ କିରାସିନି ଢାଳି ନିଆଁ ଲଗେଇ ସେଠାରୁ ପଳାଇଯାଇଥିଲେ। ତେବେ ହୋସ ଆସିବା ପରେ କ'ଣ ଘଟିଲା, ସେନେଇ ପୀଡ଼ିତା ଜଣଙ୍କ କ'ଣ କହିଛନ୍ତି, ସେନେଇ କିଛି ବି ଜଣାପଡ଼ିନାହିଁ। କାରଣ ସେତିକିରେ ଭିଡିଓ ଶେଷ ହୋଇଯାଇଛି। ଭିଡିଓରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କଠାରୁ ବୟାନ ରେକର୍ଡ କରୁଥିବା ଦେଖିବାକୁ ମିଳିଛି। ସେ ପୀଡ଼ିତାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି। ଘଟଣା ଘଟିବା ସମୟରେ ପୀଡ଼ିତା କେଉଁଠି ଥିଲେ ବୋଲି ପଚରାଯିବାରେ ସେ କହୁଛନ୍ତି ଯେ ସେ ସାଙ୍ଗ ଘରୁ ବହି ଧରି ଘରକୁ ଫେରୁଥିଲେ। ସେତିକିବେଳେ ଦୁର୍ବୃତ୍ତମାନେ ଆସି ତାଙ୍କୁ ଉଠାଇ ନେଇଯାଇଥିଲେ। ଦେଢ଼ ମିନିଟ୍ ଅବଧିବିଶିଷ୍ଟ ଏଡି ଭିଡିଓଟି ଏବେ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲୁଛି। ଭିଡିଓ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି ଯେ ଏହାକୁ କିଏ ଭାଇରାଲ୍ କରିଛି ଓ ଏହା କେତେଦୂର ସତ୍ୟ, ସେନେଇ କିଛି ବି ଜଣାନାହିଁ। ତେବେ ଏହା ଏକ ଫେକ୍ ଭିଡିଓ ପରି ମନେ ହେଉଥିବା ଏସ୍‌ପି କହିଛନ୍ତି। ଏଥିସହ ଆସନ୍ତା ୨୦ ତାରିଖ ସୁଦ୍ଧା ଘଟଣାର ନିଷ୍କର୍ସ ନେଇ ପୁଲିସ୍ ସୂଚନା ଦେବ ବୋଲି ସେ କହିଛନ୍ତି। ଏହି ମାମଲାରେ ଆଜି ପୁଲିସ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ମାମଲାରେ ପୀଡ଼ିତାଙ୍କର ୪ ଥର ବୟାନ ରେକର୍ଡ କରାଯାଇଛି। ବୟାନ ସମୟର ଭିଡିଓ ରେକର୍ଡିଂ କରାଯାଇଛି। ତେବେ ପୀଡ଼ିତାଙ୍କ ବୟାନରେ କୌଣସି ସ୍ପଷ୍ଟତା ନଥିବାରୁ ଘଟଣାରେ କାହା ଉପରେ ସନ୍ଦେହ କରିବା ସମ୍ଭବପର ନଥିଲା। ଏ ସଂକ୍ରାନ୍ତରେ ସବୁ ତଥ୍ୟ ଖୁବ୍‌ଶୀଘ୍ର କୋର୍ଟରେ ଦାଖଲ ହେବ। ଏହି ଭିଡିଓ କିଏ ଓ କେଉଁ ଉଦ୍ଦେଶ୍ୟରେ ଭାଇରାଲ୍ କରିଛି, ତାହା ଜାଣିବା ସକାଶେ ଇତିମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ୍‌ର ସାଇବର୍ ଟିମ୍ ତଦନ୍ତ ଆରମ୍ଭ କରିଛି। କିନ୍ତୁ ନାବାଳିକା ପୀଡ଼ିତାଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏହି ଭାଇରାଲ୍ ପଛରେ ଯାହାର ବି ଭୂମିକା ଥିବ, ସେ ନିଶ୍ଚିତ ଭାବେ ଦଣ୍ଡିତ ହେବେ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

### ଆତ୍ମନିର୍ଭର...

ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଆମ ଯୁବପିଢ଼ିଙ୍କ ପ୍ରତିଭା ଓ ସଂକଳ୍ପ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ସାର୍ବଭୌମତ୍ୱକୁ ବୃଦ୍ଧି କରିବାର ପଥ ପ୍ରଶସ୍ତ କରିବ ବୋଲି ଶ୍ରୀ ପ୍ରଧାନ ମତ ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ସହ ପ୍ରାତଃଭୋଜନ ମଧ୍ୟ କରିଥିଲେ। ଏହି ଆଲୋଚନାରେ ଉଚ୍ଚ ଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ, ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ ବାନାର୍ଜୀ, ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।ଅପରପକ୍ଷରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୧ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ କହିଛନ୍ତି ଯେ ଶିକ୍ଷକମାନେ ଆମ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢୁଛନ୍ତି। ନବ ସୃଜନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ ପୂର୍ବକ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିରନ୍ତର ଦକ୍ଷତା ବିକାଶ ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି। ଜାତୀୟ ଶିକ୍ଷା ନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ଟେକ୍ନୋଲୋଜି ଦୁନିଆ ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏକବିଂଶ ଶତାବ୍ଦୀରେ ଭାରତ ଆଗକୁ ବଢୁଥିବା ବେଳେ ଶିକ୍ଷକମାନେ ଭବିଷ୍ୟତର ସୁଯୋଗର ମାନଚିତ୍ର ପ୍ରସ୍ତୁତ କରିବା ଓ ଆମ ଯୁବପିଢ଼ି ଅଭିବୃଦ୍ଧି କାହାଣୀର ନେତୃତ୍ୱ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେହିପରି ଛାତ୍ରଛାଛାତ୍ରୀମାନଙ୍କୁ ସାକ୍ଷରତା ଓ ପରିସଂଖ୍ୟାନର ପାଠପଢ଼ାକୁ ବୁଝିବା ଭଳି ଶିକ୍ଷା ଦେବା ସକାଶେ ଶ୍ରୀ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

### ଅରୁଣ...

ପୂର୍ବରୁ ଅନେକ ଥର ଏହା ଦେଖିବାକୁ ମିଳିଛି। ଖରା ଛାଇ ପରି କେତେବେଳେ ସେ ପୂରା ଗୋଟାପଣେ ନିଜର ହୋଇଯାଆନ୍ତି ତ ଆଉ କେତେବେଳେ ପୁଣି ତାଙ୍କ ନାଁ ଶୁଣିଲେ ନେତାଙ୍କ ନାହି ଡିଏଁ । ସେହିଭଳି ଅରୁଣ ସାହୁ ମଧ୍ୟ କ୍ଷମତା କେନ୍ଦ୍ର ସହ ଥିଲେ ବି ନିଜସ୍ୱ ଏଜେଣ୍ଡାରେ ଚାଲିଛନ୍ତି। କେତେବେଳେ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି ତ ଆଉ କେତେବେଳେ ବେହାଲ ବର୍ଷାରେ ମତୁଆଲା ହୋଇପଡୁଛନ୍ତି। ଅବଶ୍ୟ ଅରୁଣ ଜଣେ ଭଲ ଛାତ୍ର ଓ ଯୁବ ନେତା ସାଙ୍ଗକୁ ଜଣେ ଉଚ୍ଚକୋଟିର ସାହିତ୍ୟିକ, ଏକଥା କାହାକୁ ଅଛପା ନୁହେଁ। ସେ ଜଣେ ଆଶୁ କବି ମଧ୍ୟ। କିନ୍ତୁ ହଠାତ ରାଜନୀତିର ମୁଖ୍ୟସ୍ରୋତରୁ ବାହାରି ସେ କାହିଁକି ଆନମନା କବି ସାଜିଲେ, ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଦଳର ଏହି ଦୁଇ ନେତାଙ୍କ ରାଜନୈତିକ ପଟୁତା ଓ ବିଚକ୍ଷଣ ସାଙ୍ଗଠନିକ ଦକ୍ଷତା ବିଷୟରେ ସମସ୍ତେ ଜାଣନ୍ତି। କିନ୍ତୁ ଦଳରେ ଏହି ଦୁଇ ନେତା କାହା ପ୍ରତି ବିମୁଖ ହୋଇଛନ୍ତି ନା ଦଳର କାର୍ଯ୍ୟକଳାପ ନେଇ ସେମାନେ ସନ୍ତୁଷ୍ଟ ନୁହନ୍ତି। ଚର୍ଚ୍ଚା ହେଉଛି ଏହି ଦୁଇ ନେତା ସଭାପତିଙ୍କୁ ସମ୍ମାନ ଜଣାଇ ଏବେ ଭିନ୍ନ ଗୋଠ ହୋଇ ବୁଲୁଛନ୍ତି। ହେଲେ ଗୋଧୂଳି ସମୟ ଆସିଲେ ପୁଣି ଗୋଠରେ ମିଶିଯିବେ ବୋଲି ଚର୍ଚ୍ଚା ହେଉଛି।

# ନିଶା ସେବନ ଓ ଯୁବପିଢ଼ିଙ୍କ ଉପରେ ଏହାର ପ୍ରଭାବ ନେଇ ଶପଥ ପାଠ




**ନାଉଗାଁ,୧୭।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଆଇ.ଆର.ସି.ଏ କକ୍ଷରେ ନିଶା ସେବନ ଓ ଯୁବ ପିଢ଼ିଙ୍କ ଉପରେ ପଡୁଥିବା ପ୍ରଭାବ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଣ, ବିଡିଓ ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମାଜରେ ଅଧିକାଂଶ ଯୁବପିଢ଼ି ବିଭିନ୍ନ ପ୍ରକାର ନିଶାସେବନ କରୁଛନ୍ତି। ନିଶାଦ୍ରବ୍ୟ ବ୍ୟବହାର କରିବା ଫଳରେ ସ୍ୱାସ୍ଥ୍ୟ, ସାମାଜିକ, ପାରିବାରିକ, ଅର୍ଥନୈତିକ ଆଦି ଦିଗରେ କୁପ୍ରଭାବ ପକାଉଛି। ନିଶା ମୁକ୍ତ ସମାଜ ଗଠନ କରିବା ପାଇଁ ହେଲେ ଯୁବ ପିଢ଼ି ନିଶା ସେବନର କୁପ୍ରଭାବ ବିଷୟରେ ବୁଝିବା ସହିତ ନିଶା ସେବନ ଠାରୁ ଦୁରେଇ ରହିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ନିଶା ସେବନ ଠାରୁ ଦୁରେଇ ରହିବା ପାଇଁ ଏକ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡି.ଏସ.ଏସ.ଓ ମମତା ନାୟକ ପରିଚାଳନା କରୁଥିବା ବେଳେ ଭାରାପ୍ରାପ୍ତ ବି.ଏସ.ଏସ.ଓ ଇନ୍ଦ୍ରମଣୀ ପ୍ରଧାନ ଓ କାର୍ଯ୍ୟକ୍ରମ ସହାୟକ ପ୍ରସନ୍ନଜିତ ନାୟକ ପରିଚାଳନା କରୁଥିଲେ।

## ସ୍ୱେଚ୍ଛାସେବୀ ସଂଗଠନର ବନ୍ଧୁମିଳନ ଓ ଚାରାରୋପଣ



**ଛତ୍ରପୁର,୧୭।୮ (ସଂଚାର ବ୍ୟୁରୋ):** ପାଳିନ୍ଦ ପଂଚାୟତର ମା ଗଙ୍ଗା ଦେବୀ ପୀଠରେ ମିତୁ ପ୍ରଧାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବନ୍ଧୁମିଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ମୁଖ୍ୟ ମିତୁ ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ସୁରଥ ପାହାନ ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଣିବନ୍ଧ ସମିତସଭ୍ୟ ପ୍ରତିନିଧି ଲିଙ୍ଗରାଜ ମହାପାତ୍ର,ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀପାଢ଼ୀ, ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ ଦୁର୍ଗାମାଧବ ପାଣିଗ୍ରାହୀ,ପ୍ରେସ କ୍ଲବ ସଭାପତି ଶବର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ଯୁବ ନେତା ରାକେଶ ରଞ୍ଜନ ଦାସ, ପୂର୍ବତନ ସମିତିସଭ୍ୟ ନିତୁ ପ୍ରଧାନ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଔଷଧୀୟ ବୃକ୍ଷ ସହ ଦାମୀ ଜଙ୍ଗଲ ଜାତୀୟ ବୃକ୍ଷ ରୋପଣ କରାଯାଇଥିଲା।

## ଆଇଆଇଟି ଜଟଣୀରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



**ଖୋର୍ଦ୍ଧା,୧୭।୮ (ସଂଚାର ବ୍ୟୁରୋ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଜଟଣୀ ଚଳିତ ବର୍ଷ 'ନୂଆ ଭାରତ' ବିଷୟବସ୍ତୁ ସହିତ ଭାରତର ୭୯ ତମ ସ୍ୱାଧୀନତା ଦିବସ ପାଳନ କରିବାରେ ଦେଶ ସହିତ ଯୋଗଦେଉଛି। ଏହି ଅବସରରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସର ଅଭିଭାଷଣରେ ପ୍ରଫେସର କରମଲକର ଆଲୋକପାତ କରିଥିଲେ ସେ ଏକବିଂଶ ଶତାବ୍ଦୀରେ ସ୍ୱାଧୀନତାର ଅର୍ଥ ହେଉଛି ଆତ୍ମନିର୍ଭରଶୀଳତା ଏବଂ ବିଶ୍ୱ ସହିତ ସହଯୋଗ କରି ପ୍ରଗତି ଏବଂ ଶାନ୍ତି, ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା ସାର୍ବଭୌମତ୍ୱ ଏବଂ ଦାୟିତ୍ୱ ସହିତ ସ୍ୱାଧୀନତାର ଭବିଷ୍ୟତ ନିର୍ମାଣ କରିବା। ଏହି ଉତ୍ସବରେ ସୁରକ୍ଷା ୟୁନିଟ୍, ନ୍ୟାସନାଲ୍ କ୍ୟାଡେଟ୍ କୋର୍ସସ୍ (ଏନସିସି) ଦ୍ୱାରା ମାର୍ଚ୍ଚପାଷ୍ଟ ଏବଂ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ପ୍ରଦର୍ଶନ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର), ପ୍ରତିଷ୍ଠାନର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ଏବଂ ଅତିରିକ୍ତ ଶୈକ୍ଷିକ କାର୍ଯ୍ୟକଳାପର ପ୍ରଫେସର-ଇନ୍-ଚାର୍ଜ ଡକ୍ଟର ଶାନ୍ତନୁ ପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଗଙ୍ଗଦାହାଟରେ ମା'ଦୁର୍ଗାପୂଜା କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ

**ନାଉଗାଁ,୧୭।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟରେ ମା' ଦୁର୍ଗାପୂଜା କମିଟିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ନରେଶ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଙ୍ଗଦାହାଟ କମିଟିର ପୂର୍ବତନ ସଭାପତି ବିଜୟ ବେହେରା ଯୋଗ ଦେଇ ଫିତା କାଟି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ଉଲ୍ଲାସ ସ୍ୱାଇଁ, ବାବାଜୀ ଜେନା, ପାଗଳ ସେନାପତି, ଛବିନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ବିବେକାନନ୍ଦ ବାରିକ, ନିତ୍ୟାନନ୍ଦ ବିଶ୍ୱାଳ, ଉମେଶ ବିଶ୍ୱାଳ, ପ୍ରଶାନ୍ତ ଦଳାଇ, ପବିତ୍ର ପଣ୍ଡା, ରଶ୍ମିରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହିଞ୍ଜିଳିର ମୁଖ୍ୟ ରାସ୍ତା ପାଲଟିଛି ଗୋଶାଳା

### ହଜିଯାଇଛି କାଞ୍ଜିଆହୁଦା ଅସ୍ତିତ୍ୱ

### ପ୍ରଶାସନକୁ ଡ଼ରୁନାହାନ୍ତି ଗାଈଗୋରୁଙ୍କ ମାଲିକ

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ




**ହିଞ୍ଜିଳିକାଟୁ,୧୭।୮ (ସଂଚାର ବ୍ୟୁରୋ):** ଦିନ ହେଉ କି ରାତି ହିଞ୍ଜିଳିକାଟୁ ସହରର ପ୍ରମୁଖ ରାସ୍ତାଗୁଡ଼ିକ କାଞ୍ଜିଆହୁଦା ପାଲଟିଛି। ଲୋକେ କ୍ଷୀର ପାଇଁ ଘରେ ଗାଈ ପାଳୁଛନ୍ତି। ଗାଈ କ୍ଷୀର ଦେବା ବନ୍ଦ କରିଦେଲେ ଗାଈ ବେକରୁ ପଘା ଖୋଲି ଦେଉଛନ୍ତି। ସେଥିପାଇଁ ବିଭିନ୍ନ ରାସ୍ତା ଉପରେ ମାଳମାଳ ହୋଇ ଗାଈ ଷଣ୍ଢ ଓ ମଇଁଷି ବୁଲୁଛନ୍ତି। ଏମାନେ ଏଣେତେଣେ ବୁଲିବା ସହ ଯେଉଁଠି ଯାହା ପାଉଛନ୍ତି ଖାଇ ରହିଯାଉଛନ୍ତି। ରାସ୍ତା ମଝିରେ ଶୋଇ ବିପଦ ସୃଷ୍ଟି କରୁଛନ୍ତି। ହର୍ଣ୍ଣ ମାରିଲେ ବି ଉଠୁନାହାନ୍ତି। ଦ୍ରୁତଗତିରେ ଆସୁଥିବା ବାଇକ୍ ଦୁର୍ଘଟଣା ଘଟୁଛି। ପରିବା ବଜାରରେ ସବୁଦିନ ଷଣ୍ଢ ପରିବା ନଷ୍ଟ କରୁଛି। ବେଳେ ବେଳେ ଷଣ୍ଢମାନଙ୍କ ଲଢ଼େଇରେ ଦୋକାନ ଭାଙ୍ଗି ଯାଉଛି। ଏଥିପାଇଁ ଦୋକାନୀଙ୍କ କ୍ଷତି ଘଟୁଛି। ଏଥିପାଇଁ ସହରବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ହିଞ୍ଜିଳିକାଟୁ ପୌରାଂଚଳର ବଇଁଚବଣିଆ, ମାଣିକନଗର ଛକ, ସିନେମାହଲ ଛକ, ରଜାସାହିଛକ, ବିଜୁପଟ୍ଟନାୟକ ଛକ, ବ୍ଲକ ଛକ ୫୯ ନଂ ଜାତୀୟ ରାଜପଥ ଉପରେ ଗାଈ ଗୋରୁ ମାଳମାଳ ହୋଇ ଜାତୀୟ ରାଜପଥକୁ ଅବରୋଧ କରି ରଖୁଥିବା ଦେଖିବାକୁ ମିଳୁଛି । ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ଗାଈ ରହୁଛନ୍ତି ଯେ ରାସ୍ତାଟି ଗୁହାଳ ଭଳି ମନେ ହେଉଛି। ବେଳେବେଳେ ରାସ୍ତାର କେଉଁ କଡ ଦେଇ ଯିବ ବାଇକ ଚାଳକ ତାହା ମଧ୍ୟ ଜାଣିପାରୁନାହିଁ।

ଗାଈଗୋରୁଙ୍କ ରହଣି ପାଇଁ କୁଡ଼ିଆ କରି ସଫାସୁତୁରା ରଖିବା ପାଇଁ ପୌର ପରିଷଦ ପକ୍ଷରୁ ଗାଡ଼ି ଯୋଗେ ତାଗିଦ କରାଯାଉଥିଲେ ବି ଗାଈଗୋରୁଙ୍କ ମାଲିକ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଗାଈ ଓ ଗୋରୁଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି । ପୌରପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ଏ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହୋଇଛି ।

## ସାପ କାମୁଡ଼ାରେ ଇଟାଭାଟି ଶ୍ରମିକ ମୃତ

**ବାଲିଅନ୍ତା,୧୭।୮ (ସଂଚାର ବ୍ୟୁରୋ):** ବାଳକାଟି ଫାଣ୍ଡି ପୁରଣ ପଧାନ ପଞ୍ଚାୟତ ଅଧୀନ ବୁଦ୍ଧିପଡ଼ା ଛକ ନିକଟସ୍ଥ ସାଇଶ୍ରୀ ସିମେଣ୍ଟ ଇଟାଭାଟିରେ ଆଜି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧୀନ ନୂଆପଡ଼ା ଗ୍ରାମର ରମେଶ ଚନ୍ଦ୍ର ନାୟକ(୪୭)। ବାଳକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗତକାଲି ରାତି ୨ଟା ସମୟରେ ଏକ ବିଷଧର ସାପ ତାଙ୍କ ଶରୀରଙ୍କୁ ଦଂଶନ କରିଥିଲା। ସକାଳେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ବାଳକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।



## ଖବରକାଗଜ ବିତରକମାନଙ୍କ ବନ୍ଧୁମିଳନ



**ବାଲିଅନ୍ତା,୧୭।୮ (ସଂଚାର ବ୍ୟୁରୋ):** ବାଳକାଟିସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଦେବଙ୍କ ମନ୍ଦିର ପରିସରରେ ଆଜି ଖବରକାଗଜ ବିକ୍ରେତା, ବିତରକ ଓ ସମ୍ବାଦ ଖବରକାଗଜ ଶୁଭେଚ୍ଛୁମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ବୈଠକରେ ବିଭିନ୍ନ ଖବରକାଗଜ ସଂସ୍ଥାର ବିତରକ, ବିକ୍ରେତା, ଶୁଭେଚ୍ଛୁ ଏବଂ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ବର୍ତ୍ତମାନ ପରିସ୍ଥିତିରେ ଖବରକାଜର ପ୍ରସାରଣ ନେଇ ବିତରକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ପ୍ରୋତ୍ସାହନ ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଲୋକନାଥ ମାହାରୀ, ଶ୍ରୀକାନ୍ତ ପଣ୍ଡା, ମଙ୍ଗରାଜ ନାୟକ, ଜ୍ଞାନରଞ୍ଜନ ମହାରଣା,ଶଙ୍କର ଦାସ ଏବଂ ଖବର କାଗଜ ବିକ୍ରେତା ଦୀନବନ୍ଧୁ ରାଉତରାୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରମୋଦ ମହାପାତ୍ର, ସତ୍ୟ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାନ୍ତି, ନାରାୟଣ ସାହୁ, ନାରାୟଣ ସେଠୀ, ଜିତେନ୍ଦ୍ର ମହାନ୍ତି ଓ ସୁବାସ ଚନ୍ଦ୍ର ରାଉତଙ୍କ ସମେତ ଇଞ୍ଜିନିୟର ପ୍ରଭାସ ବାରିକ ଓ ସମାଜସେବୀ ପିଣ୍ଟୁ ବେହେରା ଉପସ୍ଥିତ ଥିଲେ ।

# ପୁଲିସ ପଇଁତରା ଢ଼ିଲା: ବଢୁଛି ଅସାମାଜିକ କାର୍ଯ୍ୟକଳାପ

### ସନ୍ଧ୍ୟା ହେଲେ ବିଭିନ୍ନ ଦୋକାନ ପାଲଟୁଛି ମଦ୍ୟପଙ୍କ ବାର

**କାକଟପୁର/ଅସ୍ତରଙ୍ଗ,୧୭।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଂଚାୟତ ହୋଇଥିବା ବେଳେ ୩ଟି ଥାନା ଅଧୀନରେ ଯାଉଛି। ଯେପରିକି କିଛି ପଂଚାୟତ କାକଟପୁର ଥାନା ଅଧୀନରେ, ନୂଆଗଡ ସାମୁଦ୍ରିକ ଥାନା ଅଧୀନରେ ଝାଡ଼ଲିଙ୍ଗ ଓ ନୂଆଗଡ, ଅବଶିଷ୍ଟ ପଂଚାୟତ ଅସ୍ତରଙ୍ଗ ଥାନା ଅଧୀନରେ ଯାଉଛି। କିନ୍ତୁ ଥାନା ପକ୍ଷରୁ ପଇଁତରା ଅଭାବରୁ ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଛି। ଚୋରି, ରାହାଜାନି, ଲୁଟ, ଛିନତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଛି। ଥାନା ଅଞ୍ଚଳରେ ଜନ ସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି।

ସନ୍ଧ୍ୟା ହେଲେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ବସଷ୍ଟାଣ୍ଡ ଠାରୁ ଥାନା ଛକ ପର୍ଯ୍ୟନ୍ତ ବିଭିନ୍ନ ଫାଷ୍ଟଫୁଡ ହେଉ ଅବା ବିଭିନ୍ନ ଦୋକାନ ଏକ ରକମର ମଦ୍ୟପଙ୍କ ବାର ପାଲଟୁଛି, ଏହା ସହ ରାସ୍ତା ଗହଳି ରହୁଥିଲେ ମଧ ପୁଲିସର ନାଁ ଅଛି ପାଟ୍ରୋଲିଂ, ନାଁ ହେଉଛି ବିଭିନ୍ନ ଫାଷ୍ଟଫୁଡ ଦୋକାନରେ ଅଚାନକ ଯାଞ୍ଚ। ଯାହା ଫଳରେ କି ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଂଚାୟତର ଛକ ଗୁଡିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହ ଦୈନିକ ଖୁଲମଖୁଲ୍ଲା ଦିନରାତି ବେଆଇନ ଭାରୀ ଯାନରେ ବାଲି ଓ ପଥର ଚାଲାଣ ହେଉଛି। ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅସ୍ତରଙ୍ଗ ମୁଖ୍ୟ ବଜାର କେତେକ ବ୍ୟବସାୟୀ ରାସ୍ତାକୁ ମାଡି ଆସିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି, ଖୁଲମଖୁଲ୍ଲା ସ୍କୁଟିରେ ଦେଶୀ ଓ ବିଦେଶୀ ମଦ ଚାଲାଣ ସର୍ବ ସମ୍ମୁଖରେ ହେଉଛି। ବିଭିନ୍ନ ଗାଁରେ ବେଆଇନ ମାଦକ ଦ୍ରବ୍ୟ କାରବାର ଗାଁ ଗଳିକନ୍ଦି, ଅନ୍ଧାରିଆ ନିଛାଟିଆ କ୍ୟାବିନି କଡ଼ରେ ଖୋଲା ମେଲାରେ ଚାଲିଛି। ଧଳା ଜହର କାରବାର ପ୍ରତ୍ୟେକ ଗାଁଗଣ୍ଡାକୁ ବ୍ୟାପିଲାଣି। ଶିକ୍ଷିତ ବେକାର ଯୁବକ ଏହାକୁ ସେବନ କରି ଚୋରି, ଲୁଟ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି।

ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକ ବଜାର, ଗାଁ ମୁଣ୍ଡ ମନ୍ଦିର ବେଢାରେ ବସି ହୋହାଲ୍ଲା କରୁଛନ୍ତି। ଏପରିକି ତାସ ମାଧ୍ୟମରେ ଜୁଆ ଖେଳ ମଧ ହେଉଛି। ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ ସାମୁଦ୍ରିକ ଥାନା ପକ୍ଷରୁ ଆବଶ୍ୟକ ମୁତାବକ ପଇଁତରା କରାଯାଉନଥିବା ଅଭିଯୋଗ ହେଉଛି। ପୁରୀର ନୂତନ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପୁଲିସ ପଇଁତରା ବ୍ୟବସ୍ଥା କଡାକଡି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ଗଞ୍ଜାମ ଥାନାଞ୍ଚଳରେ ସିସିଟିଭି କ୍ୟାମେରା ଅଚଳ

### ଅଞ୍ଚଳବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

**ଛତ୍ରପୁର,୧୭।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଏନଏସି ଅନ୍ତର୍ଗତ ଗଞ୍ଜାମ ଥାନା ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ସମସ୍ୟାକୁ ସରଳୀକରଣ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସାଂସଦ ପାଣ୍ଠିରେ ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ଛକରେ ସ୍ଥାପିତ ସିସିଟିଭି କ୍ୟାମରା ଦୀର୍ଘ ଦିନହେବ ଅଚଳ ହୋଇପଡିଛି। ଜୟଶ୍ରୀ ଛକ, ଦାମୋଦରପୁର ଛକ, ହାଇସ୍କୁଲ ଛକ, ମେଡିକାଲ ଛକ, ଦୁର୍ଗାଦେବୀ ସାହି ଛକ, ସାନ ବଜାର ଛକ ସହ ଥାନା ସମ୍ମୁଖ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ କ୍ୟାମେରାରେ ଆବୃତ କରାଯାଇଥିଲା। କିନ୍ତୁ, ସଂସ୍ଥାପନର କିଛି ଦିନ ମଧ୍ୟରେ ସହରର ମୁଖ୍ୟ ପ୍ରବେଶପଥ ଦାମୋଦରପୁର ଛକରେ ଲଗାଯାଇଥିବା କ୍ୟାମେରାକୁ ସଂସ୍ଥା ପକ୍ଷରୁ ପ୍ରଶାସନର ବିନା ଅନୁମତିରେ ବାହାର କରି ନିଆଯାଇଥିଲା।



ବର୍ତ୍ତମାନ ଅବଶିଷ୍ଟ କ୍ୟାମେରାଗୁଡିକ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ଦେଖାଦେଇଛି। ଜୟଶ୍ରୀ ଛକ ଓ ଥାନା ସମ୍ମୁଖ ବ୍ୟତୀତ ଅନ୍ୟ କୌଣସି କ୍ୟାମେରା କାମ କରୁନଥିବା ଅଭିଯୋଗ ହେଉଛି। ଯାହା ଫଳରେ ଅଞ୍ଚଳବାସୀଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଥାନା କେବଳ ଘରୋଇ କ୍ୟାମେରା ଉପରେ ନିର୍ଭର କରୁଥିବା ଦେଖାଦେଇଛି।

ଏପରିକି କ୍ୟାମେରା ବନ୍ଦ ଥିବାର ସୁଯୋଗ ନେଇ ରାତିରେ ଅବୈଧ ଚୋରା ଚାଲାଣ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସିସିଟିଭି ତଦାରଖ ଓ ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ତରଫରୁ ମାଗଦର୍ଶିକା ନଥିବାରୁ କେଉଁ ବିଭାଗ କେଉଁ ପାଣ୍ଠିରୁ ମରାମତି କରିବ ତାହା ସ୍ପଷ୍ଟ ହେଇପାରୁନଥିବା କାରଣରୁ ମରାମତିରେ ବିଳମ୍ବ ହେଉଥିବା ଜଣା ପଡିଛି। ବିଭାଗୀୟ ବିଭାଗ ଘଟଣାକୁ ଗୁରୁତ୍ୱର ନେବା ସହ ଅସଜଡ଼ା ଅବସ୍ଥାରେ ଥିବା ସମସ୍ତ ସିସିଟିଭି କ୍ୟାମେରାକୁ ତୁରନ୍ତ ସଜାଡ଼ିବା ପାଇଁ କାର୍ଯ୍ୟାନୁଷ୍ଠାନ ନେବା ସହ ସହରର ପୂର୍ଣ୍ଣସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




**ଗୋପ,୧୭।୮ (ସଂଚାର ବ୍ୟୁରୋ):** ପବିତ୍ର ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବାନ ଓ ହେମଲତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ବାଳିକା ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବଦ୍ଧିତ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ ପତାକା ଉତ୍ତୋଳନ କରିବା ପରେ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇଥିବା ପୁରୀ ଜିଲ୍ଲା ମହିଳା ମହାସଙ୍ଘର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବଦ୍ଧନା ଉତ୍ସବରେ ଉକ୍ତ ପଂଚାୟତରେ ଥିବା ଦୁଇ ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୋହମ ବେହେର ଏବଂ ରୋଜାଲିନ୍ ଗୁରୁଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର, ଉପଢୌକନ ଓ ଆର୍ଥିକ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଦ୍ୟାଳୟର ଆର୍ଥିକ ପରିସ୍ଥିତି ଭଲନଥି ପିଲାମାନଙ୍କୁ ଟ୍ରଷ୍ଟ ପକ୍ଷରୁ ବହି ଖାତା ଆଦି ପ୍ରଦାନ କରାଯିବା ସହ ଦୁଇ ଶିଶୁ ପ୍ରତିଭା ଗାୟତ୍ରୀ ପୃଷ୍ଟି ଏବଂ ନାରାୟଣ ପାଢୀଙ୍କୁ ମଧ ସମ୍ବଦ୍ଧିତ କରାଯାଇଥିଲା ।

# ଆସୁଛି ପାର୍ବଣ ; ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର

**ବ୍ରହ୍ମପୁର,୧୭।୮ (ସଂଚାର ବ୍ୟୁରୋ):** ଆଉ ମାତ୍ର ଦିନ କେଇଟାର ଅପେକ୍ଷା ପରେ ଆସୁଛନ୍ତି ଗଣପତି ବାପ୍ପା। ଦୁଲୁକିବ ଗାଁ ଠୁ ସହର ଆଉ ଆଲୋକ ମାଳାରେ ଚମକିବ ଗଳି କନ୍ଦି। ସବୁଠି ହେବ ଚଳ ଚଞ୍ଚଳ। ଏନେଇ ବ୍ରହ୍ମପୁର ସହରର ବିଭିନ୍ନ ସାହି ଓ କ୍ଲବ୍ ପକ୍ଷରୁ ଆୟୋଜିତ ହେଉଥିବା ଗଣେଶ ପୂଜା ପାଇଁ ଅଗ୍ରୀମ ରଖି ସେମାନଙ୍କ ପାଇଁ ମୂର୍ତ୍ତି ତିଆରିରେ ଲାଗିଛନ୍ତି ମାଟି ଶିଳ୍ପୀ। ଧାଡ଼ି ଧାଡ଼ି ହୋଇ ମାଟିରେ ତିଆରି ଗଣେଶ ମୂର୍ତ୍ତିକୁ ରଖାଯାଇଛି। ୬ ଇଞ୍ଚରୁ ଆରମ୍ଭ କରି ୧୦ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି। ସୁଦୂର କଲିକତା ଠାରୁ ମାଟି ଶିଳ୍ପୀ ମାନେ ଆସି ବ୍ରହ୍ମପୁରରେ ଭଳିକି ଭଳି ନୂତନ ଡିଜାଇନ୍‌ର ଆକର୍ଷଣୀୟ ମୂର୍ତ୍ତୀ ତିଆରି କରୁଛନ୍ତି। ବର୍ତ୍ତମାନ ମୂର୍ତ୍ତି ଗଢା କାମ ସାରିଥିବା ବେଳେ ରଙ୍ଗ ଦେବା କାର୍ଯ୍ୟ ଚାଲିଛି।

ବର୍ତ୍ତମାନ ମାଟି ମୂର୍ତ୍ତିର ଜାଗା ପ୍ଲାଷ୍ଟର ପ୍ୟାରିସ ନେଉଥିବା ବେଳେ ଆଜିବି କିଛି ସ୍ଥାନରେ ମାଟିରେ ମୂର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ମୂର୍ତ୍ତି ତିଆରି କରିବା ପାଇଁ ୩ ରୁ ୪ ଦିନ ସମୟ ଲାଗୁଥିବା ବେଳେ ପାଖା ପାଖି ୬ରୁ ଉର୍ଦ୍ଧ କାରିଗର ବଡ ବଜାର ଅଞ୍ଚଳରେ ନିୟୋଜିତ ହୋଇ ଗତ ୩ ମାସ ହେବ ମୂର୍ତ୍ତି ଗଢିବା ଆରମ୍ଭ କରିଛନ୍ତି। ତେବେ ବ୍ରହ୍ମପୁର ଏହାର ପେଣ୍ଠ ସ୍ଥଳୀ ହୋଇଥିବା ବେଳେ ଏଠାରୁ ଗଞ୍ଜାମ ବ୍ୟତୀତ ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଜୟପୁର, ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନକୁ ମୂର୍ତ୍ତି ପଠାଯାଉଥିବା କାରିଗର କହିଛନ୍ତି। ମାଟି ମୂର୍ତ୍ତି ର ଚାହିଦା ଅଧିକ ରହିଥିବାରୁ ମୂର୍ତ୍ତି ବିକ୍ରି କରି ବେଶ୍ ଲାଭବାନ ହେଉଥିବା ମାଟି ଶିଳ୍ପୀ କହିଛନ୍ତି ।



ଅନ୍ୟପଟେ ହିଂଜିଳି ବ୍ୟତୀତ ଗଞ୍ଜାମର କିଛି ସ୍ଥାନରେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିକୁ ସରକାର ସମ୍ପୂର୍ଣ୍ଣ ଭାବେ ବ୍ୟାନ କରିଥିଲେ ମଧ ଏଥିରେ ମୂର୍ତ୍ତି ବନାଯାଉଥିବା ଦେଖାଦେଇଛି। ବ୍ୟାନ୍‌କୁ ଖାତିର ନକରି ମାସ ମାସ ଧରି ମୂର୍ତ୍ତି ଗଢିବାରେ ଲାଗିଛନ୍ତି କାରିଗର। ତେବେ ଗଣେଶ ପୂଜା ପାଖେଇ ଆସିବାରୁ ସଜେଇ ହେଉଛି ପୂଜା ବଜାର। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମୂର୍ତ୍ତୀ ନିର୍ମାଣ ସଂଖ୍ୟା ବୃଦ୍ଧି କରାଯିବା ସହ ଭିନ୍ନ ଭିନ୍ନ ଆକାରର ମୂର୍ତ୍ତୀକୁ ନିର୍ମାଣ କରାଯାଉଛି । ଯାହାକୁ ନେଇ ଭଲ ଲାଭ ହେବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ। ତେବେ ଆଗକୁ ବିଶ୍ୱକର୍ମା ପୂଜା, ଗଜଲକ୍ଷ୍ମୀ ପୂଜା ଓ ଦୁର୍ଗାପୂଜା ଆସୁଛି। ତିନି ମାସ ଧରି ବ୍ୟବସାୟ ଚାଲିବ ବୋଲି ଉଭୟ ବ୍ୟବସାୟୀ ଓ କାରିଗର କହିଛନ୍ତି।

## ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ତାଳ ଗୋଟମା ରୋପଣ କାର୍ଯ୍ୟକ୍ରମ ଆରମ୍ଭ




**ବ୍ରହ୍ମପୁର,୧୭।୮ (ସଂଚାର ବ୍ୟୁରୋ):** ରିଲାଏନ୍ସ ଫାଉଣ୍ଡେସନ ତରଫରୁ ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତ ସମିତି ସମୁଦ୍ର ତଟବର୍ତ୍ତୀ କଡୁରୁ ଗ୍ରାମର ସରକାରୀ ମାଧମିକ ବିଦ୍ୟାଳୟରେ ବାତ୍ୟା ବିପର୍ଯ୍ୟାୟ ପ୍ରତିରୋଧ ନିମନ୍ତେ ତାଳ ବୃକ୍ଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଗଣେଷ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନ କର୍ମକର୍ତ୍ତା ଜ୍ୟୋତିମୟୀ ବିଶ୍ୱାଳ,ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର,ସମ୍ପାଦକ ବିଜେନ୍ଦ୍ର ମାଝୀ,ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧାର ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ଗଞ୍ଜାମ ଜିଲ୍ଲାର ଚିକିଟି,ରଙ୍ଗେଇଲୁଣ୍ଡା,ଛତ୍ରପୁର,ଗଞ୍ଜାମ ବ୍ଲକର ଅଧିକାଂଶ ଗ୍ରାମକୁ ପ୍ରତି ବର୍ଷ ବାତ୍ୟା ଭୟ ସହ ସମୁଦ୍ର କୂଳ ଲଙ୍ଘନର ଭୟ ରହୁଛି। ବାତ୍ୟା ସମୟରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ଜୀବନ ରକ୍ଷା ହୋଇପାରୁଛି କିନ୍ତୁ କୂଳ କ୍ଷୟ ଓ ବଜ୍ରପାତ ଦ୍ୱାରା ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏସବୁର ସ୍ଥାୟୀ ସମାଧାନ ପାଇଁ ତାଳ ଗଛ ର ସୁରକ୍ଷା ଜରୁରୀ ହୋଇପଡିଛି। ଛାତ୍ର ଛାତ୍ରୀଙ୍କୁ ସ୍ୱେଚ୍ଛାସେବୀ ପୁରୁଷୋତ୍ତମ ସ୍ୱାଇଁଙ୍କ ଦ୍ୱାରା ତାଳ ଗଛ ସୁରକ୍ଷା ସମ୍ବଧିୟ ଏକ ପାୱାର ପଏଣ୍ଟ ଉପସ୍ଥାପନା କରାଯାଇଥିଲା । ପରେ ଗ୍ରାମକୁ ଘେରି ରହିଥିବା କେନାଲ ପାଶ୍ୱ ରେ ତାଳ ଗୋଟାମା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ନଳିନୀ କାନ୍ତ ପରିଡା, ରାକେଶ କୁମାର ବିଷୋୟୀ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି,ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା,ରଂଜିତ କୁମାର ଭୂୟାଁ,ହୀରାମଣି ବେହେରା,ସୁନିତା ନାୟକ,ଭରତ ବେହେରା, ମେଘନାଦ ଖଟେଇ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରଛାତ୍ରୀଙ୍କ କାନ୍ଧରେ ବସ୍ତାନି ବୋଝ

### ପାଳନ ହେଉନି ସରକାରୀ ନିର୍ଦ୍ଦେଶ

**କାକଟପୁର/ଅସ୍ତରଙ୍ଗ,୧୭।୮ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କ କାନ୍ଧରେ ଅହେତୁକ ବହି ବସ୍ତାନି ବୋଝ କମାଇବାକୁ ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶ ଜାରି କରିଛି। ଏ ନେଇ କେତେକ ନୀତିନିୟମ ପ୍ରସ୍ତୁତ କରି ଏହାକୁ କଠୋର ଭାବେ ପାଳନ କରିବାକୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଗୁଡିକୁ କୁହାଯାଇଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢାରୁ ଭାରୀ ହେଉଛି ବସ୍ତାନି ବୋଝ। ଓଜନିଆ ବସ୍ତାନି ପାଇଁ ଛାତ୍ରଛାତ୍ରୀଙ୍କ ଯନ୍ତ୍ରଣା ବଢୁଛି। କାନ୍ଧରେ ଦରଜ ହେଉଛି। ମେରୁଦଣ୍ଡ ଉପରେ ଆଘାତ ଲାଗୁଛି। ସମସ୍ୟାକୁ ଗୁରୁତ୍ୱ ଦେଇ ବସ୍ତାନି ବୋଝ ହାଲକା କରିବାକୁ ଆଇନ ପ୍ରଣୟନ କଲେ ସରକାର। ହେଲେ ଏହି ଆଇନ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଆଜି ବି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଓଜନିଆ ବସ୍ତାନି ବୋହି ଚାଲିଛନ୍ତି। ବିଶେଷ କରି ଅସ୍ତରଙ୍ଗ ଅଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ମାନଙ୍କରେ ଛାତ୍ର, ଛାତ୍ରୀଙ୍କ ବସ୍ତାନି ବୋଝ ବଢୁଛି। ଏହିଭଳି ସମସ୍ୟା ଉପରେ ଶିକ୍ଷା ବିଭାଗର ନଜର ପଡୁନି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ନାକ ଆଗରେ ଚାଲିଥିବା ଘରୋଇ ବିଦ୍ୟାଳୟର ବସ୍ତାନି ତନଖିବାକୁ ନଜର ଦିଆଯାଉନଥିବା ଅଭିଯୋଗ ହେଉଛି।

୨୦୧୯ରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାର୍ଥୀଙ୍କ ବସ୍ତାନି ବୋଝ କମାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପ୍ରଥମରୁ ଦ୍ୱିତୀୟ ଶ୍ରେଣୀର ପିଲା ଦେଢ଼ କିଲୋ ଓଜନର ବସ୍ତାନି ନେଇ ବିଦ୍ୟାଳୟକୁ ଯିବ। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲା ଦୁଇ କିଲୋରୁ ୩ କିଲୋ ଓଜନ ବସ୍ତାନି ନେବ। ଆଉ ଷଷ୍ଠରୁ ସପ୍ତମ ଶ୍ରେଣୀର ପିଲାର ବସ୍ତାନି ଓଜନ ଚାରି କେଜିରୁ ବଢ଼ିବନି। ଏମିତିକି ଦଶମ ଶ୍ରେଣୀ ପିଲାମାନଙ୍କ ପର୍ଯ୍ୟନ୍ତ ନିର୍ଦ୍ଧିଷ୍ଟ ଓଜନର ବସ୍ତାନି ନେବାକୁ ନିର୍ଦ୍ଦେଶ ରହିଛି। ଏହି ନିୟମ ଆଜି ଯାଏଁ କାର୍ଯ୍ୟକାରୀ ହୋଇ ପାରି ନଥିବା ବେଳେ ପୁଣି ସରକାର ଏହି ନିୟମକୁ ଅନୁପାଳନ ପାଇଁ କଡା ତାଗିଦ କରିଛନ୍ତି। ପିଲାଙ୍କ ବସ୍ତାନି ବୋଝ କମାଇବାକୁ ତତ୍ପରତା ପ୍ରକାଶ ସହ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବୀ ହେଉଛି।



# ସିଟି salad

## ଦେବୀଙ୍କ ହାତରେ ନବୀନ ଡୋରି



ବାବୁ ଦେବୀ ମିଶ୍ରଙ୍କ ହାତରେ ଏବେ ନବୀନଙ୍କ ଡୋରି। ଯାହାକୁ ଚାହିଁବେ ତାକୁ ଟାଣିବେ। ଏକଥା ଆମେ କହୁନାହୁଁ, ଖାଦ୍ ଶଙ୍ଖଦଳିଆ କର୍ମୀମାନେ ଆଲୋଚନା କରୁଛନ୍ତି। କିଛି ଶଙ୍ଖମାର୍କା କର୍ମୀଙ୍କ କହିବାକଥା ଯେ ନବୀନ ବାବୁ ଚିକିତ୍ସା ପାଇଁ ମୁମ୍ବାଇ ଗଲାବେଳେ ଦେବୀଙ୍କୁ ଦାୟିତ୍ୱ ଦେଇ ଯାଇଥିଲେ। ତାଙ୍କ ଅନୁପସ୍ଥିତରେ ଦେବୀ ଭଲ ମନ୍ଦ ବୁଝିବେ ବୋଲି କହିଥିଲେ। ସେତେବେଳେ ସମସ୍ତେ କଥାଟାକୁ ଏତେ ଗୁରୁତ୍ୱ ଦେଇନଥିଲେ। ହେଲେ ସ୍ୱାଧୀନତା ଦିବସରେ ଦଳୀୟ କାର୍ଯ୍ୟାଳୟରେ ନବୀନଙ୍କ ବଦଳରେ ଦେବୀ ପତାକା ଉତ୍ତୋଳନ କରିବାପରେ ଏବେ କଥାଟା ଜୋର ଧରିଛି। କର୍ମୀମାନେ କହୁଛନ୍ତି ନବୀନଙ୍କ ହାତରେ ଏବେ ଦେବୀଙ୍କ ଡୋରି। ନବୀନ ଆଉ କାହା ଉପରେ ବିଶ୍ୱାସ କରିପାରୁ ନାହାନ୍ତି। ଏପରିକି ନିର୍ବାଚନ ଜିତିଥିବା ନେତାଙ୍କୁ ବି ତାଙ୍କର ଭରସା ପାଉନାହିଁ। ଦଳରେ ଏକାଧିକ ମାମଲତକାର ଥିବାବେଳେ ଦେବୀଙ୍କ ଉପରେ ନବନୀ ଏଭଳି ବିଶ୍ୱାସ କରିବା ଅନେକଙ୍କୁ କେବଳ ଆଶ୍ଚର୍ଯ୍ୟ କରିନାହିଁ, ବିଜେଡିରେ ଭବିଷ୍ୟତ ଗଢିବାପାଇଁ ନୂଆ ସଙ୍କେତ ବି ଦେଇଛି। ତେବେ ସିଏ ଯାହା ହେଲେ ବି ଦେବୀଙ୍କ ଉପରେ ଦୈବୀକୃପା ରହିଥିବା ନେଇ ତାଙ୍କ ପାଖ ଲୋକମାନେ କହୁଥିବାବେଳେ ନିର୍ବାଚନବେଳେ ଦେବୀଙ୍କ ଚେର କାଟିଥିବା ମାମଲତକାରଙ୍କ ଉପରେ କିନ୍ତୁ ସେମାନେ ସତର୍କ ଦୃଷ୍ଟି ରଖିଛନ୍ତି। ଦେଖାଯାଉ ବିଜେଡିରେ ଦେବୀ ଆଗକୁ କେଉଁ କେଉଁ ଅବତାରରେ ଆସୁଛନ୍ତି ଓ ନବୀନ ତାଙ୍କ ଉପରେ କେତେ ଭରସା କରୁଛନ୍ତି।

## ମହିଳା ଖାକିଙ୍କ ନଖରାମି



ରାଜଧାନୀରେ ତାଲିମ ନେଉଥିବା ଜଣେ ମହିଳାଙ୍କ ଖାକିଙ୍କ ନଖରାମି ଏବେ ଚର୍ଚ୍ଚାରେ। ନିଜର ଅନ୍ୟ ସାଙ୍ଗମାନଙ୍କ ସହିତ ତାଲିମ ନେଉଥିବା ଏହି ମହିଳା ଖାକି ପ୍ରତିଦିନ ନୂଆ ନୂଆ ଫରମାଇସି କରୁଛନ୍ତି। ତଳିଆ କର୍ମଚାରୀଙ୍କୁ ନାଲିଆଖି ବି ଦେଖାଉଛନ୍ତି। ଯା ପାଖରେ ଅଭିଯୋଗ କରିବି, ତା ପାଖରେ ଅଭିଯୋଗ କରିବି ବୋଲି ଧମକ ଦେଉଛନ୍ତି। ତେବେ ଖାକି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ସର୍ବଭାରତୀୟ ମହିଳା ଖାକିଙ୍କର ଅନ୍ଦାଜ ଟିକେ ନିଆରା। ପୂର୍ବରୁ ଏଭଳି କିଛି କାର୍ଯ୍ୟ ତାଙ୍କ ନାମରେ ରହିଛି। କିଛିଦିନ ତଳେ ରାଜ୍ୟର ଗୋଟିଏ ସୀମାନ୍ତ ଜିଲ୍ଲାର ଜଣେ ଖାକି ବାବୁଙ୍କ ସହିତ ଜଙ୍ଗଲରେ ମଉଜ କରୁଥିବାର ଅଭିଯୋଗ ମଧ ତାଙ୍କ ନାମରେ ଆସିଥିଲା। ଅବଶ୍ୟ ସେତେବେଳେ ବଡ ଖାକିବାବୁମାନେ ତାକୁ କୌଣସି ପ୍ରକାରେ ଚାପିବାରେ ସଫଳ ହୋଇଥିଲେ। ଏବେ ଏହି ମହିଳା ଖାକି ଜଣଙ୍କ ତାଲିମ ନେଉଛନ୍ତି। ହେଲେ ସେଠାରେ ମନ ଲାଗୁ ନଥିବାରୁ ନିଇତି ନୂଆ ନୂଆ ବାହାନା କରୁଛନ୍ତି। ତେବେ ତାଙ୍କର କେତେଶୀଘ୍ର ତାଲିମ ସରିବ ତାକୁ ନେଇ ତାଲିମ ଶିବିରରେ ଦିନ ଗଣା ହେଉଥିବାବେଳେ ନଖରାମି ଦେଖାଉଥିବା ଏହି ମହିଳା ଖାକି ଜଣଙ୍କ ତାଲିମ ପରେ କୁଆଡେ ଯିବେ ତାହା ଉପରେ ଏବେ ସତର୍କ ଦୃଷ୍ଟି ରଖିଛନ୍ତି।

## ଟୋକା ସାମ୍ବାଦିକଙ୍କୁ ରାଜଭବନ ମନା




ଟୋକା ସାମ୍ବାଦିକମାନେ ଏଥର ରାଜଭବନର ଆଟ ହୋମ୍ କାର୍ଯ୍ୟକ୍ରମକୁ ଯାଇପାରି ନାହାନ୍ତି। କାରଣ ସେମାନଙ୍କ ନାମ ନିମନ୍ତ୍ରଣ ତାଲିକାରେ ନାହିଁ। ଯେଉଁମାନେ ୨୦ବର୍ଷର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ହୋଇଥିବେ ସେମାନଙ୍କୁ ନିମନ୍ତ୍ରଣ କରାଯାଇଛି। ତେବେ ଚଳିତବର୍ଷ ଏହି ଟୋକା ବୁଢ଼ା ଫର୍ମୁଲା କିଏ ପକାଇଛି ସେ ସଂକ୍ରାନ୍ତରେ ରାଜଧାନୀର ଅନେକ ସାମ୍ବାଦିକ ଜାଣିପାରୁ ନାହାନ୍ତି। ପ୍ରତିବର୍ଷ ରଜଭବନରୁ ନିମନ୍ତ୍ରଣ ସେମାନଙ୍କ ନିକଟକୁ ନିମନ୍ତ୍ରଣପତ୍ରଟିଏ ଆସେ। ଏହି ନିମନ୍ତ୍ରଣ ସହିତ ରାଜଧାନୀରରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ନିମନ୍ତ୍ରଣପତ୍ରଟି ଥାଏ। ହେଲେ ଏଥର ଅନେକ ଆଗଧାଡିର ଯୁବ ସାମ୍ବାଦିକ ଏହା ପାଇଲେ ନାହିଁ। ଖୋଳତାଡ କରି ଜାଣିବାକୁ ପାଇଲେ ଯେ ୨୦ ବର୍ଷିଆ ମାନଦଣ୍ଡରେ ସେମାନେ କଟି ଯାଇଛନ୍ତି। ଏହି ମାନଦଣ୍ଡରେ କେବଳ ରାଜଧାନୀର କେତେଜଣ ହାତଗଣତି ବୟସ୍କ ସାମ୍ବାଦିକ ଆସୁଛନ୍ତି। ଏହା ଜାଣିବାପରେ ଅନେକ ମନମାରି ରହିଲେ। ପୂର୍ବଭଳି ସେମାନଙ୍କ ନିକଟକୁ କାର୍ଡଟିଏ ଆସିନଥିବାରୁ କାହାକୁ ବି କହିପାରିଲେ ନାହିଁ। ତେବେ ରାଜଧାନୀର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଆସି କାର୍ଡ ନେଇଯିବାକୁ କୁହାଯିବାରୁ ସିଏ ସୋସିଆଲ ମିଡିଆରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏହା କିଭଳି ନିମନ୍ତ୍ରଣ ବୋଲି ସିଧାସଳଖ ପ୍ରଶ୍ନ କରିଛନ୍ତି। ତେବେ ଏହାର ଉତ୍ତର କିଏ ରଖିବ ତାହା ଅବଶ୍ୟକ ପ୍ରଶ୍ନବାଚୀ ହୋଇ ରହିଛି। ଏହି ବୁଢ଼ା-ଟୋକା ମାନଦଣ୍ଡରେ କିଛି ଟୋକା ସାମ୍ବାଦିକ କିନ୍ତୁ କୌଣସି ପ୍ରକାରେ ରାଜଭବନରେ ହାଜର ହୋଇଥିବା ଦେଖିବାକୁ ମିଳିଥିଲା।

## ମାଲେମାଲ କରିଦେଲେ ମହତାବ



ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ କିଛି ଲୋକଙ୍କୁ ଏହା ଭିତରେ ମାଲେମାଲ୍ କରିଦେଇଛନ୍ତି। କଳ୍ପନାଛକ ନିକଟରେ ଥିବା ଗୋଟିଏ ଦପ୍ତର ଆଗରେ କିଛି କର୍ମଚାରୀ ଏଭଳି ଆଲୋଚନା କରୁଥିବାବେଳେ ଆମେ ଟିକେ କାନଡେରି ଯାହା ଶୁଣିଲୁ ତାହା ଆଶ୍ଚର୍ଯ୍ୟ କରିଦେବା ଭଳି। ଏହି ଆଲୋଚନା ଅନୁଯାୟୀ ମହତାବଙ୍କ ପାଇଁ ରାଜ୍ୟ ସଂଗ୍ରହାଳୟରେ ଗୋଟିଏ ମ୍ୟୁଜିୟମ କରିବାପାଇଁ ଆଲୋଚନା ହେବାପରେ କିଛି କର୍ମଚାରୀ ମାଲେମାଲ ହୋଇଛନ୍ତି। ସରକାରଙ୍କ ମନକଥାର ଯେମିତି ସୁରାକ ପାଇଛନ୍ତି ତୁରନ୍ତ କାମରେ ଲାଗି ପଡିଲେ। କିଭଳି ଏହି ସଂଗ୍ରହାଳୟଟି ହେବ, ଏଥିରେ କ'ଣ ସବୁ ରହିବ ତାହାକୁ ନେଇ ତତ୍କାଳ ପଦକ୍ଷେପ ନେଲେ। ନିଜକୁ ସୁହାଇଲା ଭଳି କମିଟି ଟିଏ କରିଦେଲେ। ଏ ବାବଦରେ ପାଣିଭଳି ପଇସା ଖର୍ଚ୍ଚ କଲେ। କଥାଟା ଚାରିକାନ୍ଥ ଡେଇଁ କିଛି ମହତାବପ୍ରେମୀଙ୍କ ନିକଟରେ ପହଞ୍ଚିବାରୁ ସେମାନେ ଖୋଳତାଡ କରି ଜାଣିବାକୁ ପାଇଲେ ଯେ ସରକାର ଏ ନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନେଇ ନଥିଲେ। ଖାଲି ଆଲୋଚନା କରିଥିଲେ। ହେଲେ ଆଲୋଚନାର ଖବର ପାଇବାପରେ ଚାକିରି ସରି ସରି ଆସୁଥିଲେ ଜଣେ ଅଧିକାରୀ ତୁରନ୍ତ ଏ ଦିଗରେ ଲାଗି ପଡିଲେ। ତାଙ୍କ ସହିତ ଆଉ କିଛି ଯୋଗଦେଲେ। ଭଲ ମାଲ କାରବାର ହେଲା। କର୍ମଚାରୀମାନେ ଏ ସଂକ୍ରାନ୍ତରେ ଆଉ କିଛି କହୁଥିବାବେଳେ ମହତାବଙ୍କ କଥା ହୋଇଥିବାରୁ ଆମେ ସେଠାରୁ ତୁରନ୍ତ ପଳାଇ ଆସିବାକୁ ବାଧ ହେଲୁ।

## ଭୂତଙ୍କ ପାଇଁ ବିମାନ ଭଡ଼ା



ଭୂତଙ୍କ ପାଇଁ କୋଟି କୋଟି ଟଙ୍କାର ବିମାନ ଭଡା। ଏ ବାବଦରେ କୁଆଡେ ରାଜକୋଷରୁ ୧୭୦ କୋଟି ଟଙ୍କା ଉଡିଗଲାଣି। ବେସାମରିକ ବିମାନ ଚଳାଚଳ ଦାୟିତ୍ୱରେ ଥିବା ଜଣେ ବାବୁ ଏହି ଆଲୋଚନା କରୁଥିବାବେଳେ ଆମେ କାନକୁ ବିଶ୍ୱାସ କରିପାରିଲୁ ନାହିଁ। ଭୂତ କାହିଁକି ବିମାନରେ ଯିବେ ବୋଲି ପଚାରିବାରୁ ବାବୁ ବିସ୍ତାର ଭାବେ ବୁଝାଇଲେ। କହିଲେ, ରାଜ୍ୟ ସରକାର ବିମାନ କମ୍ପାନୀ ସହିତ ଚୁକ୍ତି କରିଛନ୍ତି। ବିଦେଶକୁ ଉଡୁଥିବା ବିମାନରେ ଆସନ ଖାଲି ପଡିଲେ ସେ ବାବଦରେ ସରକାର ଟଙ୍କା ଦେବେ। ଅର୍ଥାତ ବିମାନରେ ଖାଲିପଡୁଥିବା ସିଟ୍ ବାବଦରେ ମୁଣ୍ଡପିଛା ଟଙ୍କା ଗଣୁଛନ୍ତି। ଏହାର ମାନେ ସେହି ସିଟ୍‌ରେ ଭୂତମାନେ ଯାତ୍ରା କରୁଛନ୍ତି ଓ ସେ ବାବଦରେ ସରକାର ଭଡା ଦେଉଛନ୍ତି। ବାବୁଙ୍କ ଯୁକ୍ତିରେ ଦମ୍ ଥିବା ଦେଖି ଆଉ ତିନି ଚାରିଜଣ ଆଲୋଚନାରେ ଯୋଗଦେଲେ। ଯେତେବେଳେ କଥାଟା ବିଭାଗ ଆଡକୁ ମୁହାଁଇଲା ଆମେ ସେତେବେଳେ ସେଠାରୁ ଖସିବାକୁ ବସିଥିବାବେଳେ ଜଣେ ଆମ ହାତକୁ ଭିଡି ଧରି କହିଲେ, ବୁଝିଲେ ଆଜ୍ଞା ଏ ଭୂତପୋଷା ଯୋଜନା ପୂର୍ବ ସରକାର ଆରମ୍ଭ କରିଥିଲେ। ସମସ୍ତେ ଭାବିଥିଲେ ନୂଆ ସରକାର ଭୂତଙ୍କୁ ବିଦା କରିବେ। ହେଲେ ଭୂତଙ୍କର ଏତେ ପ୍ରଭାବ ଯେ ଭୂତପୋଷା ଯୋଜନାଟି ବନ୍ଦ ହେବ କ'ଣ ଏବେ ଜୋରରେ ଚାଲିଛି। ଭୂତ କଥା ଶୁଣିବାପରେ ଆମେ ଭୟରେ ସ୍ଥାନ ଛାଡିଲୁ।

## ଝାଡ଼ାବାନ୍ତି ଆତଙ୍କ: ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଆନନ୍ଦପୁର,୧୭।୮ (ସଂଚାର ବ୍ୟୁରୋ):** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ କୃଷ୍ଣପୁର ଗାଁରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଦୁଇ ଦିନରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅଶୋଧିତ ପାଣି ଟାଙ୍କିରୁ ସ୍ଥାନୀୟ ଲୋକେ ପାଣି ପିଇ ଏହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଗାଁକୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇ ପାଣିର ମାନ ଯାଞ୍ଚ ସହ ଝାଡ଼ାବାନ୍ତିର ପ୍ରକୃତ କାରଣ ଖୋଜିବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

# ମହାତ୍ମାଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ




● ଉତ୍କଳ ଗୌରବଙ୍କ ନିମନ୍ତ୍ରଣରେ ଆସିଥିଲେ କଟକ
● ୧୯-୨୦ରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ

**ଭୁବନେଶ୍ୱର,୧୭।୮(ସଂଚାର ବ୍ୟୁରୋ):** ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ଟ୍ୟାନେରୀର ଦେବାଳିଆ ଅବସ୍ଥା ଦେଖି ଏହାର ପୁନରୁଦ୍ଧାର ପାଇଁ ସହାୟତା ନିମନ୍ତେ ୧୯୨୪ ଫେବୃଆରୀ ୫ ତାରିଖରେ ସାବରମତୀ ଆଶ୍ରମରେ ମହାତ୍ମା ଗାନ୍ଧିଙ୍କୁ ଭେଟି କଟକ ଆସିବାକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧି ୧୯୨୫ ଅଗଷ୍ଟ ୧୯ରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ସଚିବ ମହାଦେବ ଦେଶାଇଙ୍କ ସହ କଟକ ଆସିଥିଲେ। ଉତ୍କଳ ଟ୍ୟାନେରୀର ସ୍ଥିତିକୁ ଦୃଷ୍ଟିରେ ରଖି ଗୋ-ସୁରକ୍ଷା ଆନ୍ଦୋଳନର ନେତା ସେଠ ରଙ୍ଗଲାଲ ମୋଦି ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବେଙ୍ଗଲ କେମିକାଲ୍ସର ମୁଖ୍ୟ ସତୀଶ ଚନ୍ଦ୍ର ଦାସଗୁପ୍ତ ମଧ୍ୟ ତାଙ୍କ ସାଥିରେ ଥିଲେ। କଟକ ଷ୍ଟେସନରେ ଭୋର ୪ଟା ୪୬ ମିନିଟରେ ହଜାର ହଜାର ଓଡ଼ିଆଙ୍କ ଗହଣରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ତାଙ୍କୁ ସ୍ୱାଗତ କରିଥିଲେ। ଉତ୍କଳ ଟ୍ୟାନେରୀ ବୁଲି ଦେଖିବା ସହ ଏହାର ଉନ୍ନତିକରଣ ଦିଗରେ ବିଭିନ୍ନ ଆଲୋଚନା କରିଥିଲେ। ଟ୍ୟାନେରୀ ତରଫରୁ ଜଣେ ଦଳିତ ଯୁବକ ତାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ। ଏହା ସନ୍ନିକଟରେ ଗୋଟିଏ କୃଷ୍ଣାଶ୍ରମ ଥିବାରୁ ବୁଲି ଯାଇଥିଲେ ଓ ସେହିଦିନଠାରୁ ଏହି କୃଷ୍ଣାଶ୍ରମର ନାମ ଗାନ୍ଧୀପଲ୍ଲୀ ହୋଇରହିଛି। ଅପରାହ୍ନରେ କଟକ ମ୍ୟୁନିସିପାଲଟି ପଡ଼ିଆରେ ପ୍ରବଳ ବର୍ଷା ସତ୍ତ୍ୱେ ଏକ ବିଶାଳ ଜନ ସମାବେଶକୁ ଉଦବୋଧନ ଦେଇ ଖଦି ଓ ଚରଖାର ମହତ୍ତ୍ୱ ବାବଦରେ ସେ କହିଥିଲେ। ୨୦ ତାରିଖ ସକାଳେ ଆଜିର ଷ୍ଟୁଆର୍ଟ ବିଦ୍ୟାଳୟ ପରିସରସ୍ଥ ଗୀର୍ଜା ଠାରେ ଧର୍ମ ଆଲୋଚନା କରିଥିଲେ। ଅପରାହ୍ନରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପରିସରରେ ଅନାଥ ଶିଶୁ ଓ ସହରର ମହିଳାମାନଙ୍କୁ ସାକ୍ଷାତ ଆଲୋଚନା କରିଥିଲେ। ସ୍ୱରାଜ ଆଶ୍ରମ ପରିସରରେ ଖଦି ପ୍ରଦର୍ଶନୀ ବୁଲି ଦେଖିଥିଲେ ଓ ସନ୍ଧ୍ୟାରେ ନେତାଜୀ ସୁଭାଷଙ୍କ ବାସଭବନରେ ତାଙ୍କ ପିତା ଜାନକୀନାଥ ବୋଷ ଓ ଅନ୍ୟ ବଙ୍ଗାଳୀ ଭଦ୍ର ଲୋକମାନଙ୍କୁ ଭେଟି ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରି ପୁଣି କଲିକତା ଅଭିମୁଖେ ଫେରି ଯାଇଥିଲେ। ରାଷ୍ଟ୍ରପିତାଙ୍କ ଦ୍ୱିତୀୟ ଓଡ଼ିଶା ଆଗମନ ଶତବାର୍ଷିକୀ ସ୍ମୃତିରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଆଦି ଗାନ୍ଧୀ ବିଚାରର ସଙ୍ଗଠନମାନଙ୍କ ପକ୍ଷରୁ ଅଗଷ୍ଟ ୧୯ରେ ଗାନ୍ଧୀ ରହିଥିବା ମଧୁକୋଠୀ ଅଧୁନା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସେମିନାର ଆୟୋଜିତ ହେବ। ସେହିପରି ୨୦ ତାରିଖ ସକାଳ ୮ଟା ସମୟରେ ଐତିହାସିକ ସ୍ୱରାଜ ଆଶ୍ରମ ପରିସରରେ ସ୍ୱଧର୍ମ ପ୍ରାର୍ଥନା ସଭା ଓ ଚରଖା ପ୍ରଦର୍ଶନୀ ଆୟୋଜିତ ହେବ ଓ ସେଠାରୁ ଏକ ଶାନ୍ତି ସଦଭାବନା ପଦଯାତ୍ରା ବାହାରି ମ୍ୟୁନିସିପାଲିଟି ପଡ଼ିଆ ଦେଇ ନେତାଜୀ ସୁଭାଷଙ୍କ ବାସଭବନ ନିକଟରେ ପହଞ୍ଚିବ। ସନ୍ଧ୍ୟାରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ଏକ ସାଧାରଣ ସଭା ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମଗୁଡିକରେ ବହୁସଂଖ୍ୟାରେ ଯୋଗଦାନ ପାଇଁ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ୍, ମିହିର ପ୍ରତାପ ଦାସ, ଜୟନ୍ତ କୁମାର ଦାସ, ବିଜୟ ତ୍ରିପାଠୀ, ହରିହର ସେନ, ପ୍ରଦୀପ୍ତ କିଶୋର ନନ୍ଦ, ସୂର୍ଯ୍ୟ ନାରାୟଣ ନାଥ ମାନସ ପଟ୍ଟନାୟକ ପ୍ରେସ ବିଜ୍ଞପ୍ତିରେ ନିବେଦନ କରିଛନ୍ତି।

### ଫାର୍ମ ହାଉସରେ ପୁଲିସ୍‌ର ଚଢ଼ାଉ

# ବ୍ରାଉନସୁଗର, ବନ୍ଧୁକ ଓ ହରିଣ ଶିଙ୍ଗ ଜବତ; ୨ ଗିରଫ



**ଖୋର୍ଦ୍ଧା,୧୭।୮(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୁଲିସ ଥାନା ଅନ୍ତର୍ଗତ ଟାଙ୍ଗିଆପଡ଼ାର ଏକ ଫାର୍ମ ହାଉସ୍‌ରେ ଆଜି ସ୍ଥାନୀୟ ପୁଲିସ ଚଢ଼ାଉ କରି ୨୮୩.୫୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ, ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ବାସେଲୀସାହିର କ୍ଷୀରୋଦ ବେହେରା (୨୩) ଓ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀର ସଂଗ୍ରାମ କେଶରୀ ନାଥ ଓରଫ ବାଦଲ (୪୮)। ସେମାନଙ୍କଠାରୁ ପୁଲିସ ବ୍ରାଉନସୁଗର ସମେତ ୨ଟି ବାଇକ୍, ୨ଟି ମୋବାଇଲ, ଗୋଟିଏ ଦେଶୀ ବନ୍ଧୁକ, ୨ଟି ଜୀବନ୍ତ କ୍ୟାଟରିଜ୍ ଜବତ କରିଛି। ଚଢ଼ାଉ ସମୟରେ ଫାର୍ମ ହାଉସରୁ ଗୋଟିଏ ହରିଣ ଶିଙ୍ଗ ଓ ଜୀବନ୍ତ ବନ୍ୟଜନ୍ତୁ ମଧ୍ୟ ଉଦ୍ଧାର କରାଯାଇଛି। ଏନେଇ ପୁଲିସ୍ ତୁରନ୍ତ ଚନ୍ଦକା ବନ ଅଧିକାରୀଙ୍କୁ ସୂଚନା ଦିଆଯିବା ପରେ ବନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେସବୁକୁ ଜବତ କରିଥିବା ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ବନ୍ୟଜନ୍ତୁ ରଖିବା ନେଇ ତାଙ୍କ ଉପରେ ବନ୍ୟଜନ୍ତୁ ଆଇନ ଅନୁସାରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି। ସେ ଦେଇଥିବା ସୂଚନାନୁସାରେ, ନିଶାମୁକ୍ତ ଜିଲ୍ଲା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଏକ ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଟାଙ୍ଗିଆପଡାର ଏକ ଫାର୍ମ ହାଉସରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ ଗତ ଶୁକ୍ରବାର ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଥାନାଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂହ, ଏସ୍‌ଆଇ ଭାଗ୍ୟଶ୍ରୀ ବେହେରା, ଏଏସଆଇ ଏସ୍‌କେ ମହାନ୍ତି, କନଷ୍ଟେବଳ ସମ୍ବିତ ମହାନ୍ତି, ପ୍ରଦୀପ ହରିଚନ୍ଦନ, ହାବିଲଦାର ବିକେ ପ୍ରତାପସିଂହ, ଓଏପିଏଫ୍ ଆର୍‌କେ ପ୍ରଧାନ, ବିକେ କହ୍ନାର, ଏମ୍‌ଆର ପ୍ରଧାନଙ୍କୁ ନେଇ ଗଠିତ ଟିମ୍ ଅଚାନକ ଚଢ଼ାଉ କରିଥିଲେ। ଏସ୍‌ଆଇ ଭାଗ୍ୟଶ୍ରୀଙ୍କ ସୂଚନା ଆଧାରରେ ଥାନାରେ ଏନ୍‌ଡିପିଏସ ଆଇନ ୨୧(ସି) /୨୯/୨୫ ଅସ୍ତ୍ରଶସ୍ତ୍ର ଆଇନ ବଳରେ ୧୯୪/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ପତ୍ନୀଙ୍କୁ କୋଦାଳରେ ପିଟିପିଟି ହତ୍ୟା

**କାଳିମେଳା,୧୭।୮(ସଂଚାର ବ୍ୟୁରୋ):** ମଦ ପିଇବାକୁ ନ ଦେବାରୁ ପତ୍ନୀଙ୍କୁ କୋଦାଳରେ ପିଟିପିଟି ହତ୍ୟା କରିଛି ସ୍ୱାମୀ । ଏତିକିରେ ସ୍ୱାମୀର ରାଗ ଶାନ୍ତ ହୋଇନ ଥିଲା। ନିଜ ପତ୍ନୀର ଗୁପ୍ତାଙ୍ଗରେ ବାଡ଼ି ପୁରେଇବାକୁ ପଛାଇ ନ ଥିଲା ମଦ୍ୟପ ସ୍ୱାମୀ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏମଭି ୭୯ ଥାନା ଅନ୍ତର୍ଗତ ଗିନି ପାଲୀ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ୩୮ ବର୍ଷୀୟା ପ୍ରଭାତୀ କୁଞ୍ଜ ବୋଲି ସୂଚନା ମିଳିଛି। ପୁଲିସ ହତ୍ୟାକାରୀ ସ୍ୱାମୀ ଭୀମା କୁଞ୍ଜାକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗତକାଲି ଅପରାହ୍ନ ୫ଟାରେ ଭୀମା ନିଶାଗ୍ରସ୍ତ ହୋଇ ପତ୍ନୀଙ୍କୁ ମାରପିଟି କରୁଥିଲା। ଏପରିକି ଚାଷବାସ କଥା କିଛି ବୁଝୁ ନ ଥିଲା। ତେବେ ପ୍ରଭାତୀ ନିଜ ଜମି ଚାଷ କରିବା ପାଇଁ କିଛି ଶ୍ରମିକଙ୍କୁ ଡାକିଥିଲା। ପରମ୍ପରା ଅନୁସାରେ ପ୍ରଭାତୀ ଘରେ ମଦ ରାନ୍ଧି ଶ୍ରମିକମାନଙ୍କୁ ପିଇବାକୁ ଦେଇଥିଲେ ମଧ୍ୟ ସ୍ୱାମୀକୁ ଦେବାକୁ ମନା କରିଥିଲେ। ଗତକାଲି ପ୍ରଭାତୀ ତଳି ଉଠାଇବାକୁ ଜମିରେ ଥିବା ବେଳେ ଭୀମା ସେଠାରେ ଯାଇ ପହଞ୍ଚି ଏକ କୋଦାଳ ସାହାଯ୍ୟରେ ପିଟିପିଟି ହତ୍ୟା କରିଥିଲା। ଗ୍ରାମବାସୀ ତାକୁ କାବୁ କରି ପୁଲିସ ଜିମା ଦେଇଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଗଲେ ଛାତ୍ର

**ବାଲିପାଟଣା,୧୭।୮(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ବିଭାଗର ଖାମଖିଆଲି ଯୋଗୁଁ ଆଜି ଜଣେ ନାବାଳକର ମୃତ୍ୟୁ ଘଟିଛି। ବାଲିପାଟଣା ଥାନା କୁଳନ୍ତିରା ଶାସନରୁ ଏହିଭଳି ଅଭିଯୋଗ ଆସିଛି। ଏହି ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟରୁ ଷ୍ଟେ ଛିଣ୍ଡି ପଡ଼ିବା ଫଳରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲା ଅକ୍ଷୟ କୁମାର ଭୋଇ ଓରଫ ବୁଲା ଚନ୍ଦନ ଭୋଇ (୧୨)। ସୂଚନା ଅନୁସାରେ ଆଜି ମଧ୍ୟାହ୍ନ ସାଢେ ଗୋଟେ ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିଥିଲା। ଗାଁ ମଝି ଖୁଣ୍ଟରେ ବନ୍ଧା ହୋଇଥିବା ଚାକୁଣ୍ଡା ଗଛ ଡାଳରେ ବନ୍ଧା ହୋଇଥିବା ଲାଇନ ଖୁଣ୍ଟ ଷ୍ଟେ ତା'ର ବର୍ଷା ପବନରେ ଛିଣ୍ଡି ତଳେ ପଡ଼ିଥିଲା। ଚନ୍ଦନ ଭଙ୍ଗା ଡାଳ ଆଣିବାକୁ ଯିବା ସମୟରେ କରେଣ୍ଟ ଚାର୍ଜ ହୋଇଥିବା ଛିଣ୍ଡା ଷ୍ଟେ ତାର ତାଙ୍କ ହାତ ଏବଂ ଅଣ୍ଟାରେ ଲାଗି ରହିଥିଲା। କରେଣ୍ଟ ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇଥିଲା। ହାତ, ପିଠି, ପେଟରେ ଲାଗି ଜଳି ଯାଇଥିଲା। ସେଠାରେ ଥିବା ଜଣେ ମହିଳା ପାଟି କରି ଡାକିଥିଲେ। ଗ୍ରାମର ଲିଟୁଆ ଭୋଇ ବାଉଁଶ ଲାଠିରେ କରେଣ୍ଟ ଚାର୍ଜ ଥିବା ତାରକୁ ଟାଣି କାଢ଼ିବା ପରେ ଚନ୍ଦନଙ୍କୁ ଉଦ୍ଧାର କରାଯାଇଥିଲା। ଚନ୍ଦନକୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## କାର୍ଯ୍ୟରେ ଅବହେଳା ଅଭିଯୋଗରେ ଛତ୍ରପୁର ଥାନାଧିକାରୀ ନିଲମ୍ବିତ



**ଛତ୍ରପୁର, ୧୭।୮ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲାର ଛତ୍ରପୁର ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଆଜି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ବ୍ରହ୍ମପୁର ଆଇଜି କାର୍ଯ୍ୟାଳୟରେ ରହିବେ। ଚମାଖଣ୍ଡି ଆଇଆଇସି ସବ୍ୟସାଚୀ ମଲ୍ଲଙ୍କୁ ଛତ୍ରପୁର ଥାନାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଦେବାଶିଷ ଚଳିତ ବର୍ଷ ଫେବୃଆରୀ ୨୪ରେ ଛତ୍ରପୁର ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ । ଏହା ପୂର୍ବରୁ ସେ ପୁରୀ ଜିଲା ଡେଲାଙ୍ଗର ଥାନାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ହେଲେ ଛତ୍ରପୁର ଥାନାରେ ମାତ୍ର ୫ ମାସ ୨୦ ଦିନ କାମ କଲା ପରେ ତାଙ୍କ କାର୍ଯ୍ୟରେ ଅବହେଳା ନେଇ ତାଙ୍କୁ ନିଲମ୍ବନ କରାଯାଇଛି।

## ରୋଜଗାର ପାଇଁ ଯାଇଥିଲେ, ଶବ ହୋଇ ଫେରିଲେ

**ବରଗଡ଼, ୧୭।୮ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧରୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଜଣେ ଯୁବକ ଘରକୁ ଫେରିବା ବାଟରେ ମୃତ୍ୟୁ ଘଟଣା ଆଲୋଡ଼ନ ଖେଳାଇ ଦେଇଛି। ମୃତ ଯୁବକ ହେଲେ, ଉକ୍ତ ଗ୍ରାମର ନେହରୁ ବାଗଙ୍କ ପୁଅ ଲଲୁ (୨୨)। ଦାଦନ ଖଟିବାକୁ ଦିଲ୍ଲୀ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ସମୟରେ ହଠାତ୍ ମଧ୍ୟପ୍ରଦେଶର ଭୋପାଳଠାରେ ଅସୁସ୍ଥ ହୋଇଯାଇଥିଲେ। ତାଙ୍କ ସାଙ୍ଗରେ ଗାଁର ପିଲାମାନେ ସୂର୍ଯ୍ୟ ସାହୁ, ଜାଗେ ମାହାର, ତରଣୀ ସେଠ, ରୋହିତ ଭୋଇ ଥିଲେ। ଫଳରେ ଅସୁସ୍ଥ ହେବା ଜାଣି ରେଳବାଇ ପୋଲିସ ଭୋପାଳର ଏକ ସରକାରୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଏକ ଗାଡ଼ି ସହାୟତାରେ ତାଙ୍କୁ ନିଜ ଗାଁ ଝାରବନ୍ଧକୁ ଅଣାଯାଇଥିଲା। ଶନିବାର ମୃତଦେହ ଗ୍ରାମକୁ ପହଞ୍ଚିଥିଲା। ପୁଅର ମୃତ୍ୟୁ ପରେ ବିଧବା ମା' ଅସହାୟ ହୋଇ ପଡ଼ିଛନ୍ତି। ମୃତଦେହ ଘରକୁ ଆଣିବା ପାଇଁ ଆମ୍ବୁଲାନ୍ସ ଭଡା ଖର୍ଚ୍ଚ ୨୫ହଜାରରୁ ଅଧିକ ହୋଇଛି।

# ନଦୀରେ ଭାସିଯାଇ ୭୩ ମଇଁଷି ମୃତ



**ରାଜନଗର,୧୭।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନଦୀ ଆରପଟକୁ ଯାଉଥିବା ସମୟରେ ନଦୀରେ ଭାସି ଏକକାଳୀନ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ଏକକାଳୀନ ଏତେ ସଂଖ୍ୟାରେ ମଇଁଷିଙ୍କ ମୃତ୍ୟୁ ପରେ ୩ ଜଣ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ମିଳିଥିବା ସୂଚନାନୁସାରେ, ଆଳି ଥାନା ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ନଦୀରେ ଆଜି ସକାଳୁ ୭୩ଟି ମଇଁଷିଙ୍କର ଏକକାଳୀନ ମୃତ୍ୟୁ ଘଟିଛି। ବ୍ରାହ୍ମଣୀ ନଦୀର ଶାଖା 'ଗଳିଆ' କୂଳରେ ୮୮ଟି ମଇଁଷି ଥିବା ବେଳେ ଆଜି ସକାଳୁ ମଇଁଷିମାନଙ୍କୁ ଚରିବା ପାଇଁ ମାଲିକ ଖୋଲିଦେଇଥିଲେ। ଘାସ ଚରି ଚରି ମଇଁଷିମାନେ ଆଗକୁ ବଢ଼ିଥିଲେ। ଏହାପରେ ମଇଁଷିମାନେ ନଦୀରେ ପଶି ଆରପଟକୁ ଯାଉଥିଲେ। ନଦୀଟି ଗହିରିଆ ଓ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ଏକକାଳୀନ ମୃତ୍ୟୁ ଘଟିଛି। ତେବେ ସେମାନଙ୍କ ମଧ୍ୟରୁ ସୌଭାଗ୍ୟବଶତଃ ୧୫ଟି ମଇଁଷି ବର୍ତ୍ତିଯାଇଛନ୍ତି।

ଏହି ମଇଁଷିର ମାଲିକ ଉକ୍ତ ୩ ଚାଷୀ ଏପରି ଏକ ଅଘଟଣରେ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ସେମାନଙ୍କ ପରିବାର କେମିତି ପ୍ରତିପାଳିତ ହେବେ, ପିଲାମାନେ କେମିତି ବଢ଼ିବେ, ସେ ଚିନ୍ତାରେ ସେମାନେ ଭାଙ୍ଗିପଡ଼ିଛନ୍ତି। କାରଣ ଗୋଟିଏ ମଇଁଷି ଦିନକୁ ପାଖାପାଖି ୧୦ ଲିଟର କ୍ଷୀର ଦେଉଥିଲେ। ମୃତ୍ୟୁବରଣ କରିଥିବା ମଇଁଷିଙ୍କ ମଧ୍ୟରୁ ଗଣେଶ ଦାସଙ୍କ ୪୦ଟି ମଇଁଷି ଥିବା ବେଳେ ସେଥିମଧ୍ୟରୁ ପ୍ରତି ମଇଁଷି ଦୈନିକ ପ୍ରାୟ ୧୫ ଲିଟର୍ କ୍ଷୀର ଦେଉଥିଲେ। ଏବେ ମଇଁଷିମାନେ ମୃତ୍ୟୁବରଣ କରିଥିବାରୁ ଗଣେଶଙ୍କ ମାନସିକ ସ୍ଥିତି ଦୋହଲିଯାଇଛି ବୋଲି କହିଲେ ଚଳେ। ସେହିପରି ଅନ୍ୟତମ ଚାଷୀ ଜଗନ୍ନାଥ ଦାସଙ୍କର ୧୭ଟି ଓ ପାଗଳା ବିଶ୍ୱାଳଙ୍କର ୧୬ଟି ମଇଁଷି ମୃତ୍ୟୁବରଣ କରିଛନ୍ତି। ବଞ୍ଚିଯାଇଥିବା ମଇଁଷି ମଧ୍ୟରୁ ଜଗନ୍ନାଥ ଦାସଙ୍କର ୩ଟି ଓ ପାଗଳା ବିଶ୍ୱାଳଙ୍କର ୧୨ଟି ରହିଛନ୍ତି। ତେବେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଏହି ମଇଁଷି ଚାଷୀମାନଙ୍କୁ ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବଦଳିଲା ଇପିଏଫ୍‌ଓରେ ଆଧାର-ୟୁଏଏନ୍ ଲିଙ୍କ୍ ନିୟମ




ନୂଆଦିଲ୍ଲୀ,୧୭।୮: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନର ନିୟମରେ ବଡ଼ ପରିବର୍ତ୍ତନ । ଯାହାପରେ ଉପଭୋକ୍ତାମାନଙ୍କ ପାଇଁ ସେମାନଙ୍କର ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର ସହିତ ଆଧାର ଲିଙ୍କ୍ କରିବା ଏବଂ ସେମାନଙ୍କର ବ୍ୟକ୍ତିଗତ ବିବରଣୀ ପରିବର୍ତ୍ତନ କରିବା ସହଜ ହେବ। ନୂତନ ନିୟମର ଲକ୍ଷ୍ୟ ହେଉଛି ଭବିଷ୍ୟନିଧି ପାଣ୍ଠି ସେବାକୁ ତ୍ୱରାନ୍ୱିତ କରିବା,କାଗଜପତ୍ର ହ୍ରାସ କରିବା ଏବଂ ସମୟ ମଧ୍ୟରେ ଦେୟ ସୁନିଶ୍ଚିତ କରିବା। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏଣିକି ମୃତ ସଦସ୍ୟଙ୍କ ନାବାଳକ ପିଲାମାନଙ୍କୁ ଅଭିଭାବକ ପ୍ରମାଣପତ୍ର ଦେବାର ଆବଶ୍ୟକତା ରହିବ ନାହିଁ। ଏହା ସହିତ, ଇପିଏଫଓ ସେମାନଙ୍କର ଆକାଉଣ୍ଟ ଖୋଲିବାରେ ସାହାଯ୍ୟ କରିବ। ଯାହାଦ୍ୱାରା ମୃତ ସଦସ୍ୟଙ୍କ ଟଙ୍କା ସିଧାସଳଖ ନାବାଳକ ପିଲାମାନଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇପାରିବ। ଆସନ୍ତୁ ଜଣାଇବା ଇପିଏଫଓ ଦ୍ୱାରା ନିୟମରେ କି ପ୍ରକାରର ପରିବର୍ତ୍ତନ କରାଯାଇଛି।

ଯଦି ଆପଣଙ୍କ ନାମ, ଲିଙ୍ଗ ଏବଂ ଜନ୍ମ ତାରିଖ ଆଧାର ଏବଂ ୟୁଏଏନ୍ ରେକର୍ଡରେ ମେଳ ଖାଉଛି, ତେବେ ଆପଣ ଏବେ ସିଧାସଳଖ ଆପଣଙ୍କ ନିଯୁକ୍ତିଦାତାଙ୍କ ସହିତ ଯୋଗାଯୋଗ କରିପାରିବେ। ନିଯୁକ୍ତିଦାତା ପରେ ନିଯୁକ୍ତିଦାତା ପୋର୍ଟାଲରେ କେୱାଇସି କାର୍ଯ୍ୟ ମାଧ୍ୟମରେ ଆଧାର ସିଡିଂ ସମାପ୍ତ କରିପାରିବେ। ଏହି ପ୍ରକ୍ରିୟା ପାଇଁ ଆଉ ଇପିଏଫଓ ଠାରୁ ଅତିରିକ୍ତ ଅନୁମୋଦନ ଆବଶ୍ୟକ ନାହିଁ। ଆଧାର ଏବଂ ୟୁଏଏନ୍ ବିବରଣୀ ମେଳ ଖାଉ ନଥିବା କିମ୍ବା ଆଧାର ଭୁଲ ଭାବରେ ଲିଙ୍କ୍ ହୋଇଥିବା କ୍ଷେତ୍ରରେ ମିଳିତ ଘୋଷଣା (ଜେଡି) ବ୍ୟବସ୍ଥାକୁ ମଧ୍ୟ ସରଳ କରାଯାଇଛି। ଯେପରିକି, ନିଯୁକ୍ତିଦାତାମାନେ ଏବେ ନାମ, ଲିଙ୍ଗ କିମ୍ବା ଜନ୍ମ ତାରିଖ ଭଳି ବିବରଣୀ ସଂଶୋଧନ କରିବା ପାଇଁ ଜେଡି ଅନୁରୋଧ ଅନଲାଇନରେ ଦାଖଲ କରିପାରିବେ। ଏହା ଭୁଲ ଆଧାର ନମ୍ବର ଲିଙ୍କ୍ ହୋଇଥିବା କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବ। ସେହିପରି ଯଦି କୌଣସି କମ୍ପାନୀ ବନ୍ଦ ଅଛି କିମ୍ବା ନିଯୁକ୍ତିଦାତା ଉପଲବ୍ଧ ନାହାନ୍ତି, ତେବେ ସଦସ୍ୟ ଶାରୀରିକ ଭାବରେ ଜେଡି ଫର୍ମ ଦାଖଲ କରିପାରିବେ। ଅଧିକୃତ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ଏହି ଫର୍ମକୁ ଜନସମ୍ପର୍କ ଅଧିକାରୀ (ପିଆରଓ) କାଉଣ୍ଟରରେ ଦାଖଲ କରାଯାଇପାରିବ, ଯିଏ ଯାଞ୍ଚ ପରେ ପ୍ରକ୍ରିୟାକରଣ ପାଇଁ ଏହାକୁ ଅପଲୋଡ୍ କରିବେ। ଅନ୍ୟପଟେ ନାବାଳକ ହିତାଧିକାରୀଙ୍କୁ ମଧ୍ୟ ଏକ ବଡ଼ ଆଶ୍ୱସ୍ତି ଦିଆଯାଇଛି। ମୃତ ସଦସ୍ୟଙ୍କ ନାବାଳକ ପିଲାମାନଙ୍କ ଦାବି ସମାଧାନ ପାଇଁ ଇପିଏଫଓ ଆଉ ଅଭିଭାବକ ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ସେହିପରି ଏକକାଳୀନ ସମାଧାନ ଏବଂ ପେନସନ ରାଶି ଉଭୟ ସିଧାସଳଖ ପିଲାର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇପାରିବ। ସରକାରଙ୍କ ପ୍ଲାଟଫର୍ମ, ଉମଙ୍ଗ ମୋବାଇଲ୍ ଆପ୍ ବ୍ୟବହାର କରି ଯେ କୌଣସି ଉପଭୋକ୍ତା ସହଜରେ ସେମାନଙ୍କର ଆଧାରକୁ ୟୁଏଏନ୍ ସହିତ ଲିଙ୍କ୍ କରିପାରିବେ।

## ସାଧାରଣ ଗଣିତ ସମାଧାନ କରିବାରେ ଏଆଇ ଫେଲ୍



ନୂଆଦିଲ୍ଲୀ,୧୭।୮: ଦିନକୁ ଦିନ ବୃଦ୍ଧି ପାଉଛି କୃତ୍ରିମ ବୁଦ୍ଧିମତାର ବ୍ୟବହାର । ଏଆଇ ଯୋଗୁ କଠିନ କାର୍ଯ୍ୟ ସହଜରେ ହେଉଛି । ଘଣ୍ଟାକର କାମ ମାତ୍ର କିଛି ସେକେଣ୍ଡରେ ହେଉଛି । ଚାଟ୍ ଜିପିଟି ଭଳି ଏଆଇ ଆପ୍ ଉପରେ ବୃଦ୍ଧି ପାଉଛି ଲୋକଙ୍କ ନିର୍ଭରଶୀଳତା। ଯଦିଓ ବଡ଼ ବଡ଼ କାମ ଏଆଇ ଚୁଟକିରେ କରିଦେଉଛି ତେବେ ଅନେକ ସମୟରେ ହାଇସ୍କୁଲର ସାଧାରଣ ଗଣିତ ସମାଧାନ କରିବାରେ ଏଆଇ ଅସମର୍ଥ । ଏନେଇ ସାଧାରଣତଃ ସମସ୍ତଙ୍କ ମନରେ ପ୍ରଶ୍ନ ଆସିଥାଏ । ଯେଉଁ କୃତ୍ରିମ ବୁଦ୍ଧିମତା କଷ୍ଟକର କାର୍ଯ୍ୟକୁ ଚୁଟକିରେ କରିଦେଉଛି, ତାହା କିପରି ଛୋଟ ଛୋଟ କାମ କରିପାରୁନାହିଁ। ଆଉ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଡିପମାଇଣ୍ଡ୍ ସିଇଓ ଡେମିସ୍ ହାସାବିସ୍ । ଏଆଇ କାହିଁକି ହାଇସ୍କୁଲ ଗଣିତ ସମାଧାନ କରିବାରେ ବିଫଳ ହେଉଛି, ତାହାର କାରଣ କହିଛନ୍ତି ସେ ।

ଗୁଗୁଲ୍ ଫର୍ ଡେଭଲପର୍ସ ପୋଡକାଷ୍ଟରେ କଥା ହୋଇ ହାସାବିସ୍ କହିଛନ୍ତି ଯେ ଗୁଗୁଲ୍‌ର ଜେମିନି ଭଳି ଉନ୍ନତ ଏଆଇ ମଡେଲ୍‌ଗୁଡ଼ିକ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିପାରିବେ, କିନ୍ତୁ ସେମାନଙ୍କୁ ହାଇସ୍କୁଲର ମୌଳିକ ଗଣିତ ପ୍ରଶ୍ନ ସମାଧାନ କରିବାରେ ଅସୁବିଧା ହୁଏ। ଏହି ଅସମାନତା ହେଉଛି ଏଆଇର ସବୁଠାରୁ ବଡ଼ ଦୁର୍ବଳତା। ଏଆଇ ଏହା କରିବାକୁ ଅସମର୍ଥ କାରଣ ଏହାର ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନ୍ସ ଦୁର୍ବଳ। ଏଜିଆଇ ହେଉଛି ସେହି ସ୍ତର ଯେଉଁଠାରେ ଏଆଇ ମଣିଷ ପରି ଚିନ୍ତା ଏବଂ ଯୁକ୍ତି କରିପାରିବ।

ସେ ଆହୁରି ବି କହିଛନ୍ତି, ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ ଏଆଇର ବର୍ତ୍ତମାନର ସ୍ଥିତିକୁ ଆର୍ଟିଫିସିଆଲ୍ ଜାଗେଡ୍ ଇଣ୍ଟେଲିଜେନ୍ସ (ଏଜେଆଇ) ବୋଲି କହୁଛନ୍ତି। ଏହାର ଅର୍ଥ ହେଉଛି ଏଆଇ କିଛି କାର୍ଯ୍ୟରେ ବହୁତ ଭଲ , କିନ୍ତୁ ଅନ୍ୟ କାର୍ଯ୍ୟରେ ଦୁର୍ବଳ ରହିଛି। ଏଆଇରେ ଏହି ଅସମାନତାକୁ ଦୂର କରିବା ପାଇଁ, କେବଳ ଡାଟା ଏବଂ କମ୍ପ୍ୟୁଟିଂ ଶକ୍ତି ବୃଦ୍ଧି କରିବା ଯଥେଷ୍ଟ ନୁହେଁ, ଏଥିପାଇଁ ଆମକୁ ଭଲ ପରୀକ୍ଷଣ ଏବଂ କଠୋର ମାନଦଣ୍ଡ ସ୍ଥିର କରିବାକୁ ପଡିବ। ଏହି ମାନଦଣ୍ଡଗୁଡ଼ିକ କହିବ ଯେ ଏଆଇ କେଉଁ କ୍ଷେତ୍ରରେ ଭଲ ପ୍ରଦର୍ଶନ କରେ ଏବଂ କେଉଁ କ୍ଷେତ୍ରରେ ନୁହେଁ।ଅନ୍ୟପଟେ ଓପନଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ମଧ୍ୟ ଏଜିଆଇ ଉପରେ ତାଙ୍କର ମତ ପ୍ରକାଶ କରିଛନ୍ତି। ସେ ପୂର୍ବରୁ କହିଥିଲେ ଯେ ଏଜିଆଇ କେବଳ ସମୟର କଥା। କିନ୍ତୁ ସମ୍ପ୍ରତି ସିଏନବିର 'ସ୍କାକ ବକ୍ସ'ରେ, ଅଲ୍ଟମ୍ୟାନ୍ କହିଛନ୍ତି ଯେ ଏଜିଆଇ ଶବ୍ଦଟି ବହୁତ ଉପଯୋଗୀ ନୁହେଁ। ପ୍ରତ୍ୟେକ କମ୍ପାନୀ ଏବଂ ବ୍ୟକ୍ତି ନିଜ ନିଜ ଉପାୟରେ ଏଜିଆଇକୁ ପରିଭାଷିତ କରନ୍ତି। ଏଜିଆଇ ଉପରେ ବିତର୍କ କରିବା ପରିବର୍ତ୍ତେ, ଆମେ ଏହାର କ୍ଷମତା ବୃଦ୍ଧି କରିବା ଜାରି ରଖିବା ଉଚିତ।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୧୮୦ ଓ ୯୨ ହଜାର ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୧୦୦ ଟଙ୍କା ହୋଇଛି।

### ଟାରିଫ ଟେନସନ

## ଭାରତୀୟ ବଜାରରୁ ମୁହଁ ମୋଡୁଛନ୍ତି ବିଦେଶୀ ନିବେଶକ

ନୂଆଦିଲ୍ଲୀ,୧୭।୮: ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଟେନସନ, ଟଙ୍କାର ମୂଲ୍ୟହ୍ରାସ ଓ କମ୍ପାନୀମାନଙ୍କର ପ୍ରଥମ ତ୍ରୈମାସିକରେ ଦୁର୍ବଳ ଫଳାଫଳ ଯୋଗୁଁ ବିଦେଶୀ ସାଂସ୍ଥାନିକ ନିବେଶକ (ଏଫଆଇଆଇ) ଭାରତୀୟ ସେୟାର ବଜାରରୁ ଲଗାତାର ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଅଗଷ୍ଟର ପ୍ରଥମ ଦୁଇ ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ପ୍ରାୟ ୨୧,୦୦୦ କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି।



**ଅଗଷ୍ଟ ପ୍ରଥମ ଦୁଇ ସପ୍ତାହରେ କାଢ଼ିନେଲେ ୨୧,୦୦୦ କୋଟି**

ଡିପୋଜିଟୋରୀ ତଥ୍ୟ ଅନୁସାରେ, ୨୦୨୫ରେ ଏପର୍ଯ୍ୟନ୍ତ ଏଫପିଆଇ ମୋଟ ୧.୧୬ ଲକ୍ଷ କୋଟି ଟଙ୍କାର ଶେୟାର ସେୟାର ଉଠାଇଛନ୍ତି। ଏଞ୍ଜେଲ ଓ୍ୱାନର ବରିଷ୍ଠ ବିଶ୍ଳେଷକ ବକାର ଜାଭେଦ ଖାନ କହିଛନ୍ତି, ଆମେରିକା ଓ ରୁଷିଆ ମଧ୍ୟରେ ତଣାଓ କମିବା ଓ ନୂଆ ପ୍ରତିବନ୍ଧକର ଅଭାବ ଯୋଗୁଁ ଭାରତ ଉପରେ ପ୍ରସ୍ତାବିତ ୨୫% ଅତିରିକ୍ତ ଶୁଳ୍କ ୨୭ ଅଗଷ୍ଟ ପରେ ଲାଗୁ ହେବାର ସମ୍ଭାବନା କମ। ଏସଏଣ୍ଡପି ଭାରତର କ୍ରେଡିଟ ରେଟିଂକୁ ବିବିବି- ରୁ ବିବିବିକୁ ଉନ୍ନୀତ କରିଛି, ଯାହା ଏଫପିଆଇ ମନୋଭାବକୁ ସୁଧାରିପାରେ। ଅଗଷ୍ଟ ୧୪ ପର୍ଯ୍ୟନ୍ତ ଏଫପିଆଇ ୨୦,୯୭୫ କୋଟି ଟଙ୍କାର ଶେୟାର ଉଠାଇଛନ୍ତି, ଜୁଲାଇରେ ୧୭,୭୪୧ କୋଟି ଟଙ୍କା ଉଠାଇଥିଲେ। ମାର୍ଚ୍ଚରୁ ଜୁନ ମଧ୍ୟରେ ସେମାନେ ୩୮ ,୬୭୩ କୋଟି ଟଙ୍କା ନିବେଶ କରିଥିଲେ। ମର୍ନିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି, ବିଶ୍ୱ ଅନିଶ୍ଚିତତା, ଭୂ-ରାଜନୈତିକ ତିକ୍ତତା ଓ ଆମେରିକୀୟ ଡଲାରର ମଜଭୂତି ଭାରତ ଭଳି ଉଭୟ ବଜାରର ଆକର୍ଷଣ କମାଇଛି।

## ଡିଜିଟାଲ କାରବାର ମଇଳା ନୋଟ୍ ଉପରେ ଲଗାଇଛି ଲଗାମ

ନୂଆଦିଲ୍ଲୀ,୧୭।୮: ଦେଶରେ ଡିଜିଟାଲ ବିପ୍ଳବ ଏବଂ ୟୁପିଆଇ କାରବାରରେ ବୃଦ୍ଧି କେବଳ ନଗଦ କାରବାରକୁ ହ୍ରାସ କରିନାହିଁ, ବରଂ ମଇଳା ଏବଂ ନଷ୍ଟ ନୋଟ ସଂଖ୍ୟାକୁ ମଧ୍ୟ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଗତ ବର୍ଷକ ମଧ୍ୟରେ ଏପରି ନୋଟ ସଂଖ୍ୟା ପ୍ରାୟ ୪୧ ପ୍ରତିଶତ ହ୍ରାସ ପାଇଛି।

ପୂର୍ବରୁ ପ୍ରାୟତଃ ଦେଖାଯାଉଥିଲା ଯେ, ଲୋକମାନେ ନୋଟରେ ଅନାବଶ୍ୟକ ଜିନିଷ ଲେଖିଥାନ୍ତି, ଏପରିକି ମୋଡ଼ିକି ନୋଟ୍‌କୁ ରଖିଥାନ୍ତି କିମ୍ବା ସଠିକ୍ ଭାବରେ ବ୍ୟବହାର କରୁନଥିଲେ। ଏହି କାରଣଗୁଡ଼ିକ ଯୋଗୁଁ ନୋଟ ଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଉଥିଲା। କିନ୍ତୁ ବର୍ତ୍ତମାନ ଡିଜିଟାଲ ପେମେଣ୍ଟ ପ୍ରତି ବଢୁଥିବା ଚାହିଦା, ଲୋକଙ୍କ ସଚେତନତା ଏବଂ କେନ୍ଦ୍ରୀୟ ବ୍ୟାଙ୍କର କଡା ନିୟମ ଏହି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରିଛି। ଆରବିଆଇ ପ୍ରତିବର୍ଷ ବଜାରରୁ ନଷ୍ଟ ନୋଟ୍ ବାହାର କରିଥାଏ। ଏପ୍ରିଲ୍ ରୁ ଜୁଲାଇ ୨୦୨୪ ମଧ୍ୟରେ ମୋଟ ୮.୪୩ ବିଲିୟନ ନୋଟ୍ ଫେରାଇ ନିଆଯାଇଥିଲା, ୨୦୨୫ ରେ ସମାନ ସମୟ ମଧ୍ୟରେ ଏହି ସଂଖ୍ୟା ୫.୯୬ ବିଲିୟନକୁ ହ୍ରାସ ପାଇଥିଲା। ଯଦି ଆମେ ବିଭିନ୍ନ ମୂଲ୍ୟ ବିଷୟରେ କଥା ହେବା, ତେବେ ୨୦୨୪ ଏପ୍ରିଲରୁ ଜୁଲାଇ ମଧ୍ୟରେ ୫୦୦ ଟଙ୍କାର ୩.୧୦ ବିଲିୟନ ନୋଟ୍, ୨୦୦ ଟଙ୍କାର ୮୫.୬୩ କୋଟି, ୧୦୦ ଟଙ୍କାର ୨.୨୭ ବିଲିୟନ ଏବଂ ୫୦ ଟଙ୍କିଆ ୭୦ କୋଟି ନଷ୍ଟ ନୋଟ୍ ବାହାର କରାଯାଇଥିଲା। ସମାନ ସମୟ ମଧ୍ୟରେ ୨୦୨୫ ରେ ୫୦୦ ଟଙ୍କାର ୧.୮୧ ବିଲିୟନ ନୋଟ୍, ୨୦୦ ଟଙ୍କାର ୫୬.୨୭ କୋଟି, ୧୦୦ ଟଙ୍କାର ୧.୦୭ ବିଲିୟନ ଏବଂ ୫୦ ଟଙ୍କାର ୬୫ କୋଟି ନୋଟ୍ ପ୍ରଚଳନରୁ ବାହାର କରାଯାଇଥିଲା। ଏହି ସଂଖ୍ୟାଗୁଡ଼ିକରୁ ସ୍ପଷ୍ଟ ଯେ ଡିଜିଟାଲ୍ କାରବାର ଯୋଗୁଁ ନଗଦ ନୋଟ୍ ବ୍ୟବହାର ହ୍ରାସ ପାଉଛି। ଏହା କେବଳ ମଇଳା ଏବଂ ପୁରୁଣା ନୋଟ୍ ସଂଖ୍ୟା ହ୍ରାସ କରିନାହିଁ, ବରଂ ଅର୍ଥନୀତିରେ ନଗଦ ଉପରେ ନିର୍ଭରଶୀଳତା ମଧ୍ୟ ନିରନ୍ତର ହ୍ରାସ ପାଉଛି। ଆଗାମୀ ସମୟରେ ଏହି ଧାରା ଦ୍ରୁତ ଗତିରେ ବଢ଼ିପାରେ।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



### ବିରଳ ଖଣିଜ ଖେଳରେ ଚୀନ ହେବ ଫେଲ୍

## ଭାରତରେ ମିଳିଲା ରେୟାର ଆର୍ଥ ମେଟାଲ୍ସର ବଡ଼ ଖଣି

ନୂଆଦିଲ୍ଲୀ, ୧୭।୮: ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ଚୀନର ଦବଦବାକୁ କମ୍ କରିବା ଦିଗରେ ବଡ଼ ପଦକ୍ଷେପ ନେଉଛି ଭାରତ । ଦେଶରେ ଅନେକ ସ୍ଥାନରେ ରେୟାର ଆର୍ଥ ମ୍ୟାଟେରିଆଲର ଖୋଜ ଜାରି ରହିଛି। ଏହାରି ମଧ୍ୟରେ ଭାରତ ହାତରେ ଲାଗିଛି ଏକ ବଡ଼ ସଫଳତା। ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ରେୟାର ଆର୍ଥ ଏଲିମେଣ୍ଟସର ଏକ ବଡ଼ ଭଣ୍ଡାର ମିଳିଥିବା ନେଇ ଦାବି କରାଯାଉଛି। ଏମିତିରେ ଆଶା କରାଯାଉଛି ବିରଳ ଖଣିଜ ପାଇଁ ଚୀନ ଉପରେ ନିର୍ଭରତା କମ୍ କରିବାର ଏହା ଏକ ଭଲ ସୁଯୋଗ ହୋଇପାରିବ। ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁସାରେ ଜୁନ୍‌ରେ ଖଣିଜ ମନ୍ତ୍ରଣାଳୟ ଏକ ରିପୋର୍ଟ ଜାରି କରିଥିଲା। ଯେଉଁଥିରେ ଏହି କ୍ଷେତ୍ରରେ ନୟୋଡିମିୟମ ବିପୁଳ ମାତ୍ରାରେ ଥିବା କଥା କୁହାଯାଇଛି। ନିୟୋଡିମିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହାର ବ୍ୟବହାର ଇଲେକ୍ଟ୍ରିକ୍ ଗାଡ଼ି, ଆଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ମ୍ୟାଗ୍ନେଟ୍ ତିଆରି କରିବାରେ କରାଯାଇଥାଏ। ଏହି ଧାତୁର ବର୍ତ୍ତମାନ ବିଶ୍ୱ ବଜାରରେ ଅତ୍ୟଧିକ ଚାହିଦା ରହିଛି। ବିଶେଷକରି ସେହି ସମୟରେ ଯେତେବେଳେ ସବୁ ଦେଶ ଇଲେକ୍ଟ୍ରିକ ଗାଡ଼ି ଏବଂ ଗ୍ରୀନ ଟେକ୍ନୋଲୋଜି ଆଡ଼କୁ ବଢ଼ୁଛି।



ଯଦି ପାପୁମ ପାରେ ଅଞ୍ଚଳରେ ଏହି ଧାତୁକୁ ବାହାର କରିବା କାମ ଆରମ୍ଭ ହୁଏ, ତେବେ ଦେଶର ଅନେକ ପ୍ରମୁଖ ସହର ଯେପରିକି ଗୁଡଗାଓଁ, ପୁନେ ଏବଂ ଚେନ୍ନାଇରେ ଇଲେକ୍ଟ୍ରିକ୍ ଗାଡ଼ି ଏବଂ ଅଟୋମୋବାଇଲ ଉଦ୍ୟୋଗକୁ ବଡ଼ ବୁଷ୍ଟ ମିଳିପାରେ। ସେହିଭଳି ଆସାମର କାର୍ବି ଆଙ୍ଗଲୋଙ୍ଗ ଏବଂ ମେଘାଳୟର ସୁଙ୍ଗ ଘାଟୀରେ ମଧ୍ୟ ପ୍ରଚୁର ରେୟାର ଆର୍ଥ ଏଲିମେଣ୍ଟସ ମଳିଛି। ଏହା ବାଦ ମଧ୍ୟ ପ୍ରଦେଶର ସିଙ୍ଗରୋଲୀ କ୍ଷେତ୍ରରେ ମଧ୍ୟ ବିରଳ ଖଣିଜର ସଙ୍କେତ ମିଳିଛି। ଭାରତ ପାଇଁ ଏହି ଖୋଜ ଖୁବ୍ ମହତ୍ୱପୂର୍ଣ୍ଣ କାରଣ, ଚୀନ ଉପରେ ରେୟାର ଆର୍ଥ ମ୍ୟାଟେରିଆଲ ପାଇଁ ନିର୍ଭରତା ରହିଆସିଛି। ଭାରତର ପ୍ରାୟ ୮୫-୯୦% ବିରଳ ଖଣିଜ ଚୀନରୁ ଆମଦାନୀ ହେଉଛି। ଅବଶ୍ୟ ଏବେ ଏହି ନୂଆ ଭଣ୍ଡାର ମିଳିବା ଦ୍ୱାରା ଭାରତକୁ ଏହି ଧାତୁର ଚାହିଦା ପୂରଣ ଦିଗରେ ଆତ୍ମନିର୍ଭର ହେବାକୁ ଅବସର ମିଳିପାରେ। ଏହାଦ୍ୱାରା ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା ସହ ଦେଶର ପ୍ରଯୁକ୍ତି ଏବଂ ଔଦ୍ୟୋଗିକ ବିକାଶରେ ମଧ୍ୟ ସାହାଯ୍ୟ ହେବ। ଆଉ ଭାରତ ଉପରେ ଚୀନର ଯୋଗାଣ ନୀତିର ମଧ୍ୟ ପ୍ରଭାବ ପଡ଼ିବ ନାହିଁ କି' ଭବିଷ୍ୟତରେ ଯୋଗାଣରେ କୌଣସି ପ୍ରକାର ବାଧାର ସୃଷ୍ଟି ହେବନାହିଁ।

ସୂଚନାଯୋଗ୍ୟ, ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ ଉତ୍ପାଦନରେ ଭାରତର ଭାଗ ପ୍ରାୟ ୧%ରୁ ମଧ୍ୟ କମ୍। ଅନ୍ୟପଟେ ଚୀନ୍ର ୭୦ ବିରଳ ଖଣିଜର ଉତ୍ପାଦନ ଏବଂ ୯୦% ପ୍ରକ୍ରିୟାକରଣ କରିବା କ୍ଷମତା ରହିଛି। ତେଣୁ ଏହି ଅସନ୍ତୁଳନକୁ ଦେଖି ଭାରତକୁ ନିଜର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ପଦକ୍ଷେପ ନେବାକୁ ହେବ ।ଯେପରି ଚୀନ ଉପରେ ନିର୍ଭରତା ସମ୍ପୂର୍ଣ୍ଣ ଭାବରେ ଶେଷ କରିହେବ। ଅବଶ୍ୟ ଆଗାମୀ କିଛି ବର୍ଷରେ ଯଦି ଭାରତ ଏହି ଦିଗରେ ଦ୍ରୁତ ଭାବରେ ପଦକ୍ଷେପ ନେଉଛି, ତେବେ ସମଗ୍ର ଦୁନିଆରେ ବିରଳ ଖଣିଜ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇପାରିବ।

## ୟୁକୋ ବ୍ୟାଙ୍କର ଲୋଚାପଡ଼ା ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୮: ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଲୋଚାପଡ଼ା ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ଆଭାସୀ ମାଧ୍ୟମରେ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ତଥା ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂ ଏବଂ ଲୋଚାପଡ଼ା ଶାଖାର ଶାଖା ପରିଚାଳକ ସୁମନ ପରିଡ଼ା ଉପସ୍ଥିତ ଥିଲେ। ୟୁକୋ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଏବଂ ଗ୍ରାହକମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।



## ଜେଫ୍ ବେଜୋସ୍‌ଙ୍କ ମା'ଙ୍କ ପରଲୋକ



ୱାସିଂଟନ, ୧୭।୮: ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ମା' ଜ୍ୟାକଲିନ୍ ବେଜୋସଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ମା'ଙ୍କ ମୃତ୍ୟୁ ସଂପର୍କରେ ନିଜେ ଜେଫ୍ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ଆବେଗପୂର୍ଣ୍ଣ ପୋଷ୍ଟ୍ କରିଛନ୍ତି। ଜେଫ୍‌ଙ୍କ ପୋଷ୍ଟ୍ ଉପରେ ତାଙ୍କ ପତ୍ନୀ ଲାଉରେନ୍ ସାଞ୍ଚେଜ ବେଜୋସ୍ ମଧ୍ୟ ମତ ରଖିଛନ୍ତି। ୧୯୪୬ ମସିହା ଡିସେମ୍ବର ୨୯ରେ ଜ୍ୟାକଲିନ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୧୭ ବର୍ଷ ହୋଇଥିବାବେଳେ ତାଙ୍କର ପ୍ରଥମ ସନ୍ତାନ ଜେଫ୍ରି ଜନ୍ମ ହୋଇଥିଲେ। ସେତେବେଳେ ସେ ହାଇସ୍କୁଲରେ ପଢୁଥିଲେ। ତାଙ୍କ ସ୍ୱାମୀ ଟେଡ୍ ଜୋରଗେନସେନ ଥିଲା। ତେବେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେ ମିଗୁଏଲ ମାଇକ୍ ବେଜୋସଙ୍କୁ ବିବାହ କରିଥିଲେ।



## ଆସମାନ ତାରା ଶଙ୍ଖା

ଡ.ଚନ୍ଦ୍ରକଳା ନାୟକ

ଗହମ ରଙ୍ଗର ହାତରେ ହଳଦିଆ
ଆସମାନ ତାରା ଶଙ୍ଖା ଦିପଟ
ତା ଭିତରେ ଝଟକି ଉଠୁଛି
ଛପନ ବର୍ଷର ଦାମ୍ପତ୍ୟ ଜୀବନଟା।
ଦୁଃଖ ଅଭାବ ପଥରେ
ବହୁମୂଲ୍ୟ ସମ୍ପତ୍ତି ତାର
ସେ ଶଙ୍ଖାଟିଏ
ଠିକ ସୂର୍ଯ୍ୟଙ୍କ ପରି ଝଲସୁଛି ସତ
ହେଲେ ମୋ ଯେଉଁସାଥୀ ହାତରେ
ସେ ଦାଉ ଦାଉ ହୋଇ ଚମକୁଛି।
ସେ ଶଙ୍ଖା ଦିଶା କାଳେ
ଚକମକ କରେ ତା ସଧବା ପଣରେ
ଆଉ ସାଥୀରେ ମୋ
ଯେଉଁଙ୍କର ଆୟୁଷଟା ବି
ଲମ୍ବିଯାଏ କାହିଁ କେତେ ଦୂର
ଦୂର ପାଟବିଲ, ଧାନକ୍ଷେତ
ବେଉସ୍ତଳ ହେଉଥିବା
ହଳିଆଙ୍କ ଭିତରେ।
ନିଅଁଆ ପଣରେ ପରିବାରଟା
ନିଛତି ଡହଳ ବିକଳ କରେ
ମନର ଦୁଃଖ ଘୋଟିବାକୁ
ଛାନ୍ଦୁ ପଦେ,
ପୁଣି ଚଉପଦୀ ବି ଗାଏ
ବେଳେବେଳେ ଗୁଙ୍ଗୁରେ
ଶବ୍ଦ ବି ଶୁଭେ।
ମୋ ଯେଉଁସାଥୀ ସବୁ ସହି
ବଜ୍ର ପାଲଟେ
ଭାଗ୍ୟକୁ ବି ନିନ୍ଦେ
ପଣତ କାନିରେ ଦେହ ଆଉଁସେ
ହେଲେ ସବୁ ପରେ
ଶଙ୍ଖା ଦିଶା ଯେମିତି ତା ଗଣ୍ଠି ଧନ
ଆଉ ତା ଅଳ ସୁଲକ୍ଷଣି
ହେବାର ରାସ୍ତା।
ଏକୁଟିଆ ଥିଲା ବେଳେ ସେ
ଯେଉଁଙ୍କୁ ଦେଖେ
ସେଇ ଶଙ୍ଖା ଭିତରେ
ଦମ୍ଭ ଧରେ,
ନିରେଖି ଦେଖି କଣେଇ
ଲାଜେଇ ହସିଦିଏ
ସେଇ ଶଙ୍ଖା ଦିପଟ କାଳେ
ତା ଜୀବନର ଶେଷ ସବୁଜ।
ତା ଧୁକୁ ଧୁକୁ ପାରିଲା ଗାଲରେ
ସଧବା ପଣଟା
ଉଜୁଳି ଆସି ଦିନରାତି
ଦିହୁଙ୍କୁ ଡାକେ
ତା ଶେଷ ଯାତ୍ରା ଯାଏ
ଏମିତି ହାତ ଦିଟାରେ
ଆସମାନ ତାରା ଶଙ୍ଖା
ଦାଉ ଦାଉ ହୋଇଥାଉ
ଶ୍ମଶାନକୁ ସଜେଇ ହେବାକୁ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ ଯାଜପୁର,
ମୋ-୯୪୩୭୯୫୬୭୬୭



# ଅବ୍ୟକ୍ତ ସ୍ୱରଲିପି

ଡଃ ତାନଶ୍ରୀ ପାଣିଗ୍ରାହୀ





ସୀମାହୀନ ନୀଳ ବିସ୍ତୃତ ଆକାଶରେ ପକ୍ଷ ବିସ୍ତାରି ଉଡିବାର ସ୍ୱପ୍ନ କେଉଁ ବିହଙ୍ଗର ବା ନ ଥାଏ... କିନ୍ତୁ ଆହତ ବିହଙ୍ଗଟି... ନିଜଭିତରେ ନିଜ ସ୍ୱପ୍ନକୁ ସାକାର କରିବାର ଅଭିଳାଷ ନେଇ କେବଳ ଛଟପଟ ହେବା ବ୍ୟତୀତ କିଛି ଉପଚାର ନ ଥାଏ ତା ପାଖରେ... ଭଗ୍ନମନସ୍କତା ଭିତରେ ଆନ୍ଦୋଳିତ ହୁଏ ସ୍ୱାଧୀନତାର ସ୍ୱପ୍ନରାଜି... ଆଜି ଠିକ ସେହିପରି ଆଶାର ମନ ଭିତରେ ପୂର୍ବ ସ୍ମୃତିସବୁ ଭାସି ଆସୁଛି...

ପ୍ରଥମ ଦେଖାରେ ଆକାଶର ମିଠା ମିଠା କଥା... ମାର୍ଜିତ ବ୍ୟବହାର, ଅପରୂପ ଚେହେରାଚେହେରା... ଆକର୍ଷିତ କରିଥିଲା ଆଶାକୁ...ସେଦିନ ଥିଲା ବର୍ଷାଋତୁର ଏକ ସନ୍ଧ୍ୟା.... ମେସରୁ ଚାଲି ଚାଲି ଯାଉଥିଲା ବସଷ୍ଟାଣ୍ଡ... ଆସିଲା ପ୍ରବଳ ବର୍ଷା ଭିଜିଗଲା... ପଛରୁ ବାଇକରେ ଆସୁଥିବା ଯୁବକ ଜଣକ ଆସି ଅଟକି ଗଲେ ଆଶା ପାଖରେ... ପଚାରିଲେ ବର୍ଷାରେ ଏମିତି ଭିଜି ଭିଜି...କୁଆଡ଼େ ଯିବେ... ?

ବସଷ୍ଟାଣ୍ଡ...

ଯଦି କିଛି ନ ଭାବିବେ ତାହାଲେ ବସନ୍ତୁ...

ମୁଁ ନେଇ ଛାଡିନେବି...

କିଛି ଉତ୍ତର ନ ଦେଇ ବସିଥିଲା ଆକାଶର ବାଇକରେ... ବସଷ୍ଟାଣ୍ଡ ପହଂଚିବା ବେଳକୁ ବର୍ଷା ଛାଡି ଯାଇଥିଲା... ବର୍ଷାର ମିଠା ମିଠା ମହକରେ ଓଦା ଓଦା ସ୍ପର୍ଶରେ ପରସ୍ପର ଆକର୍ଷିତ ହୋଇଥିଲେ ସେହି ମୁହୂର୍ତ୍ତରେ... ପରସ୍ପର ଫୋନ ନମ୍ବର ପାଖରେ ରଖିଥିଲେ...

ସେହି ଦିନଠୁ ଆକାଶ ଓ ଆଶା ଅଧିକରୁ ଅଧିକ ନିକଟ ହୋଇ ଉଠିଲେ... ପ୍ରତିଦିନ ଫୋନରେ କଥା ନ ହେଲେ ଦୁହିଁଙ୍କୁ ଭଲ ଲାଗେନା ...ଦୁହିଁଙ୍କ ମନ ଏକ... ବେଦନାର ଅନୁଭବ ବି ସମାନ... ଆକାଶ ବୁଝିପାରନ୍ତି ଆଶାର ନିରୀହ ଶବ୍ଦମାନଙ୍କୁ... ପ୍ରତ୍ୟେକ ମାସରେ ଦୁହେଁ ଦୁହିଁଙ୍କୁ ଦେଖା କରନ୍ତି...

ମନେପଡେ ସେ ଦିନର ସେହି ଆଦ୍ୟ ବୈଶାଖର ଅପରାହ୍ନଟା କେମିତି ମାଡି ମାଡି ପଡୁଛି... ଆକାଶରେ ଅଦିନିଆ ମେଘର ଧୂସର ଓଢଣୀ... ଚପଳାର ବକ୍ରରେଖା ତା ଦେହରେ ଟାଣିଗଲା ବେଳକୁ ଘୁମ ଘୁମ ଗର୍ଜନ ବି ରହି ରହି ଗୁମୁରି ଉଠିଲା... ଆଶା ଡରରେ ଆକାଶକୁ ଜଡ଼ାଇ ଧରି ଭୟରେ ଥରୁଥିଲା... ଆଶାର ସ୍ପର୍ଶରେ ଆକାଶ ଦେହରେ ଅଜଣା ଶିହରଣ ଖେଳିଗଲା... ଆଶାର ମୁହଁ ଲାଜରେ ଲାଲ ପଡି ଯାଇଥିଲା... ଆକାଶର ମୃଦୁ ଚୁମ୍ବନରେ...

ଆକାଶକୁ ଠେଲି ଦେଇ କହିଲା ଆଶା କହିଲା... ଇସ କି ଦୁଷ୍ଟ ତମେ...

ଆକାଶ ଶୁଣୁଥିଲା ଯାହାର କଣ୍ଠସ୍ୱର ଏତେ ଲଳିତ... ମନଲୋଭା... ଚକ୍ଷୁଦ୍ୱୟ ଅନୁପମ... ରମ୍ଭା ମେନକା ବି ତା ଆଗରେ ଫିକା ପଡିଯିବେ...

ଆକାଶର ଏମିତି ଚାହାଣିରେ... ଆଶା ବାଧା ଦେଇ କହିଲା... ଏ କଣ ଭାବୁଛ...

ନାଇଁ କିଛି ନାହିଁ... ତୁମେ ମୋତେ କେବେ ଭୁଲି ଯିବନି ତ... ତୁମକୁ ଜୀବନ ସାଥୀ ରୂପେ ନ ପାଇଲେ ମୁଁ ପାଗଳ ହୋଇଯିବି ଆଶା ... ଏ କୁହନା..

ଦୁହିଁଙ୍କ ଆଖିରେ ମିଳନର ଆକାଂକ୍ଷା... ପାଖରେ ଠାକୁରାଣୀ ମନ୍ଦିରର ସିନ୍ଦୁର ଆଣି ଆଶାର କପାଳରେ ଲଗାଇ ଦେଲା ଆକାଶ ... ଆଜିଠାରୁ ତୁମେ ମୋ ସ୍ତ୍ରୀ... ଆମ ଘରେ ଜଣାଇ ଶୀଘ୍ର ମୁଁ ମୋ ରାଣୀ ସଜାଇ ନେଇଯିବି... ଏବେ ତମେ ଖୁସି ତ... ଆଶା ଆକାଶର ପାଦ ଛୁଇଁ ପ୍ରଣାମ କଲା... ଈଶ୍ୱରଙ୍କୁ ଶତ ଧନ୍ୟବାଦ ଦେଲା... ଆକାଶ ଭଳି ଜୀବନ ସାଥୀ ପାଇ...

ଓଏଏସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥାଏ ଆକାଶ ... ଆଶା ତାର +3 ଶେଷ ବର୍ଷର ବିଜ୍ଞାନ ଛାତ୍ରୀ ନିଜ ପଢା ପ୍ରତି ଧ୍ୟାନ ରଖି ମଧ୍ୟ ପ୍ରତି ମୁହୂର୍ତ୍ତରେ ଉତ୍ସାହିତ କରୁଥାଏ ଆକାଶକୁ.... ତାର ଦେହ, ଖାଇବାପିଇବା...ଭଲ ମନ୍ଦ ବୁଝେ...

ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଆକାଶ ..

ବହୁତ ଖୁସି ହେଲା ଆଶା ... ଫାଇନାଲ ପରୀକ୍ଷା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଲା ତା ହୃଦୟର ସାଥୀ ପାଇଁ...

ଓଏଏସ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲା ଆକାଶ ... ଏବେ କିନ୍ତୁ ବହୁତ ପରିବର୍ତ୍ତନ ହୋଇଛନ୍ତି ଆକାଶ ... ଆଗ ଭଳି ପ୍ରତିଦିନ କଥା ନାହିଁ... ପାଞ୍ଚ ଛଅ ଦିନରେ କଥା... ପୁଣି ଅଳ୍ପ ସମୟ... ବ୍ୟସ୍ତ କହି ଫୋନ କାଟି ଦେଉଛନ୍ତି...ଏହା ଭିତରେ ମାସଟିଏ ବିତି ଯାଇଛି... ଦିନେ ମେସେଜଟିଏ ଆକାଶ ପାଖରୁ ଆସିଲା... ଆଶା ତୁମେ ବିଶ୍ୱାସ କର...ମୁଁ ତୁମକୁ ହୃଦୟ ଦେଇ ଭଲ ପାଏ... ହେଲେ ମୋ ବାପାମାଆ ମୋ ବାହାଘର ଆଉ ଜଣେ ଝିଅ ସହିତ ଠିକ କରିଛନ୍ତି...ମୋତେ କ୍ଷମା କରିଦେବ ଆଶା ...

ପାଦ ତଳରୁ ମାଟି ଖସିଗଲା ଆଶାର ...ପାଖରେ ସାଇତି ରଖିଥିବା ଆକାଶର ଫଟୋକୁ ଚାହିଁ ଅଶ୍ରୁରେ ଭିଜାଇ ଦେଲା... ଏ... ତୁମ ମନରେ ଯଦି ଏହା ଥିଲା... ମୋତେ ଏତେ ଭଲ ପାଉଥିଲ କାହିଁକି... ? ମୋ ମଥାରେ ସେଦିନ ଠାକୁର ସିନ୍ଦୁର ଦେଇ ଜୀବନ ସାଥୀ କରିବାର ପ୍ରତିଶ୍ରୁତି ଦେଉଥିଲ କାହିଁକି... ମୋତେ ତୁମେ କେମିତି ଭୁଲି ଗଲ ଆକାଶ ...ଏ ଜନ୍ମ କଣ ସାତ ଜନ୍ମ ପାଇଁ ତୁମକୁ ଅପେକ୍ଷା କରିଥିବି...

ମୁଣ୍ଡ ପିଟି କାନ୍ଦୁଥିଲା ଆଶା ... ଏକ ଛୋଟ ଅବୋଧ ଶିଶୁ ପରି...ତାର କରୁଣ କ୍ରନ୍ଦନ ଭିତରେ ବାରମ୍ବାର ଆନ୍ଦୋଳିତ ହେଉଥାଏ...

ଏତେ କଥା... ଏତେ ପ୍ରତିଶ୍ରୁତି... ଠାକୁରଙ୍କ ସିନ୍ଦୁର ଦେଇ ସ୍ତ୍ରୀ ବୋଲି କହି ସାରିଲା ପରେ ଶେଷରେ ମୋତେ ଭୁଲିଗଲ ନାଁ... ?

ଏ ଥିଲା ଆଶା ଅବ୍ୟକ୍ତ ସ୍ୱରଲିପି... ||

ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର



## ଜନ୍ମାଷ୍ଟମୀ

ଠକ୍କୁର ମନୋରଞ୍ଜନ ବିଷୋୟୀ

ତୁମ ଜନ୍ମ ବେଳେ
ମାଆ ଦେବକୀ ମନରେ
ଅନେକ ବେଦନା।
କାରଣ ତାଙ୍କ ଶୁଣୁଥିଲା
ଆଗରୁ ହରାଇଥିବା
ପୁତ୍ରମାନଙ୍କର
କରୁଣ କାନ୍ଦଣା।
ହେଲେ ତୁମ ଆଗମନ
କଥା ଭାବି ସହିଥିଲେ
ପ୍ରସୂତି ବେଦନା।
ଆଉ ମାମୁ କଂସ କବଳରୁ
ତୁମ ମୁକ୍ତି ପାଇଁ
ବାପା ବସୁଦେବ କରୁଥିଲେ
ଗଭୀର ନିଶାର୍ଦ୍ଧରେ
କାତର ପ୍ରାର୍ଥନା।
ତୁମ ଆଗମନ ପରେ
ବିଶ୍ୱାସର ବୋଝ ବୋହି
କାରାଗାରରୁ ବାହାରିଲେ
ତୁମକୁ ସାଥେ ଧରି
ପାଦେ ପାଦେ ଭୋଗି ଯନ୍ତ୍ରଣା।
ସେପଟେ ଗୋପପୁରରେ
ତୁମକୁ ପାଇବା ଲାଗି
ଅନେକ ସମ୍ଭାର ନେଇ
ପ୍ରତୀକ୍ଷାମାନ
ମାଆ ଯଶୋଦା ମନ
ହୁଏ ଆନମନା।
ହେଲେ ସକଳ ଦୀର୍ଘଶ୍ୱାସର
ସମୂହ ଶକ୍ତିରେ
କିପରି ସୃଷ୍ଟି ହୁଏ ଝଡ଼
ତାହା ବୁଝି ପାରୁଥିଲା
ମଥୁରାରେ କଂସ
ପୁତ୍ର ସନ୍ତାନ ପ୍ରତିବଦଳରେ
ଦେଖି ବିଜୁଳି କନ୍ୟା।
କିନ୍ତୁ ତୁମ ଆଗମନେ
ଶୁଣିବାକୁ ବଂଶୀସ୍ୱନ
କାନଡେରି ସ୍ୱପ୍ନ ଦେଖେ
ଉଜାଣି ଯମୁନା।
କାରଣ ତୁମେ ଅଟ
ଶାଶ୍ୱତ ସୁନ୍ଦର
ଅନ୍ଧାର ଜୀବନପଥେ
ଆଲୁଅର ଧାର
ତୁମର ସ୍ୱାଗତ ଲାଗି
ଗୋପପୁରେ ଚାଲିଛି
ଉତ୍ସବ ଯୋଜନା।

ଦାମୋଦରପୁର, ଗଞ୍ଜାମ
ମୋବାଇଲ: ୮୮୯୫୪୧୬୨୬୭



# ଶେଷରେ ତୁମେ ହାରିଗଲ

ନିବେଦିତା ପଣ୍ଡା





ବିଦ୍ରୋହ କରିଉଠୁଥିଲା ପ୍ରତ୍ୟେକଙ୍କର ମନ ସୌମ୍ୟାର ମୃତ୍ୟୁ ଖବର ଶୁଣି । ମୃତ୍ୟୁ ତ ନୁହେଁ ଇଚ୍ଛା ମୃତ୍ୟୁ। ନିର୍ଯ୍ୟାତିତା ମନର କିଛି ଛାପ ତା ଡାଇରୀରୁ ମିଳିଥିଲା।ସେହି ବାକ୍ୟ ଗୁଡିକ ସମସ୍ତଙ୍କ ହୃଦୟତନ୍ତ୍ରୀକୁ ଥରାଇ ଦେଉଛି ନିଶ୍ଚୟ। ଯେଉଁଥି ପାଇଁ ସମାଜ କହୁଥିଲା ଶେଷରେ ତୁମେ ହାରିଗଲ ନା ?ନିଷ୍ପାପ ପବିତ୍ର ହୃଦୟ,କେତେ ସ୍ୱପ୍ନ, ଥିଲା ତୁମ ଭିତରେ। କିନ୍ତୁ କଣ ହେଲା ତାର ପରିଣତି? ହାରିଗଲ ନିଃସହାୟ ଭାବରେ।ଅନେକ ସମସ୍ୟାର ଜାଲରେ ଛନ୍ଦି ହୋଇଗଲ ଏମିତି ଭାବରେ ଯେ ମୁକୁଳିବା ରାସ୍ତା ସବୁଆଡୁ ବନ୍ଦ ହୋଇଗଲା। ସହାନୁଭୂତି ବଦଳରେ ମିଳିଲା ଅନେକ କାହିଁ ଟାପରା।

ଝିଅଟିଏ ହୋଇଥିବାରୁ ତୁମେ ଲଢି ପାରିଲ ନାହିଁ। ବାପା ତୁମର ସାଙ୍ଗ ଭାବି ଯାହାକୁ ତୁମ ଦାୟିତ୍ୱ ସମର୍ପି ଦେଇଥିଲେ ସେ ରକ୍ଷକ ହେବ କଣ ତୁମ ପାଇଁ ଭକ୍ଷକ ସାଜି ନିର୍ଯାତନା ଦେଇ ଚାଲିଲା ବିଭିନ୍ନ ବାଟରେ।ଯାହା ତୁମର ଉଚ୍ଚ ଶିକ୍ଷାର ପଥରେ ଅନ୍ତରାୟ ସୃଷ୍ଟିକଲା। ସମ୍ମାନ ବଞ୍ଚାଇବା ପାଇଁ , ଇଜ୍ଜତ ରକ୍ଷା କରିବାକୁ ଯାଇ ନିଜକୁ ବଳିଦେଲ ଓ ଆଉ ଏକ ଜନ୍ମ ପାଇଁ ବାକି ରହିଲା ତୁମର ଉଚ୍ଚାଭିଳାଷ।

ପବିତ୍ରତା ଏହି ଭାବ ତୁମ ମନର ନିର୍ମଳ ଓ ଶୁଦ୍ଧତାକୁ ବୁଝାଏ ମୋଟାମୋଟି ଭାବରେ। ଈଶ୍ୱର ଦତ୍ତ ଏକ ମହନୀୟ ଗୁଣ। ଏହାର ଅଧିକାରୀ କେବଳ ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବ। ପ୍ରକୃତି ଆଉ କୌଣସି ଜୀବଙ୍କ ପାଖରେ ଏହା ମିଳେ ନାହିଁ। ଯେଉଁ ଗୁଣ ପାଇଁ ମାନବ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରେ। ତଥାପି ସବୁବେଳେ ନାରୀକୁ ଏ ସମାଜ ଅଲଗା ନଜରରେ ଦେଖେ। ନାରୀଟିଏ ପ୍ରେମ ପାଖରେ ବି ହାରିବା ନଜିର ବହୁତ ରହିଛି।ନାରୀ ଯଦି ଭଗବାନଙ୍କୁ ପ୍ରେମକରେ,ସେ ହୋଇଯାଏ ପୂଜାରିଣୀ। ନାରୀ ଯଦି ଅନ୍ୟ ଗୋଟିଏପୁରୁଷଙ୍କୁ ପ୍ରେମ କରେ,ସେ ହୋଇ ଯାଏ ବ୍ୟଭିଚାରିଣୀ।

ନାରୀ ଯଦି ପ୍ରେମିକା ଟିଏ ହୋଇଯାଏ, ସେ ହୋଇଯାଏବାରଙ୍ଗନା, ନାରୀ ଯଦି ଖଣ୍ଡା ତରବାରି ହାତରେ ଧରେ,ସେ ହୋଇଯାଏବିରଙ୍ଗନା।

ନାରୀ କଲ୍ୟାଣୀ।ଯେଉଁ ନାରୀ ମାତୃ ରୂପେ ପୂଜିତା,ସେ ପୁଣି ପ୍ରେମିକା ରୂପରେ ଅବାଞ୍ଛିତା। ସେଇ ନାରୀ ପ୍ରେମିକାରୁ ଯଦି ପତ୍ନୀ ହୋଇଯାଏ , ତାକୁ ସମାଜ ସସମ୍ମାନେ ଗ୍ରହଣ କରିନିଏ।ସମାଜ ତାକୁ ସ୍ତ୍ରୀର ଅଧିକାରଦିଏ।ତାକୁ ମାତୃତ୍ୱ ର ଅଧିକାରମିଳେ ,ଦୁନିଆର ସବୁ ଯାକର ଅଧିକାରର ସେ ହୋଇ ଯାଏ,ଅଧିକାରିଣୀ।।ପ୍ରେମିକା ଟିଏ,ତାକୁ ସବୁବେଳେ ଅପମାନ,ଲାଞ୍ଛନା ,ଆଉ ଘୃଣାର ଶିକାର ହେବାକୁ ପଡିଥାଏ।ସେ ତାର ଅଧିକାର ପାଇଁ କେବେ ସ୍ୱର ଉତ୍ତୋଳନ କରିପାରେ ନାହିଁ।ତାକୁ ଆମ ସମାଜସବୁବେଳେ ପ୍ରତ୍ୟାଖ୍ୟାନ କରି ଆସିଛି। ସେ କଣ ନାରୀ ନୁହେଁ? ସେ କଣ କଲ୍ୟାଣୀ ନୁହେଁ? ପ୍ରେମିକାର ହୃଦୟ କଣ ଭିନ୍ନ ଉପାଦାନରେ ଗଢା ?।

ନାରୀ ଟିଏ ସ୍ତ୍ରୀ ହେଲା ପରେ ହୋଇ ଯାଏ ଗୋଟିଏ ପରିବାରରସର୍ବମୟ କର୍ତ୍ତୀ।ସ୍ତ୍ରୀ ରୁ ସେ ହୋଇଯାଏଜନନୀ।ତାର ପରିବାର ପ୍ରତି ଦାନ,ତାର ତ୍ୟାଗ, ତାର ସମର୍ପଣତାକୁ ବହୁତଉଚ୍ଚ ସ୍ଥାନ ଦେଇଥାଏ ସମାଜ। ସେ ହୋଇଯାଏ ପୂଜ୍ୟା। ସେ ପ୍ରେମ କରିବାକୁ ବାଧ୍ୟ ହୋଇଥାଏ।ସେ ପ୍ରେମରେ ପବିତ୍ରତା ଥାଉ କି ନଥାଉ,ସେ ସମାଜପାଇଁ ଗ୍ରହଣୀୟ।

କିନ୍ତୁ ସେ ପ୍ରେମିକା ଟିଏ।ସେ କେବଳ ପ୍ରେମହିଁ କରିଥାଏ।ତା ପରିବର୍ତ୍ତେ ନା ଥାଏତାର କିଛି ଆଶା ନା ଥାଏ କିଛି ଆକାଂକ୍ଷା।ସେ କେବଳ ଦେବାରେ ଆନନ୍ଦପାଏ। ଦୁନିଆର ଲାଞ୍ଛନା ,ଅପମାନ ଅନାଦାରକୁ ମଥାପାତି ଗ୍ରହଣ କରି ନିଏ ପଛେ,ତା ହୃଦୟରୁ ପ୍ରେମକେବେ ଉଣା ହୋଇ ଯାଏନାହିଁ।କାରଣ ସେ ନାରୀ ରୂପେ ନାରାୟଣୀ।ତାର ଯେଉଁ ବଳିଦାନ ସେ ଲୁଚିଯାଏ ଅପବାଦର ଅଢୁଆଳରେ।ସେ କୁଳଟାର ଆଖ୍ୟା ପାଏ।ସମାଜରେ ସେ ହୋଇଯାଏ ଅସ୍ପୃଶ୍ୟା।ତା ପ୍ରେମକୌଣସି ଅଧିକାରରେ ବନ୍ଧା ନୁହେଁ।ତା ପ୍ରେମକୌଣସି ନାମ ଏବଂ ପ୍ରତିଦାନରେ ବନ୍ଧା ନୁହେଁ।ତା ପ୍ରେମ ଶାଶ୍ୱତପ୍ରେମ ,ନୈସର୍ଗିକ ପ୍ରେମ। ପ୍ରେମ ର ପବିତ୍ରତା ପାଇଁ ତ ଯୁଗେ ଯୁଗେ ପ୍ରେମ ଅମର। ପ୍ରେମ ଯଦି ପବିତ୍ରତା ହେଲେ ପ୍ରେମିକା କାହିଁକି ଅଭିଶପ୍ତା ? କାହିଁକି ତାର ବଳିଦାନର ମୂଲ୍ୟ ସମାଜ ବୁଝେନା ? କାହିଁକି ସେ ସାରା ଜୀବନ ଅପବାଦ ମୁଣ୍ଡେଇ ବଞ୍ଚିରହେ।ତାର ଭୁଲ୍ ଏତିକି ଯେ,ସେ ଖାଲି ଭଲ ପାଇବା ଜାଣିଛି।ଆଉ ଦୁନିଆସହ ଲଢି ତାର ଅଧିକାର ସାବ୍ୟସ୍ତ କରି ପାରିନି।ଭଲ ପାଇବା ତ ଆତ୍ମା ସହ ଆତ୍ମାର ସମ୍ପର୍କ। ଆଉ ଆତ୍ମା କେବଳ ଭଲ ପାଏ।ଶରୀର କେବଳ ମାଧମ। ଯଦି ଏଗୁଡିକସତ ତାହେଲେ,ଜଣେ ପ୍ରେମିକା କାହିଁକି ସାରା ଜୀବନ ଜଳି ଜଳି ଆଉ ଗୋଟିଏଜନ୍ମର ଆଶାରେ ଦୁନିଆରୁ ବିଦାୟ ନିଏ ?।ତା ପାଖରେ କଣ ପବିତ୍ରତା ନଥାଏ? ନା ତା ମନ ପବିତ୍ରତା ପ୍ରେମ ପାଇଁ ନଷ୍ଟ ହୋଇଯାଇଥାଏ ? ଏହା ଏକ ଅସମାହିତ ପ୍ରଶ୍ନ ନୁହେଁ କି ?

ସେମିତି ଜଣେ ପବିତ୍ରତାର ସ୍ୱରୂପ ଥିଲା ସୌମ୍ୟା ପାଠ ପଢୁଥିଲା ମନ ପ୍ରାଣ ଦେଇ। କିନ୍ତୁ ସେ ପାଇଲା କଣ ? ଅନେକ ବିରୋଧ,ଅନେକ ଲାଞ୍ଛନା ଭିତରେ ଦୁନିଆ ଛାଡ଼ିଲା ସିନା ତାର ନ୍ୟାର୍ଯ୍ୟ ଅଧିକାର ତାକୁ ମିଳିଲା ନାହିଁ। ନାରୀ ଇଜ୍ଜତ, ସମ୍ମାନର ପରିଭାଷା ତାହାଲେ କଣ ହୋଇପାରେ? ସେହି ପବିତ୍ରତାକୁ ବଜାୟ ରଖିବାକୁ ଯାଇ ସେ ଯଦି ନିଜର ଅମୂଲ୍ୟ ଜୀବନକୁ ଶେଷ କରିଦେଲା।ଶେଷରେ ନିଜ ପାଖରେ ହାରିଗଲା।ସବୁ ନାରୀ ଏମିତି ନିଜର ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହୋଇ ହାରି ଯାଆନ୍ତି ଓ ଏମିତି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ବାଛି ନିଅନ୍ତି ଶେଷରେ। ବଞ୍ଚି ଥିବାବେଳେ କେହି ସହାନୁଭୂତି ତ ଦେଖାଏ ନାହିଁ ମରିଯିବା ପରେ ରାଜନୀତିର ପୃଷ୍ଠଭୂମି ଠାରୁ ଆରମ୍ଭ କରି ଗଣ ମାଧମ ଖୁବ୍ ସକ୍ରିୟ ହୋଇ ଉଠେ ଫେରି ଆସେ କି ପୀଡିତାର ଜୀବନ? ଏମିତି ଅନେକ ଅସମାହିତ ପ୍ରଶ୍ନ ମନରେ ଉଙ୍କି ମାରେ।କଣ ହୋଇ ପାରେ ଏହାର ସମାଧାନ? କେବଳ ମାନସିକତାର ପରିବର୍ତ୍ତନ ଦରକାର।ଭଦ୍ରମୁଖା ତଳେ ରହିଥିବା ପିସାଚ ମାନଙ୍କର ଲୋଲୁପ ଦୃଷ୍ଟି ବଦଳିବା ଦରକାର। ନଚେତ୍ ଏମିତି ଅନେକ ସୌମ୍ୟା ଜଳିବେ।

# ସ୍ୱାଧୀନତାର ଅନ୍ତରାଳେ

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ



ସ୍ୱାଧୀନତା ଦିବସ ପାଳିତ ହେଲା ଧୁମ୍ ଧାମରେ। ଦେଶ ପାଇଁ ଅନେକ କିଛି କରିବାର ଆମେ ସଂକଳ୍ପ ନେଲେ। ହେଲେ, ପ୍ରକୃତରେ ଏହି ସ୍ୱାଧୀନତାକାହା ପାଇଁ? ତିନୋଟି ଘଟଣାର ଅବତାରଣା ଦେବି। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଛୋଟ ପିଲାଟିଏ କୁନି କୁନି ଜାତୀୟ ପତାକା ବିକ୍ରି କରିବାକୁ ଆଣିଥାଏ। ଗୋଟିଏ ସରକାରୀ ଅଫିସ୍‌କୁ ଅନେକ ଲୋକ ଯିବା ଆସିବା କରୁଥିବାର ଦେଖି ସେ ସେଇଠାରେ ବିକ୍ରି ହେବ ଭାବି ଗେଟ୍ ପାଖରେ ତାର ପସରା ମେଲାଇ ଦେଲା। ମାତ୍ର, କିଛି ସମୟ ପରେ ଜଗୁଆଳି ଆସି ତାକୁ ବାହାର କରିଦେଲା। ଟାଣ ଖରାରେ ରାସ୍ତାରେ ଠିଆ ହୋଇ ବିକ୍ରି କରିବାର ଅବସ୍ଥାରେ ସେ ନଥାଏ। ଅପର ପକ୍ଷରେ ଦୋକାନମାନଙ୍କରେ ପତାକା କିଣିବାକୁ ଲୋକଙ୍କ ଭିଡ଼। ସେଇ ପାଖରେ ଥିବା ସ୍କୁଲ ପାଖକୁ ପିଲାଟି ଗଲା ବେଳେ ଦେଖିଲା, ଝିଅ ଟିଏ କାନ୍ଦି କାନ୍ଦି ତାର ବାପାଙ୍କୁ କହୁଥାଏ କି ଆଜି ସ୍କୁଲରେ ହେବାକୁ ଥିବା ନୃତ୍ୟ ପ୍ରତିଯୋଗିତାରେ ସେ ଭାଗ ନେବାକୁ ଚାହେଁ। ତାର ବାପା ଅତ୍ୟନ୍ତ ରୁକ୍ଷ ଭାବରେ ତାକୁ ମନା କରିଦେବା ପରେ ସେ ମନ ଦୁଃଖରେ ସ୍କୁଲ୍ ଭିତରକୁ ଗଲା। ଛୋଟ ପିଲାଟି ନିଶ୍ଚୟ ଭାବୁଥିବ କି କିଏ ପ୍ରକୃତରେ ବେଶି ପରାଧୀନ? ଯିଏ ଜୀବନ ଧାରଣ କରିବା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗରୁ ବଞ୍ଚିତ ନା ଯିଏ ସବୁ ଥାଇ ନିଜ ଇଚ୍ଛାରେ ବଞ୍ଚିବାରୁ ବଞ୍ଚିତ? ଆମ ଦେଶରେ ବ୍ୟକ୍ତି ସ୍ୱାଧୀନତାପ୍ରାୟ କାହାରିକୁ ମିଳେ ନାହିଁ । ବିଶେଷ କରି ନାରୀ ମାନଙ୍କୁ। ଆପଣ କହି ପାରନ୍ତି, ଆଜିର ନାରୀ ସବୁଥିରେ ଆଗୁଆ। ହେଲେ, ସେମାନଙ୍କ ସଂଖ୍ୟା କେତେ? ଜଣେ ଉଚ୍ଚ ଶିକ୍ଷିତ, କର୍ମଜୀବୀ ବା ଆର୍ଥିକ ସ୍ୱଚ୍ଛଳ ହେଲେ ଯେ ସ୍ୱାଧୀନ ଏକଥାର କୌଣସି ମାନେ ନାହିଁ । ଥରେ, ଗୋଟିଏ ସାହିତ୍ୟ ସଭାରେ ନାରୀ ସ୍ୱାଧୀନତାଉପରେ ହେଉଥିବା ଆଲୋଚନାକୁ ଯାଇଥାଏ। ମୁଖ୍ୟ ବକ୍ତା ଜଣେ ଅବସରପ୍ରାପ୍ତ ପ୍ରାଧାପିକା । ସେ ମତେ ପଚାରିଲେ ତୁମେ କେମିତି ଆସିଛ? ମୁଁ କହିଲି କି ମତେ ମୋର ପୁଅ ଛାଡ଼ିକି ଗଲା। ସେ ପଚାରିଲେ କି ସବୁ ଦିନେ କଲେଜ୍ କେମିତି ଯାଅ? ମୁଁ କହିଲି, ଅଟୋରେ। ତୁମେ ଗାଡ଼ି ଚଳାଇ ଶିଖି ନାହଁ? ତେବେ ତୁମେ ସଶକ୍ତ ନୁହେଁ। ମୁଁ ଏଇ ବୟସରେ ଏକୁଟିଆ ଗାଡ଼ି ଚଳାଇ ଭୁବନେଶ୍ୱରରୁ ଆସିଲି। କାରଣ ମୁଁ ଆତ୍ମନିର୍ଭର। ସଶକ୍ତ ହେବାର ଅର୍ଥ ରୋଜଗାରକ୍ଷମ ହେବା ନୁହେଁ। ତେବେ ତ ମୋର ଆଉ ମୋ ଘରେ କାମ କରୁଥିବା ସ୍ତ୍ରୀ ଲୋକ ଭିତରେ କିଛି ଫରକ୍ ନାହିଁ।




ସେ ତାର ଅସୁବିଧା ବେଳେ ମୋ ପାଖକୁ ଆସେ କାହିଁକି? ଅସୁବିଧା ସବୁବେଳେ ଆର୍ଥିକ ନ ଥାଏ। ନିଜ ହିସାବରେ ଜିଇ ନ ପାରିବା ହିଁ ପରାଧୀନତା। ସ୍ୱାଧୀନତା ଦିବସର ଉତ୍ସବରେ ମୋର ସହ ଅଧାପିକା ଝିଅ ମାନଙ୍କୁ ପଚାରିଲେ କି ତୁମେ ନିଜକୁ କେତେବେଳେ ପରାଧୀନ ମନେ କର? ଅଧିକାଂଶ ପିଲା କହିଲେ କି ରାସ୍ତାରେ ଗଲା ବେଳେ। ଆଚ୍ଛା, ତୁମ ମାନଙ୍କୁ ଘରେ ସବୁ ସ୍ୱାଧୀନତା ମିଳେ? ସମସ୍ତେ ନା କହିଲେ। ତେବେ, ଯଦି ଆମର ମନ ମୁତାବକ କ୍ୟାରିଅର, ପୋଷାକ ବା ଜୀବନସାଥି ବାଛିବାର ସ୍ୱାଧୀନତାଆମର ନିଜ ଘରେ ନାହିଁ, ତେବେ ଆମେ ବାହାର ଲୋକଙ୍କଠାରୁ ଏହା କିପରି ଆଶା କରିବା। ଅଧିକାଂଶ ଘରର ସବୁ ନିଷ୍ପତ୍ତି ପୁରୁଷ ହିଁ ନିଅନ୍ତି। ଏଥିପାଇଁ ନୁହେଁ ଯେ ସେମାନେ ରୋଜଗାରକ୍ଷମ। ବରଂ ଏଥିପାଇଁ ଯେ ସେମାନେ ନାରୀମାନଙ୍କ ଗୁରୁତ୍ୱ ବଢ଼ାଇବାକୁ ଚାହାଁନ୍ତି ନାହିଁ। ଦାୟିତ୍ୱ ନେବାର ଅନ୍ତରାଳରେ ସେମାନେ ତାଙ୍କର ବ୍ୟକ୍ତି ସ୍ୱାଧୀନତାକୁ ଗୌଣ କରି ଦିଅନ୍ତି। ଜଣେ କଣ ଖାଇବ, କଣ ପିନ୍ଧିବ, କେତେ ହସିବ, କେତେ ବସିବ, କେତେ ଖର୍ଚ୍ଚ କରିବ, ଏହାର ଏକ ବିଧିବଦ୍ଧ ଆଚାର ସଂହିତା ଥାଏ। ମାତ୍ର, ଏହାର ବିରୋଧ କେବଳ ସଭାସମିତିରେ ହିଁ ଦେଖା ଯାଏ। ଭାଷଣ ଦେଉଥିବା ନାରୀଟି ମଧ ତରତର ହେଉଥାଏ କି ଘରକୁ ଯାଇ ରୋଷେଇ କରିବ କିମ୍ବା ଖାଇବାକୁ ବାଢ଼ିକି ଦବ। ପରିବାରର ଲୋକମାନଙ୍କୁ ନିଜେ ବାଢ଼ି ଖାଇବାକୁ ମଧ ଅପମାନିତ ଲାଗେ। କିନ୍ତୁ ସବୁ କାମ କରୁଥିବା ନାରୀ ସମ୍ମାନ ଆଶା କରି ପାରେ ନାହିଁ। ପିଢ଼ି ପରେ ପିଢ଼ି ସେ ବାପା, ଭାଇ, ସ୍ୱାମୀ ଏବଂ ପୁଅ ଦ୍ୱାରା ପରାଧୀନ ହିଁ ରହିଥାଏ। ସେ ଭୁଲି ଯାଇଥାଏ କି ତାର ଗୋଟେ ସ୍ୱାଦ ଅଛି, ପସନ୍ଦ ବା ଇଛା ଅଛି। ଥରେ ଗୋଟିଏ କବିତା ଆସରରେ ଜଣେ ମହିଳା ବାରମ୍ବାର ତାଙ୍କୁ ଆଗେ ଡାକି ଦେବାକୁ ଅନୁରୋଧ କରନ୍ତେ ମୁଁ ପଚାରିଲି କି କାହିଁକି ତରତର ହେଉଛନ୍ତି। ସେ କହିଲେ, ମୁଁ ତୁମମାନଙ୍କ ପରି ନୁହେଁ। ବହୁତ୍ କଷ୍ଟରେ ଘରୁ ଆସିପାରିଛି। ସମୟରେ ନ



ଫେରିଲେ ଆଉ ଛାଡିବେନି। ଲାଗିଲା, ଷାଠିଏ ବର୍ଷ ତଳେ ଶାଶୁର ଗଞ୍ଜଣା ଶୁଣି ନିଜ କବିତାକୁ ଚୂଲି ରେ ଠେଲି ଦେଉଥିବା ମୋ ଆଈ ଓ ଏ ମହିଳାଙ୍କ ଭିତରେ କିଛି ଫରକ୍ ନାହିଁ। ଫରକ୍ ବି ନାହିଁ କର୍ମଜୀବି ଓ ଘରୋଇ ମହିଳା ଭିତରେ। ଥରେ ଜଣେ ପ୍ରାଧାପିକା କହୁଥାନ୍ତି, ଯେବେ ବି ସେ ରେଷ୍ଟୁରାଣ୍ଟରେ ଖାଇବାକୁ ଯିବାକୁ କୁହନ୍ତି, ତାଙ୍କ ସ୍ୱାମୀ ଘରକୁ ନେଇ ଆସି ଖାଇବାକୁ ପରାମର୍ଶ ଦିଅନ୍ତି। ତେବେ ତ ପୁଣି ବାଢ଼ି ଖାଇବାକୁ ଦେବି, ବାସନ ମାଜିବି। ଆଉ ରାନ୍ଧି ଦେବାର କଣ ଅଛି। ମତେ ଜଣେ ବାଢ଼ି ଖାଇବାକୁ ଦେବ, ବାସନ ଉଠାଇ ନେବ, ଏତିକି ଇଛା କରିବାର ସ୍ୱାଧୀନତାମୋର ନାହିଁ? ଏହି ସବୁ କଥାରେ ଭାରତୀୟ ପରିବାରରେ କଳହ ଲାଗେ। ଘରର ଦାୟିତ୍ୱ ସବୁ ଦିନିଆ, ମାତ୍ର ପସନ୍ଦ ଅପସନ୍ଦର ପ୍ରଶ୍ନ ନାହିଁ। ଏ ତ ଗଲା ମୁଦ୍ରାର ଗୋଟିଏ ପାର୍ଶ୍ୱ।ଏହାର ଆର ପାର୍ଶ୍ୱଟି ଆରେକ ଚିନ୍ତାଜନକ। ସ୍ୱାଧୀନତା ନାଁ ରେ ସ୍ୱେଛାଚାରିତା । ନାରୀ ପୁରୁଷ ନିର୍ବିଶେଷରେ ଏହା ଦେଖିବାକୁ ମିଳେ। ମଦ୍ୟପାନ, ନିଶା ସେବନ, ଅସଦାଚରଣ, ହତ୍ୟା ଇତ୍ୟାଦିର ଏହା ପୃଷ୍ଠଭୂମି। ଏହା ସାମାଜିକ ସ୍ଖଳନ, ଯାହା ବିଶେଷ ଭାବରେ ସାମାଜିକ ଗଣମାଧମରେ ଦେଖିବାକୁ ମିଳୁଛି। ତେବେ ପ୍ରକୃତ ସ୍ୱାଧୀନତାକଣ? ଯାହା ଅନ୍ତରାଳରେ ଅଛି। ପରସ୍ପରର ଇଚ୍ଛା, ଅନିଚ୍ଛାକୁ ସମ୍ମାନ ଦେବା, ନିଜର କାମକୁ ଅନ୍ୟ ଦ୍ୱାରା ନ କରାଇବା, ପାରିବାରିକ ଓ ସାମାଜିକ ଶୃଙ୍ଖଳାକୁ ମାନିବା ଏଥିରେ ଅନ୍ତର୍ଭୁକ୍ତ। ବ୍ୟକ୍ତି ସ୍ୱାଧୀନତା ହିଁ ପ୍ରକୃତ ସ୍ୱାଧୀନତା। ବାକି ସବୁ ତ ଛଳନା ମାତ୍ର।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ: ୯୪୩୮୦୬୪୪୬୪





# କିଡନୀ ଫଙ୍କସନ୍ ଟେଷ୍ଟ ଜଣାଏ ବୃକକ୍‌ର କାର୍ଯ୍ୟକ୍ଷମତା





ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଆଜିକାଲିର ଜୀବନଚର୍ଯ୍ୟା ଶୈଳୀ, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଅଭ୍ୟାସରୁ ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ଦେଖାଯାଉଛି। ଏହା ନିୟନ୍ତ୍ରଣରେ ନ ରହିଲେ ବୃକ୍କ ଉପରେ ପ୍ରଭାବ ପଡେ। ଅନେକ ଲୋକ କ୍ରନିକ୍ ବୃକ୍କ ରୋଗ (ସିକେଡି)ରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜାଣିବାକୁ କିଡନୀ ଫଙ୍କସନ୍ ଟେଷ୍ଟ (କେଏଫ୍‌ଟି) ଟେଷ୍ଟ ଜରୁରି। ପ୍ରାୟତଃ ପ୍ରାଥମିକ ଅବସ୍ଥାରେ ବୃକ୍କ ସମସ୍ୟାର ଲକ୍ଷଣ ଜଣାପଡ଼ିନଥାଏ। ଧୀରେ ଧୀରେ ଶରୀର ଯନ୍ତ୍ରଣା, ବାରମ୍ବାର ପରିସ୍ରା, ଭୋକ ନଲାଗିବା, ହାତଗୋଡ଼ ଫୁଲିବା ଆଦି ସମସ୍ୟା ଦେଖାଯାଏ। ବୃକ୍କ ୮୫ ଭାଗରୁ ଅଧିକ ଖରାପ ହେଲେ, ଶରୀରର ବର୍ଜ୍ୟବସ୍ତୁ ଏକ୍ରତିତ ହୋଇ ହୃତପିଣ୍ଡ, ମସ୍ତିଷ୍କ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟେଙ୍ଗଙ୍କୁ ଅକାମୀ କରିଦିଏ। ତେଣୁ ବୃକ୍କ ଠିକ୍ ଭାବେ କାମ କରୁଛି କି ନାହିଁ ଜାଣିବାକୁ କେଏଫ୍ଟି ଟେଷ୍ଟ କରାଯାଏ। ବୃକ୍କରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଏଫ୍ଟି ଟେଷ୍ଟ ଜରିବା ଜରୁରି। ପରିସ୍ରା ଏବଂ ରକ୍ତ ସ୍ୟାମ୍ପଲକୁ ଉପଯୋଗ କରି ଭିନ୍ନ ଭିନ୍ନ ପାରାମିଟର ଯାଞ୍ଚ କରାଯାଉଥିବାରୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜଣାପଡ଼େ।

ଗ୍ଲୋମେରୁଲାର ଫିଲ୍ଟରେସନ ରେସିଓ (ଜିଏଫ୍‌ଆର୍): ବୃକ୍କରୁ ରକ୍ତ କେତେ ପରିଷ୍କାର କରେ, ଶରୀରର ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ତାହା ଏହି ଟେଷ୍ଟରୁ ଜଣାପଡ଼େ।

ୟୁଏସିଆର୍: ୟୁରିନ୍ ଆଲବମିନ୍-କ୍ରିଏଟିନାଇନ୍ରେସିଓ (ୟୁଏସିଆର) ହେଉଛି ଏକ ପରିସ୍ରା ପରୀକ୍ଷା। ପରିସ୍ରାରେ ଆଲବ୍ୟୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପ ହେବାର ସଙ୍କେତ ଦେଇଥାଏ। ତେଣୁ ଏହାର ଉପସ୍ଥିତି ରହିଛି ନି କାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ।

**ସିରମ କ୍ରିଏଟିନିନ୍ ପରୀକ୍ଷା:** ରକ୍ତରେ କ୍ରିଏଟିନିନ ସ୍ତର ବଢ଼ିବା ବୃକ୍କ ରୋଗର ମଧ୍ୟ ସଙ୍କେତ ଦେଇଥାଏ। ରକ୍ତଚାପ ବଢ଼ି ବୃକ୍କ ଖରାପ ହେଲେ କ୍ରିଏଟନିନି ବଢ଼ିଥାଏ, ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ନିୟନ୍ତ୍ରଣ ରଖିବା ଜରୁରି। ସେହିପରି ବୃକ୍କରେ କୌଣସି ସମସ୍ୟା ଥିଲେ, ବୃକ୍କ ରକ୍ତରେ ଥିବା ୟୁରିଆ, କ୍ରିଏଟିନିନ୍, ପୋଟାସିୟମକୁ ଫିଲଟର କରିପାରେ ନାହିଁ।

ବିୟୁଏନ୍ ଟେଷ୍ଟ: ଖାଦ୍ୟରେ ପ୍ରୋଟିନ୍ ଭାଙ୍ଗିବାରୁ ୟୁରିଆ ନାଇଟ୍ରୋଜେନ୍ ଉତ୍ପାଦନ ହୋଇଥାଏ। ଯେତେବେଳେ ବୃକ୍କ ଠିକ୍ ଭାବେ କାମ କରିନଥାଏ, ସେ ସମୟରେ ବିୟୁଏନ୍ ସ୍ତର ବଢ଼ିଯାଏ। ଏହି ସ୍ତର ଜାଣିବାକୁ ବିୟୁଏନ୍ ଟେଷ୍ଟ ଜରୁରି। ସେହିପରି ପରିସ୍ରାରେ ପ୍ରୋଟିନ୍ ସ୍ତର ଜାଣିବାକୁ ୟୁରିନ୍ ପ୍ରୋଟିନ୍ ଟେଷ୍ଟ କରାଯାଏ। ମାଇକ୍ରୋଏଲବ୍ୟୁମିନ୍ୟୁରିୟା ଟେଷ୍ଟ ପରିସ୍ରା ସ୍ୟାମ୍ପଲରୁ ଏଲବ୍ୟୁମିନ୍ ପ୍ରୋଟିନ୍ ମାତ୍ରାକୁ ଚିହ୍ନଟ କରେ। କିଡନୀ ଫଙ୍କସନ୍ ଟେଷ୍ଟ ମଧ୍ୟରେ ୟୁରିନ୍ ରୁଟିନ୍ ଟେଷ୍ଟ ଏବଂ ମାଇକ୍ରୋସ୍କୋପି ଟେଷ୍ଟ ଜରୁରି।

# ରୁମାଟଏଡ୍ ଆର୍ଥରାଇଟିସ୍

ରୁମାଟଏଡ୍ ଆର୍ଥରାଇଟିସ୍ ବା ଆର୍‌ଏ ଏକ ପ୍ରକାର ଗଣ୍ଠିବାତ ରୋଗ। ଏହି ରୋଗରେ ହାଡ଼ ଓ ଗୋ ଡ଼ର ଛୋଟବଡ ଗଣ୍ଠିଗୁଡିରେ ପ୍ରଦାହ ହୋଇ ଫୁଲିଯାଇ ଯନ୍ତ୍ରଣା ହୁଏ। ଏହା ଏକପ୍ରକାର ଅଟୋଇମ୍ୟୁନ୍ ବା ସ୍ୱରୋଗ ପ୍ରତିକାରୀ ରୋଗ। ଶରୀରର ରୋଗ ପ୍ରତିକାରୀ ଶକ୍ତି ନିଜ ଗଣ୍ଠିଗୁଡ଼ିକୁ ଆକ୍ରମଣ କରି ପ୍ରଦାହ ସୃଷ୍ଟି କରେ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଗଲେ ରୁମାଟଏଡ୍ ଆର୍ଥରାଇଟିସ୍ ହୋଇଥାଏ। ବୁଢ଼ାଅଙ୍ଗୁଠିର ଗଣ୍ଠିରେ ହୋଇ ଧୀରେ ଧୀରେ ଗଣ୍ଠି ଫୁଲି ବଙ୍କା ହୋଇଥାଏ। ଏହି ରୋଗରେ ସାଧାରଣତଃ ହାତ ଏବଂ ଗୋଡ଼ର ଛୋଟ ଓ ବଡ଼ ସମସ୍ତ ଗଣ୍ଠିଗୁଡ଼ିକ ଫୁଲି ଦରଜ ଲାଗିବା, ଆଖି ଲାଲ ଦିଶିବା, ଫୁସ୍ଫୁସ୍ରେ ଫାଇବ୍ରୋସିସ୍ ଏବଂ ସ୍ୱାସ୍ଥ୍ୟଗତ ଦୁର୍ବଳତା ମଧ୍ୟ ଦେଖାଯାଏ। ତେଣୁ ଏହି ରୋଗର ପ୍ରାଥମିକ ସ୍ତରରେ ଚିକିତ୍ସା ଠିକ୍ ଭାବେ ନ କରିଲେ ଯନ୍ତ୍ରଣା ବଢ଼ି ଭବିଷ୍ୟତରେ ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଏହି ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସଅଳ ରୋଗଚିହ୍ନଟ, ପ୍ରାଥମିକ ନିଦାନ, ଉଭୟ ଡାକ୍ତର ଏବଂ ପରିବାର ଲୋକ ରୋଗୀର କିପରି ସଠିକ ଦେଖାଶୁଣା କରିବେ, ରୋଗୀଙ୍କୁ ସଠିକ୍ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ 'ରୁମାଟଏଡ ସଚେତନତା ଦିବସ ଭାବେ ପାଳନ କରାଯାଇଆସୁଛି। ଡାକ୍ତରୀ ପରୀକ୍ଷା ଏବଂ ରକ୍ତ ପରୀକ୍ଷା କରି ରୋଗର ସ୍ତର, ଗଣ୍ଠି କେତେ ମାତ୍ରାରେ ଆକ୍ରାନ୍ତ ହୋଇଛି ତାହା ଜାଣି ଔଷଧ ସେବନ ଜରୁରି ହୋଇଥାଏ। ରୋଗ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସହିତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟ, ଭିଟାମିନ୍ ଡି, କ୍ୟାଲସିୟମ୍, କ୍ଷୀରଜାତୀୟ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରିପାରିବେ।



# ୪୦ବର୍ଷରୁ ନିୟମିତ ଚକ୍ଷୁ ପରୀକ୍ଷା ଜରୁରି



ଶରୀରର ସମସ୍ତ ଅଙ୍ଗ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆଖି। ଆଖି ସମ୍ବେଦନଶୀଳ ଅଙ୍ଗ ହୋଇଥିବାରୁ ଏହାର ଯତ୍ନ ନ ନେଲେ, ବିଭିନ୍ନ ପ୍ରକାର ରୋଗ ସହଜରେ ଆକ୍ରମଣ କରିଥାଏ। ଦୃଷ୍ଟିଶକ୍ତି ଉପରେ ଏହାର ପ୍ରଭାବ ପଡ଼େ। ଏହିକ୍ରମରେ ଆଖି ପାଇଁ କାଳ ସଦୃଶ ଗ୍ଲୁକୋମା। ଭାରତରେ ୯୦ ପ୍ରତିଶତ ମାମଲାରେ ଏହି ରୋଗ ସହଜରେ ଚିହ୍ନଟ ହୋଇପାରୁନଥିବାରୁ ଚିକିତ୍ସାରେ ଅବହେଳା ଯୋଗୁଁ ଅଧିକାଂଶ ଲୋକଙ୍କୁ ଦୃଷ୍ଟିବାଧିତ ହେବାକୁ ପଡ଼ିଥାଏ। ତେଣୁ ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ଚକ୍ଷୁ ପରୀକ୍ଷା କରାଇବା ଜରୁରି। ଗ୍ଲୁକୋମା ଆଖି ସହିତ ଜଡିତ ଏକ ସମସ୍ୟା, ଯେଉଁଥିରେ ଆଖିର ମସ୍ତିଷ୍କ ସହିତ ଜଡିତ ଅପ୍ଟିକ୍ ସ୍ନାୟୁର କ୍ଷତି ହୋଇଥାଏ। ଅପ୍ଟିକ୍ ସ୍ନାୟୁ ଉପରେ ଚାପ ପଡ଼ିଲେ, ଦୁର୍ବଳ କିମ୍ବା ନଷ୍ଟ ହୋଇଲେ, କୌଣସି ଜିନିଷ ଚିହ୍ନିବାରେ ସମସ୍ୟା ହୋଇଥାଏ। ଦୃଷ୍ଟିଶକ୍ତି ହ୍ରାସ ପାଏ। ଅଧିକାଂଶ କ୍ଷେତ୍ରରେ ଦୃଷ୍ଟିଶକ୍ତି ଯିବାର ଆଶଙ୍କା ରହିଥାଏ। ଗ୍ଲୁକୋମାକୁ କଳା ମୋତିଆବିନ୍ଦୁ କୁହାଯାଇଥାଏ ମଧ୍ୟ। ଏହା ସାଧାରଣତଃ ୬୦ ବର୍ଷ ବୟସ୍କଙ୍କ କ୍ଷେତ୍ରରେ ଅଧିକ ଦେଖାଯାଉଥିବାବେଳେ ସମ୍ପ୍ରତି ଗ୍ଲୁକୋମା ସବୁ ବୟସର ଲୋକ, ପିଲା ଶିକାର ହେଉଥିବା ନଜିର ରହିଛି। ଏମ୍ସ ଚକ୍ଷୁ ରୋଗ ବିଶେଷଜ୍ଞ ଡା. ତନୁଜ ଦାଦାଙ୍କ ଅନୁସାରେ, ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ଜରୁରି। ଏହା ଏମିତି ଏକ ରୋଗ ବିନା ଲକ୍ଷଣରେ ଏହା ବଢ଼ି ବଢ଼ି ଚାଲିଥାଏ। ଦୃଷ୍ଟିଶକ୍ତି କମ୍ଜୋର ହୋଇଯାଏ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ନ କରାଗଲେ, ଦୃଷ୍ଟି ବାଧିତ ହେବାର ଆଶଙ୍କା ବୃଦ୍ଧି ପାଏ।

**୪୦ବର୍ଷରୁ ଊର୍ଦ୍ଧ୍ୱ ଲୋକ ଅଧିକ ପ୍ରଭାବିତ:** ୪୦ ବର୍ଷରୁ ଊର୍ଦ୍ଧ୍ୱ ତଥା ବୟସ୍କଙ୍କ କ୍ଷେତ୍ରରେ ଗ୍ଲୁକୋମାର ବିପଦ ଅଧିକ ଥାଏ। ଗ୍ଲୁକୋମାରେ ଆକ୍ରାନ୍ତଙ୍କ ମଧ୍ୟରୁ ୫୦ ପ୍ରତିଶତ ଏହି ରୋଗଗୁ ନେଇ ସଚେତନ ନଥାନ୍ତି, ତେଣୁ ଏହି ବୟସରେ ପ୍ରତି ଦୁଇ ବର୍ଷରେ ଥରେ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ। ବୟସ୍କଙ୍କ ପରି ମଧୁମେହ, ଉଚ୍ଚରକ୍ତଚାପ, ପରିବାର କୌଣସି ସଦସ୍ୟ ଗ୍ଲୁକୋମାରେ ପୀଡ଼ିତ ଥିଲେ, ଷ୍ଟେରଏଡ ଯଥା- କ୍ରିମ୍, ଔଷଧ, ଇନ୍ହେଲର ଅଧିକ ଉପଯୋଗ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ରୋଗ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଆଖିରେ ଆଘାତ ଲାଗିଲେ ମଧ୍ୟ ଗ୍ଲୁକୋମା ବିକଶିତ ହୋଇପାରେ।

**ନିୟମିତ ପରୀକ୍ଷା:** ମଧୁମେହ, ଉଚ୍ଚରକ୍ତଚାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିଲେ, ସେମାନେ ପ୍ରତିବର୍ଷ ଚକ୍ଷୁ ପରୀକ୍ଷା କରାଇ ନେବା ଆବଶ୍ୟକ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବା ତଥା ଔଷଧ ବଦଳାଇବା ଅନୁଚିତ। ୬୦ବର୍ଷରୁ ଅଧିକ ବୟସ ହେଲେ ଏହି ଚକ୍ଷୁ ପରୀକ୍ଷା କରାଇବା ଦ୍ୱାରା ଦୃଷ୍ଟିବାଧିତ ହେବାର ଭୟ ନଥାଏ।

# ପ୍ରୋଷ୍ଟେଟ ସମସ୍ୟା



ପ୍ରୋଷ୍ଟେଟ ଏକ ସାଧାରଣ ଗ୍ରନ୍ଥୀ। ଏହି ଗ୍ରନ୍ଥୀ ପୁରୁଷମାନଙ୍କଠାରେ ଥିବାବେଳେ, ବୟସ ବଢ଼ିବା ସହ ଏହା ବଢ଼ିଥାଏ। ଭିନ୍ନ ଭିନ୍ନ କାରଣରୁ ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ରନ୍ଥୀର ଆକାର ବଢ଼ିଯାଇ ପରିସ୍ରାଜନିତ ବିଭିନ୍ନ ଲକ୍ଷଣ ଆରମ୍ଭ ହୁଏ। କିନ୍ତୁ ଶୀତଋତୁରେ ଥଣ୍ଡା ପାଗ ଯୋଗୁଁ ଏହି ସମସ୍ୟା ଚିନ୍ତା ସୃଷ୍ଟି କରିଥାଏ। ତେଣୁ ଆବଶ୍ୟକତା ଠାରୁ ପ୍ରୋଷ୍ଟେଟ ଅଧିକ ବଡ଼ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଜରୁରି। ଶୀତଋତୁରେ ଶାରୀରିକ ଗତିବିଧି କମ୍ ହେବା, କମ୍ ପାଣି ପିଇବା ଆଦି ବିଭିନ୍ନ କାରଣରୁ ପ୍ରୋଷ୍ଟେଟ ସମସ୍ୟା ବଢ଼ିଥାଏ। ସାଧାରଣତଃ ପ୍ରୋଷ୍ଟେଟ ସାଇଜ୍ ୧୫ରୁ ୨୦ ଗ୍ରାମ୍ ଥାଏ, କିନ୍ତୁ ଏହା ବଢ଼ିଗଲେ, ବାରମ୍ବାର ପରିସ୍ରା ଲାଗିବା, ଅତରଛିଆ ପରିସ୍ରା, ପରିସ୍ରା ସମୟରେ କଷ୍ଟ ଅନୁଭବ, ମୂତ୍ରାଶୟରେ ଜଳାପୋଡ଼ା, ଧୀରେ ଏବଂ ପତଳା ଧାରରେ ପରିସ୍ରା, ମୂତ୍ରାଶୟ ଖାଲି କରିବାରେ ଅସମର୍ଥ ଆଦି ଲକ୍ଷଣ ଦେଖାଯାଏ। ମୂତ୍ରନଳୀ ସଂକ୍ରମଣ ତଥା ମୂତ୍ରାଶୟର ପଥରପରି ଜଟିଳତାରୁ ସୁରକ୍ଷା ପାଇବା ପାଇଁ ଆରମ୍ଭରୁ ଲକ୍ଷଣକୁ ବୁଝିବା ଆବଶ୍ୟକ। ଲକ୍ଷଣ ଅନୁଯାୟୀ ଚିକିତ୍ସା ନକଲେ, ପରିସ୍ରା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବିପିଏଚ୍ର ନିଦାନ ପାଇଁ ରୋଗୀଙ୍କୁ ଶାରୀରିକ ଯାଞ୍ଚ, ମୂତ୍ର ପରୀକ୍ଷା, ଅଲଟ୍ରାସାଉଣ୍ଡ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ପ୍ରୋଷ୍ଟେଟ ଅଧିକ ବଢ଼ିଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସର୍ଜରୀ କରାଇବାକୁ ପଡ଼ିଥାଏ। ଶୀତଦିନେ ଏହି ସମସ୍ୟା କମ୍ କରିବାକୁ ପୁରୁଷଙ୍କୁ ହାଇଡ୍ରେଟ ରହିବା ଜରୁରି। ଅତ୍ୟଧିକ କଫି କିମ୍ବା ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ଶାରୀରିକ ରୂପେ ସକ୍ରିୟ ରହିବା ଜରୁରି। ଥଣ୍ଡାରୁ ସୁରକ୍ଷିତ ଦେଉଥିବା ପୋଷାକ ପିନ୍ଧନ୍ତୁ। ସନ୍ତୁଳିତ ଆହାର ଗ୍ରହଣ କରିବା ଜରୁରି। ୬୦ ବର୍ଷରୁ ଅଧିକ ବୟସର ପୁରୁଷ ଥଣ୍ଡା ଦିନେ ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରି। ନିୟମିତ ଯାଞ୍ଚ ପାଇଁ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେଇ ପାରିବେ।

# ବାୟୁରୁ ଭୂତାଣୁ ଚିହ୍ନଟ କରିବ ସେନ୍ସର

ଦିନକୁ ଦିନ ବାୟୁ ପ୍ରଦୂଷଣ ଭୟଙ୍କର ହେଉଛି। ବିଷାକ୍ତ ବାୟୁ କେବଳ ପରିବେଶକୁ ଦୂଷିତ କରୁଛି ତାହା ନୁହେଁ, ମନୁଷ୍ୟ ଶରୀର ଉପରେ ନାନା କ୍ଷତି ପହଞ୍ଚାଉଛି। ପ୍ରଦୂଷିତ ବାୟୁ ଯୋଗୁଁ ଫୁସ୍‌ଫୁସ୍‌ଜନିତ ସମସ୍ୟା, ଗଳା ଯନ୍ତ୍ରଣା, କାଶ, ହୃଦ୍‌ରୋଗ, ଫୁସ୍‌ଫୁସ୍ କର୍କଟ, ଯକ୍ଷ୍ମା, ଆଜ୍‌ମା ପରି ରୋଗ ବ୍ୟାପିବାର ଆଶଙ୍କା ରହିଛି। ହେଲେ ଏବେ ବାୟୁରୁ ମଧ୍ୟ କ୍ଷତିକାରକ ଭୂତାଣୁ ଚିହ୍ନଟ ସହଜ ହେବ। ଆମେରିକା ପରି ଦେଶରେ ବାୟୁରୁ ବିପଜ୍ଜନକ ଭୂତାଣୁ ଚିହ୍ନଟ ପାଇଁ ଅତ୍ୟାଧୁନିକ ସେନ୍ସର ବିକଶିତ କରାଯାଇଥିବାବେଳେ ଏକ୍ଷେତ୍ରରେ ଆଇଆଇଟି ଚେନ୍ନାଇ ସଂସ୍ଥାନ ମଧ୍ୟ ପଛରେ ନାହିଁ। ଏହି ସେନ୍‌ସର ଉପରେ ଗବେଷକମାନେ ନାନା ଗବେଷଣା କରୁଛନ୍ତି। ଏନେଇ ଆମେରିକା, ମିୟାମି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ.ପ୍ରତିମ ବିଶ୍ୱାସ ଡ୍ୟୁକ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଷ୍ଟ୍ରୀୟ ଏରୋଜୋଲ କନ୍‌ଫେରେନ୍ସରେ ଏହି କୌଶଳ ଉପରେ ସବିଶେଷ ତଥ୍ୟ ଦେଇଛନ୍ତି। ଏହି ସେନ୍ସର ବାୟୁରେ ଥିବା ବିପଜ୍ଜନକ କଣ ଏବଂ ଭୂତାଣୁକୁ ସଠିକ୍ ଚିହ୍ନଟ କରିପାରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ବାୟୁରେ ଧୂଳି ବ୍ୟତୀତ ଅଙ୍ଗାରକାମ୍ଳ, ସଲ୍‌ଫର ଆଦି ଅନେକ ପ୍ରକାର ବିପ୍ଜନକ କଣ ଥାଏ। ଏହାକୁ ପରିଚାଳନା କରିବାକୁ ଏବେ ସ୍ୱତନ୍ତ୍ର ଉପକରଣ ବିକଶିତ କରାଯାଉଛି। ଯେଉଁଥିରୁ ବାୟୁରେ ବ୍ୟାପୁଥିବା ବିଭିନ୍ନ ପ୍ରକାର ଭୂତାଣୁ ଚିହ୍ନଟ ସହ ଭୂତାଣୁ କେତେ ବିପଜ୍ଜନକ ତାହା ମଧ୍ୟ ଆକଳନ କରିପାରିବ। ତେବେ କରୋନା ସମୟରେ ଆମେରିକା ଏବଂ ରୁସ୍ ପରି ଦେଶ ଦ୍ୱାରା ବିକଶିତ କରାଯାଇଥିବା ଭାଇରଲ ସେନ୍ସରକୁ ଅଧିକ ଉନ୍ନତ କରିବାକୁ ଏହା ଉପରେ କାମ ଚାଲୁଛି। ଯାହା କି ବାୟୁରେ ସମସ୍ତ ପ୍ରକାର ଭୂତାଣୁ ଆସିଲେ, ତୁରନ୍ତ ଆଲର୍ଟ କରିପାରିବ। ଏହାଦ୍ୱାରା ଭବିଷ୍ୟତରେ ଯେକୌଣସି ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କରୋନା ପରି ଘାତକ ରୋଗକୁ ନିୟନ୍ତ୍ରଣ କରିବାରେ ଏହି ସେନ୍ସର ବଡ଼ ଭୂମିକା ରହିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ରଖିଛନ୍ତି।



# ଟିରଜେପଟାଇଡ

ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ମଧୁମେହରେ ରକ୍ତଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ଯଦିଓ ଉତ୍ତମ ଜୀବନଶୈଳୀ ଆପଣାଇବା ଏହି ରୋଗ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ, କିନ୍ତୁ ଅଧିକାଂଶଙ୍କ ପାଇଁ ଦୈନନ୍ଦିନ ଔଷଧ ସେବନ ଜରୁରି ହୋଇଥାଏ। ଏକ୍ଷେତ୍ରରେ ମଧୁମେହରେ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବାକୁ ଟିରଜେପଟାଇଡ ଔଷଧକୁ ଅଧିକ ପ୍ରଭାବୀ ମନାଯାଉଛି। ଏହି ଗୋଟିଏ ଔଷଧ କେବଳ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବ ତାହା ନୁହେଁ, ବରଂ ମୋଟାପା କମ୍ କରିବାରେ ସହାୟକ ହେବ। ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ରାମବାଣ ସଦୃଶ ଟିରଜେପଟାଇଡ। ସାଧାରଣତଃ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ମୋଟାପା ଏକ ସାଧାରଣ ସମସ୍ୟା। ଏହି ଔଷଧ ମଧୁମେହ ଲକ୍ଷଣ ସୁଧାରିବା ସହ ମେଟାବଲିଜିମ ବୃଷ୍ଟ କରିବାରେ ସାହାଯ୍ୟ କରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ଔଷଧକୁ ଏବେ ମଞ୍ଜୁରୀ ମିଳିଥିବାବେଳେ ଏହା ଖୁବ୍‌ଶୀଘ୍ର ଭାରତରେ ଉପଲବ୍ଧ ହେବ। ଔଷଧର ମୂଲ୍ୟକୁ ନେଇ କୌଣସି ସୂଚନା ନାହିଁ। ଅନ୍ୟପଟେ ଏହି ଔଷଧର ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଔଷଧ ସେବନରୁ ବାନ୍ତି, ଝାଡ଼ା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଖାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ଶାରିରୀକ ସ୍ଥିତି ଅନୁସାରେ ଏହି ଔଷଧ ସେବନ କରିବା ଅନୁଚିତ।



ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରୁ ବାଲିଆପାଳ ବାଦ୍

## ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ



**ବାଲିଆପାଳ,୧୭।୮ (ସଂଚାର ବ୍ୟୁରୋ):** ରାଜ୍ୟରେ ଆଜି ୧୨ ବ୍ଲକକୁ ମହାବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞାପିତ ପ୍ରକାଶ ପାଇଛି। ଏହି ୧୨ ମଧ୍ୟରୁ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ବସ୍ତା ବ୍ଲକ ଅନ୍ତର୍ଭୁକ୍ତ ଅଛି। ମାତ୍ର ପୂର୍ବରୁ ଏନଏସି ଭାବରେ ଘୋଷଣା ହୋଇଥିବା ବାଲିଆପାଳ ବ୍ଲକ ଏଥିରୁ ବାଦ ପଡ଼ିଛି। ଯାହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳକୁ ଏନଏସି ଘୋଷଣା କରିଥିଲେ। ଏନଏସି ଘୋଷଣାର ଶ୍ରେୟ ନେଇ ରାଜନୈତିକ ଦଳ ସମେତ କିଛି ସଂଗଠନ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ବାଲିଆପାଳ ତହସିଲ ପକ୍ଷରୁ ଏନେଇ ସର୍ଭେ କରାଯିବା ସହ ଏନଏସି ଅଞ୍ଚଳରେ ଥିବା ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଏନଏସିକୁ ନେଇ ଅନେକ ଆଶାବାଡ଼ୀ ଥିବା ବେଳେ ଆଜିର ବିଜ୍ଞପ୍ତି ବାଲିଆପାଳବାସୀଙ୍କ ଦୀର୍ଘ ଦିନ ଦାବିକୁ ନିରାଶ କରିଛି। ତୁରନ୍ତ ଏହାର ପୁନଃ ବିଚାର କରା ନ ଗଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ବହୁ ସଂଗଠନ ଚେତାବନୀ ଦେଇଛି।

ବାଘନକି ଗାଁରେ ସରକାରୀ ଯୋଜନା ବାଟବଣା

# ସ୍ୱାଧୀନତାର ୭୮ ବର୍ଷ ପରେ ବି ମୌଳିକ ସୁବିଧା ଅପହଞ୍ଚ

**ଲାଞ୍ଜିଗଡ଼,୧୭।୮ (ସଂଚାର ବ୍ୟୁରୋ):** ଉଭୟ ସରକାରଙ୍କ ମାଳମାଳ ଯୋଜନା ସତ୍ତ୍ୱେ ବାଘନକି ଗାଁରେ ସରକାରୀ ଯୋଜନା ବାଟବଣା। ଆଜିବି ପହଞ୍ଚି ପାରିନି ମୌଳିକ ସୁବିଧା। ନା ମିଳିଛି ପକ୍କାରାସ୍ତା ନା ମିଳିଛି ବିଶୁଦ୍ଧ ପାନୀୟ ଜଳ। ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ସାତ ସପନ ପାଲଟିଛି। ଏହା ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭତାଙ୍ଗପଦର ପଞ୍ଚାୟତ ବାଘନକି ଗାଁର ଚିତ୍ର।

ଉକ୍ତ ଗାଁରେ ପାଖାପାଖି ୩୦ଘର ଆଦିବାସୀ ଜନସମ୍ପ୍ରଦାୟ ଲୋକେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ହେଲେ ଏବେବି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଓ ବିଜୁଳି ଭଳି ଅନେକ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗାଁ ଚାରି ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ଗାଁରେ ବିଜୁଳି ସଂଯୋଗ ହୋଇନଥିବା ଯୋଗୁଁ ବନ୍ୟଜନ୍ତୁଙ୍କ ଭୟରେ ଲୋକେ ସଂଧ୍ୟା ହେଲେ କବାଟ ଢାଙ୍କୁଛନ୍ତି। ଗାଁରେ ପିଇବା ପାଣି ପାଇଁ ସୋଲାର ମାଧ୍ୟମରେ ପାଣି ଯୋଗାଇ ଦିଆଯାଉଛି ତାହା ବି ଠିକ ଭାବରେ ଚାଲୁନାହିଁ ତେଣୁ ବାଧ୍ୟ ହୋଇ ଗାଁ ଲୋକେ ନାଳର ଗୋଳିଆ ପାଣି ପିଉଛନ୍ତି। ଗାଁରେ ସ୍କୁଲ ବା ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଏମାନଙ୍କୁ ସ୍କୁଲ ଯିବାକୁ ହେଲେ ବଣପାହାଡ଼ ଘେରା ରାସ୍ତା ଦେଇ ୪କି. ମି ଆମପଦର ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡ଼ିଥାଏ। ତେବେ ବଣପାହାଡ଼ ରାସ୍ତା ଯୋଗୁଁ ଅନେକ ପିଲା ଭୟରେ ସ୍କୁଲ ଯାଉନାହାନ୍ତି। ଗାଁରେ ସ୍କୁଲ, ବିଜୁଳି ଓ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଏହି ଗାଁ ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମ ବାସୀମାନେ ଦାବି କରିଛନ୍ତି।



## ରାଷ୍ଟ୍ରୀୟ ସମ୍ମାନ ସହ ଶହୀଦ ଯବାନ ସୁରେଶଙ୍କ ଶେଷକୃତ୍ୟ ସମ୍ପନ୍ନ



**ଫୁଲବାଣୀ,୧୭।୮ (ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡରେ ଶହୀଦ ହୋଇଥିବା କନ୍ଧମାଳର ଯବାନ ସୁରେଶ ମଲ୍ଲିକଙ୍କ ମୃତଶରୀର ରବିବାର ତାଙ୍କ ନିଜ ଗ୍ରାମ ଗୁଦାରୀରେ ପହଞ୍ଚିଛି। ଏକ ଭାବବିହ୍ୱଳ ପରିବେଶ ଭିତରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ସୁରେଶ ଭାରତୀୟ ସୈନ୍ୟ ବାହିନୀର ବିହାର ରେଜିମେଣ୍ଟରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ଉତ୍ତରାଖଣ୍ଡରେ ହୋଇଥିବା ଭୟାବହ ଭୂସ୍ଖଳନ ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ସେ ନିୟୋଜିତ ଥିଲେ। ଏହି ସମୟରେ ତାଙ୍କ ଉପରେ ମାଟି ଅତଡା ଖସି ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଦିଲ୍ଲୀ ଆର୍ମି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ସେ ଅଗଷ୍ଟ ୧୫ ତାରିଖ ରାତିରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ସେନାବାହିନୀର ଏକ ସ୍ୱତନ୍ତ୍ର ଗାଡି ଯୋଗେ ତାଙ୍କ ମୃତଦେହକୁ ନିଜ ଗ୍ରାମ ଖଜୁରୀପଡା ବ୍ଲକ ଗୁଦାରୀକୁ ଅଣାଯାଇଥିଲା। ସେଠାରେ ପରିବାର ଲୋକ, ଗ୍ରାମବାସୀ, ଜିଲ୍ଲା ପ୍ରଶାସନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଶହୀଦ ସୁରେଶ ୨୦୦୪ରେ ସେନାବାହିନୀରେ ଯୋଗ ଦେଇଥିଲେ ଏବଂ ଆସନ୍ତା ବର୍ଷ ଅବସର ନେଇ ଥାଆନ୍ତେ। ମୃତ ସୁରେଶଙ୍କ ପରିବାରରେ ସ୍ତ୍ରୀ ଏବଂ ଦୁଇ ପୁଅ ଅଛନ୍ତି।

ସଞ୍ଜ ନଇଁଲେ ମାଡ଼ି ଆସେ ଅନ୍ଧାର

# କନ୍ଧମାଳର ୩୪୨ ଗାଁ ଦେଖିନି ବିଦ୍ୟୁତ୍ ଆଲୋକ

**ଫୁଲବାଣୀ,୧୭।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ତିନିଶହରୁ ବେଶୀ ଗାଁ ଦେଖିନାହାନ୍ତି ବିଦ୍ୟୁତ ଆଲୋକ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ରହିଛି ସର୍ବାଧିକ ସମସ୍ୟା। ପାହାଡ଼ ଜଙ୍ଗଲ ମଧ୍ୟରେ ରହିଥିବା ଏହିସବୁ ଗାଁରେ ସଞ୍ଜ ନଇଁଲେ ମାଡ଼ି ଆସେ ଅନ୍ଧାର । ବନ୍ୟଜନ୍ତୁଙ୍କ ଭୟରେ ବିତେ ରାତି। ଏପଟେ ବିଦ୍ୟୁତ୍ ଅଭାବରୁ ମୋବାଇଲ୍ ସେବା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅନ୍‌ଲାଇନ୍ କାମ ପାଇଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।



ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କନ୍ଧମାଳ ଜିଲ୍ଲାର ଏଭଳି ଅବସ୍ଥା । ଜିଲ୍ଲାରେ ୧୭୧ଟି ପଞ୍ଚାୟତରେ ରହିଛି ୨୫୯୯ ଗ୍ରାମ। ଏଥି ମଧ୍ୟରୁ ୩୪୨ଟିରେ ପହଞ୍ଚି ପାରିନି ବିଦ୍ୟୁତ୍ ଆଲୋକ । ବିଶେଷ କରି ବାଲିଗୁଡା, କୋଟଗଡ, ତୁମୁଡ଼ିବନ୍ଧ, ଦାରିଙ୍ଗବାଡ଼ି ବ୍ଲକରେ ରହିଛି ସର୍ବାଧିକ ସମସ୍ୟା । ଜିଲ୍ଲାର ଫୁଲବାଣୀ ଓ ଜି.ଉଦୟଗିରିରେ ୧୩୨ କେଭି କ୍ଷମତା ବିଶିଷ୍ଟ ଦୁଇଟି ବିଦ୍ୟୁତ ଗ୍ରୀଡ୍ ରହିଛି। ଦାରିଙ୍ଗବାଡ଼ି ନିକଟବର୍ତ୍ତୀ ସିର୍ତ୍ତିଗୁଡ଼ାରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ୨୨୦ କେଭି କ୍ଷମତା ବିଶିଷ୍ଟ ଗ୍ରୀଡ୍ ନିର୍ମିତ ହୋଇ ୬ ବର୍ଷ ବିତିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଜଙ୍ଗଲ ବିଭାଗ ଅନୁମତି ମିଳୁ ନଥିବାରୁ ଟାୱାର ନିର୍ମାଣ କାମ ଅଟକି ରହିଛି । ଅନ୍ୟ ପକ୍ଷରେ ବିଦ୍ୟୁତ୍‌କରଣ ହୋଇ ନ ଥିବା ସମସ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି । ଏଥିପାଇଁ ସରକାରଙ୍କ ନିକଟକୁ ୩୦ କୋଟି ଟଙ୍କାର ଏକ ଡିପିଆର ପଠାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ। ଏହି ପ୍ରସ୍ତାବ ଗୃହୀତ ହେଲେ ବିଦ୍ୟୁତ୍‌କରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଫୁଲବାଣୀ ଡିଭିଜନ ଅଧୀନରେ ବିଦ୍ୟୁତ ସଂଯୋଗ ହୋଇଥିବା ଘର ସଂଖ୍ୟା ୧ ଲକ୍ଷ ୬୭ ହଜାର । ଆବଶ୍ୟକତା ଅନୁଯାୟୀ ବିଦ୍ୟୁତ୍ ଶକ୍ତି ଅଭାବରୁ ଅନେକ ସ୍ଥାନରେ ଲୋ ଭୋଲଟେଜ୍ ସମସ୍ୟା ରହୁଛି । ଏହାର ସମାଧାନ ପାଇଁ ନୂତନ ଗ୍ରୀଡ୍ ସ୍ଥାପନର ଆବଶ୍ୟକତା ରହିଥିବା କୁହାଯାଉଛି ।

## ୧୩ ବର୍ଷୀୟା ନାବାଳିକା ହେଲେ ମା’

● ଅସଦାଚରଣ ଅଭିଯୋଗ ନେଇ ଥାନାରେ ମାମଲା

**ବାଲିଆପାଳ,୧୭।୮ (ସଂଚାର ବ୍ୟୁରୋ):** ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଗୁରୁବାର ଜନୈକ ତେର ବର୍ଷୀୟା ନାବାଳିକା ଏକ ଶିଶୁ କନ୍ୟା କୁ ଜନ୍ମ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଜନୈକ ନାବାଳିକା ପଶ୍ଚିମ ବଙ୍ଗର ରାଜନଗର ଥାନା ଅନ୍ତର୍ଗତ ଗୋପିନାଥପୁର ପୁର ଅଞ୍ଚଳର। ସେ ପିଲା ଦିନରୁ ଯମୁନା ଶୁଳ ଅଞ୍ଚଳରେ ଥିବା ଅଜା ଘରେ ରହିଆସୁଥିଲେ।ଉକ୍ତ ଅଞ୍ଚଳର ଜନୈକବ୍ୟକ୍ତି ନାବାଳିକାଙ୍କୁ ଶାରିରୀକ ସମ୍ପର୍କ ରଖି ଥିଲେ। ଏନେଇ ନାବାଳିକା ଙ୍କ ପରିବାର ଜାମ କୁଣ୍ଡା ଫାଣ୍ଡି ରେ ଅଭିଯୋଗ କରିବା ପରେ ବାଲିଆପାଳ ତାନା କେଶ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ ହୋଇଛି।ତେବେ ସେହି ଦିନଠାରୁ ଉକ୍ତ ଯୁବକ ଜଣଙ୍କ ଫେରାର ହୋଇଯାଇଥିବା ପୋଲିସ କହୁଛି।ଗୁରୁବାର ନାବାଳିକା ଶିଶୁକନ୍ୟା ଜନ୍ମ ପରେ ପୋଲିସ ସେ ମା ଝିଅକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିବା କହୁଥିବା ବେଳେ ବାଲେଶ୍ୱର ଚାଇଲ୍ଡ ଲାଇନର ମୁଖ୍ୟ ପଡଶାନ୍ତ କୁମାର ରାଉତ ଏବିଷୟରେ ଜାଣୀନଥିବା କହିଛନ୍ତି।ଏହି ଘଟଣାକୁ ଗୁରୁତର ସହ ନେଇ ମାଝିଅକୁ ନ୍ୟାୟ ଦେବା ସହ ଅଭିଯୁକ୍ତ ଯୁବକକୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି।

● ସରାଟ ସମବାୟ ସମିତି ପକ୍ଷରୁ ନିଆରା ପ୍ରୟାସ

## ପ୍ରଶାସନ ନଶୁଣିବାରୁ କଲେ ରାସ୍ତା ମରାମତି



**ବାଲିପାଟଣା,୧୭।୮ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣାରୁ ଚଣାହାଟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ସରାଟ ସମବାୟ ସମିତିର ସଭାପତି ଭାରତ ଭୂଷଣ ମହାନ୍ତି ଙ୍କ ପକ୍ଷରୁ ଶ୍ରମଦାନ କରି ନିଜ ଉଦ୍ୟମରେ ରାସ୍ତା ମରାମତି କରିଛନ୍ତି। ସୂଚନା ଅନୁସାରେ ଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତା ଖାଲ ଖମା ଭର୍ତ୍ତି ହୋଇ ଶୋଚନୀୟ ଅବସ୍ଥାରେ ରହିଥିଲା!ଏହି ରାସ୍ତା ଟି ବିଦ୍ୟାଳୟ ପାଖରେ ଥିବାରୁ ପ୍ରତ୍ୟେକ ଦିନ କିଛି ନା କିଛି ଛୋଟ ମୋଟ ଦୁର୍ଘଟଣା ହେଉଥିଲା। ବାରମ୍ବାର ଲୋକେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନକୁ ବାରମ୍ବାର ରାସ୍ତା ପାଇଁ ଦାବି କରିଥିଲେ। ମାତ୍ର ପ୍ରଶାସନ ରାସ୍ତା ମରାମତି କରିବାକୁ ବିଫଳ ହେବାରୁ ଆଜି ସ୍ୱାଧୀନତା ଦିବସରେ ସମବାୟ ସମିତି ପକ୍ଷରୁ ଏପରି ନିଆରା କାର୍ଯ୍ୟକ୍ରମ କରାଯାଇଥିଲା। ସରାଟ ସେବା ସମବାୟ ସମିତିର ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ସମେତ ଅମୂଲ୍ୟ ପ୍ରଧାନ, ମାନସ ପଣ୍ଡା,ଧୀରେନ୍ଦ୍ର ରାଉତରାୟ, ଗୌତମ ଭୋଇ, ସୁଜିତ କୁମାର ସାହୁ, ସୁରେନ୍ଦ୍ର ବେହେରା, ସଂଗ୍ରାମ କୃଷ ଦାଶ, ବାବୁଲାଲ ନାୟକ,ବାବୁଲି ମଲ୍ଲିକ,ସୁବୋଧ ମଲ୍ଲିକ ଉପସ୍ଥିତ ରହି ସହଯୋଗ କରିଥିଲେ। ତେବେ ସମବାୟ ସମିତିର ଏଭଳି ପ୍ରୟାସକୁ ସଭାପତି ଭାରତ ଭୂଷଣ ମହାନ୍ତିଓ ଅଶୋକ କୁମାର ଜେନାଙ୍କୁ ଅଂଚଳରେ ବେଶ୍ ପ୍ରଶଂସା କରାଯାଉଛି ।

## ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଚାଲିଗଲା ନାବାଳକର ଜୀବନ

**ବାଲିପାଟଣା,୧୭।୮ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା କୁଳନ୍ତିରା ଶାସନରେ ବିଦ୍ୟୁତ ଖୁଣ୍ଟରୁ ଷ୍ଟେ ଛିଣ୍ଡି ପଡିବା ଫଳରେ କରେଣ୍ଟ ସଂସ୍ପର୍ଶରେ ଆସି ଜଣେ ଚତୁର୍ଥ ଶ୍ରେଣୀର ଛାତ୍ର ମୃତ୍ୟୁ ହୋଇଛି। କରେଣ୍ଟରେ ମୃତ୍ୟୁବରଣ କରିଥିବା ଛାତ୍ର ଚନ୍ଦନ ଭୋଇ (୧୨)। ଆଜି ମଧ୍ୟାହ୍ନ ସାଢେ ଗୋଟେ ସମୟରେ ବର୍ଷା ପବନ ହୋଇଥିଲା। ଗାଁ ମଝିରେ ଚାକୁଣ୍ଡା ଗଛ ଡାଳରେ ବନ୍ଧା ହୋଇଥିବା ଲାଇନ ଖୁଣ୍ଟର ଷ୍ଟେ ତାର ବର୍ଷା ପବନରେ ଛିଣ୍ଡି ତଳେ ପଡିଥିଲା। ଚନ୍ଦନ ଭଙ୍ଗା ଡାଳ ଆଣିବାକୁ ଯିବା ସମୟରେ କରେଣ୍ଟ ଚାର୍ଜ ହୋଇଥିବା ଛିଣ୍ଡା ଷ୍ଟେ ତାରର କରେଣ୍ଟ ସଂସ୍ପର୍ଶରେ ଆସି ତଳେ ପଡି ଯାଇଥିଲେ। ହାତ, ପିଠି, ପେଟରେ ଲାଗି ଜଳି ଯାଇଛି। ଚନ୍ଦନଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟା ପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଯାଇଥିଲା। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ମୃତ ଘୋଷଣା କରିଥିଲେ।

## ପୋଖରୀବନ୍ଧରେ ଦଶହରା ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ

**ଲାଞ୍ଜିଗଡ଼,୧୭।୮ (ସଂଚାର ବ୍ୟୁରୋ):** ଶାରଦୀୟ ଦଶହରା ଦୁର୍ଗାପୂଜା ପାଇଁ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ମଣ୍ଡପରେ ମାଆଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ଶନିବାର ମାଟି ଅନୁକୂଳ ଆରମ୍ଭ ହୋଇଛି। ପବିତ୍ର ଜନ୍ମାଷ୍ଟମୀ ଅବସରରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ସ୍ଥିତ ମାଁ ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ଚଳିତ ବର୍ଷ ସର୍ବ ପ୍ରଥମେ ମାଟି ଅନୁକୂଳ ହୋଇଛି। ସମସ୍ତ ବୈଦିକ ରୀତିନୀତି ଅନୁଯାୟୀ ମାଁ ଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ ହୋଇଥିଲା। ମାଁ ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ମାଁ ଦୁର୍ଗାଙ୍କ ଦଶହରା ପର୍ବ ତୃତୀୟ ବର୍ଷରେ ପଦାର୍ପଣ କରୁଥିବା ବେଳେ ମାଁ ଙ୍କ ମୃଣ୍ମଇ ମୂର୍ତ୍ତି ପାଇଁ ମାଟି ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଛି। ପୂଜକ ତଥା ମୂର୍ତ୍ତି କାରିଗର କାଳିପଦ ମଣ୍ଡଳ ପବିତ୍ର ମାଟି ସଂଗ୍ରହ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଛନ୍ତି।



## ଗୋଛାପଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଚାରାରୋପଣ

**ଫିରିଙ୍ଗିଆ,୧୭।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମଟି ଶାଖା ପରିଚାଳକ ଶ୍ରୀ ଶୁଭମ୍ କଂସରାଳଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁର ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଶ୍ରୀ ଯୁଗାନ୍ତ କହଁର ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ କ୍ଷେତ୍ର ପରିଚାଳକ ସତ୍ୟବ୍ରତ ସ୍ୱାଇଁ,କ୍ୟାସିଅର ସତ୍ୟପ୍ରକାଶ ବେହେରା, ଚନ୍ଦ୍ର ଶେଖର ମହାକୁଡ଼, ବ୍ୟାଙ୍କମିତ୍ର ଶ୍ରୀମତୀ ଅନ୍ନପୂର୍ଣ୍ଣା କହଁର ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଅଁଳା , କାଜୁ,ସଜନା, ଶାଗୁଆନ,ଲିମ୍ବ, ଜାମୁକୋଳି, କରଞ୍ଜ ପରି ଏକ ଶହରୁ ଉର୍ଦ୍ଧ ବୃକ୍ଷ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ସମାଜ ସେବୀ ଶ୍ରୀବନ୍ତ କହଁର (ପପୁ) , ମୋହନ ଦିଗାଲ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ ।



## ଘରେ ପଶି ନେଇଗଲେ ତିରିଶ ଲକ୍ଷର ସୁନା ଅଳଙ୍କାର



**ପାରାଦୀପ,୧୭।୮ (ସଂଚାର ବ୍ୟୁରୋ):** ଗ୍ରୀଲ ତାଡି ଲୁଟିନେଲେ ତିରିଶ ଭରି ସୁନା ଅଳଙ୍କାର। ରାତି ଅଧରେ ଆସି ଲୁଟିଲେ ଚାଲିଗଲେ। ଏଭଳି ଘଟଣା ଘଟିଛି ଏବେ ପାରାଦୀପ ଉପକଣ୍ଠ ନୂଆଗଡ଼ ଗ୍ରାମରେ। ଅଭୟ କୁମାର ବେହେରା ଭୁବନେଶ୍ୱର ଏକ ମେଡିକାଲ କେଶରେ ଯାଇଥିବାବେଳେ ତାଙ୍କ ଘର ଭିତରକୁ ଝରକା ଗ୍ରୀଲ ତାଡି ଦୁର୍ବୃତ୍ତ ମାନେ ପ୍ରବେଶ କରିବା ସହ ଘରେ ଥିବା ସବୁ ସୁନା ଅଳଙ୍କାର ଲୁଟ କରି ନେଇ ଯାଇଛନ୍ତି। ପୁଲିସ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରେ ଲକ ଥାନା ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି। ଗତ କିଛିମାସ ହେବ ପାରାଦୀପ ଲକଥାନା ଓ ଏହାର ଆଖପାଖ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ବେଳେ ଅନେକ ଗିରଫ ହୋଇଛନ୍ତି ଓ ଅନେକ ଫେରାର ଥିବା ଜଣାପଡ଼ିଛି।

## ଇଣ୍ଡିଆନ୍ ଅଏଲ୍ ରିଫାଇନରୀରେ ୭୯ତମ ସ୍ୱାଧୀନତା ଦିବସ ପାଳିତ

**ପାରାଦୀପ,୧୭।୮ (ସଂଚାର ବ୍ୟୁରୋ):** ପାରାଦୀପ ରିଫାଇନରୀରେ ୭୯ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପ୍‌ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲା। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ଆମ ଦେଶର ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଡିପିଏସ୍ ପାରାଦୀପ ରିଫାଇନରୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସ ପାଳନ ସମାପ୍ତ ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ, ପାରାଦୀପ ରିଫାଇନରୀ ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ।



## ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ

**ପାରାଦୀପ,୧୭।୮ (ସଂଚାର ବ୍ୟୁରୋ):** ପାରାଦୀପ ସ୍ଥିତ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ ପ୍ରବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ। ଏଥି ସହିତ ଜେଏସଡବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ କମ୍ପାନୀର ସୁରକ୍ଷା ତଥା ଅନ୍ୟାନ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ମାନଙ୍କ ପରିବାର ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।




## ବାରିପଦାରେ ୭୯ତମ ସ୍ୱାଧୀନତା ଦିବସ

**ବାରିପଦା,୧୭।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସମଗ୍ର ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଏହି ପବିତ୍ର ଜାତୀୟ ଦିବସକୁ ହର୍ଷ ଓ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଥିଲା। ଉକ୍ତ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୫ ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆରେ, ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ପବିତ୍ର ଦିବସର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ଉକ୍ତ ଜିଲ୍ଲା ସ୍ତରୀୟ ପ୍ୟାରେଡ ରେ ପୋଲିସ ବ୍ୟାଣ୍ଡକୁ ମିଶାଇ ୪୫ ଟି ଦଳ ଅଂଶ ଗ୍ରହଣ କରିଥିଲେ।

## କୁଇ ସମାଜ ସେବା ସମିତିର ସ୍ୱାଧୀନତା ଦିବସ ପାଳିତ



**କନ୍ଧମାଳ,୧୭।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ସଦର ମହକୁମା ପୁରାତନ ସଂଗଠନ କୁଇ ସମାଜ ସେବା ସମିତି ପକ୍ଷରୁ ଫୁଲବାଣୀ କାର୍ଯ୍ୟାଳୟ ଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବଟି କୁଇ ସମାଜ ସେବା ସମିତି ଫୁଲବାଣୀ ସାଧାରଣ ସମ୍ପାଦକ ଅବନୀ କୁମାର କହଁରଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ଏଥିରେ କୁଇ ସମାଜ ସେବା ସମିତି କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ କହଁର,ନାରୀ ସଭାନେତ୍ରୀ ସୌଦାମିନୀ କହଁର, ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କୁମାର କହଁର, ଆଦିବାସୀ କର୍ମଚାରୀ ସଂଘ ଗଙ୍ଗାଧର କହଁର, ଆଦିବାସୀ ମହାସଂଘ ଓଡ଼ିଶାର ମନୋଜ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ କୁମୁଦ ଚନ୍ଦ୍ର ମଲିକ ସମାଜ ସେବୀ ସୁନୀତି କହଁର, ମିଡିଆ ସେଲ ସମ୍ଭୁପାଣି କହଁର, ମଞ୍ଜୁଲତା କହଁର ସମେତ ବୁଦ୍ଧିଜୀବିମାନେ ଏବଂ ଯୁବକଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସିନ୍ଧିବାହାଲି ପ୍ରାଥମିକ ବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ

**ଲାଞ୍ଜିଗଡ଼,୧୭।୮ (ସଂଚାର ବ୍ୟୁରୋ):** ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ୭୯ତମ ସ୍ୱାଧୀନତା ଦିବସ ପାଳିତ କରାଯାଉ ଥିବାବେଳେ ଏହି ପରିପ୍ରେକ୍ଷୀରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସିନ୍ଧିବାହାଲି ଠାରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପୂର୍ବରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଜାତୀୟ ସ୍ଲୋଗାନ ଓ ରାମଧୂନ ଗାନ କରି ଗାଁ ପରିକ୍ରମା କରିବାପରେ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରାମ ବିଭାର ଜାତୀୟ ପତାକାଟିକୁ ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଛାତ୍ର ଛାତ୍ରୀଙ୍କ ଜାତୀୟ ସଙ୍ଗୀତ ଗାନରେ କମ୍ପି ଉଠିଥିଲା ବିଦ୍ୟାଳୟ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

**ବଲାଙ୍ଗିର,୧୭।୮ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅତି ଆଡମ୍ବର ଓ ହର୍ଷ ଉଲ୍ଲାସ ସହ ପାଳିତ ହୋଇଛି । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସକାଳ ୦୭.୩୦ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ-୨୦୨୫ ସ୍ଥାନୀୟ ମନୋହରପୁରର ରିଜର୍ଭ ପୋଲିସ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡରେ ମୋଟ ୩୮ ଗୋଟି ପ୍ଲାଟୁନ ସହ ପୁଲିସ ବ୍ୟାଣ୍ଡ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାର ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଭାବେ ସହିଦ ମାନଙ୍କର ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଏହି କାର୍ଯ୍ୟକ୍ରମରେ ଲୋକ ସଭା ସାଂସଦ ସଂଗୀତା କୁମାରୀ ସିଂହ ଦେଓ, ଅଧ୍ୟକ୍ଷା, ଜିଲ୍ଲାପରିଷଦ ଦେବକୀ ସାହୁ, ଜିଲ୍ଲାପାଳ, ଗୌରଓ୍ୱ ଶିଓ୍ୱାଜି ଇଶଲଓ୍ୱାର, ପୋଲିସ ଅଧିକ୍ଷକ ଅବିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡା. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ତରୁଣୀ ସୁନା, ଉପଜିଲ୍ଲାପାଳ, ବଲାଙ୍ଗିର ଆଲୋକ ପଟେଲ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ, ବିଶିଷ୍ଟ ବ୍ୟକ୍ତିବିଶେଷ ,ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରି, ଅଭିବାବକ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।